


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଗୁରୁବାର ୨୬ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 26 September 2024
Vol.No. 35 ■ No.258 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ଆଜି ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା

ଭୁବନେଶ୍ୱର, ୨୫/୯ (ନି.ପ୍ର): ଆସନ୍ତା କାଲି ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଜଗତ୍ ପ୍ରକାଶ ନଡ୍ଡା । ୨୬ତାରିଖ ସକାଳ ୧୦.୩୦ରେ ଶ୍ରୀ ନଡ୍ଡା ଭୁବନେଶ୍ୱର ପହଂଚିବେ । ପାର୍ଟୀ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଅପରାହ୍ନରେ ଶ୍ରୀ ନଡ୍ଡା ପ୍ରତ୍ୟାବର୍ତନ କରିବେ ବୋଲି ରାଜ୍ୟ ସାଧାରଣ ସଂପାଦକ ଡ.ଯତୀନ ମହାନ୍ତି ସୂଚନା ଦେଇଛନ୍ତି। ସଦସ୍ୟତା ହେଉଛି କାର୍ଯ୍ୟକର୍ତା ଚୟନର ମୂଳ ଆଧାର । ସଙ୍ଗଠନର ମୂଳ ଆଧାର ହେଉଛନ୍ତି କାର୍ଯ୍ୟକର୍ତା ଏବଂ ବିଜେପିର ମୂଳ ଆଧାର ହେଉଛି ସଙ୍ଗଠନ । ସଙ୍ଗଠନର ଶକ୍ତି ସହିତ ଆମର ବୈଚାରିକ ସ୍ପଷ୍ଟତା ଓ ଗରୀବ କଲ୍ୟାଣର ମନ୍ତ୍ର ଆମକୁ ଦେଶ ଓ



ରାଜ୍ୟରେ ଲୋକଙ୍କର ବିଶ୍ୱାସଭାଜନ କରିଛି । ପାର୍ଟୀର ସାଂଗଠନିକ ମହାପର୍ବ "ସଦସ୍ୟତା ଅଭିଯାନ - ୨୦୨୪" ଚଳିତ ମାସ ୨ ତାରିଖରୁ ଦେଶବ୍ୟାପୀ ଏବଂ ୩ ତାରିଖରୁ ରାଜ୍ୟରେ ଆରମ୍ଭ ହୋଇଛି । ଆମ ସଦସ୍ୟତା ଅଭିଯାନକୁ ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଓ ଗତିଶୀଳ କରିବା ପାଇଁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନଡ୍ଡା ଓଡିଶା ଗସ୍ତରେ ଆସୁଛନ୍ତି ବୋଲି ଡ.ମହାନ୍ତି ସୂଚନା ଦେଇଛନ୍ତି । ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନଡ୍ଡା ଏଜି ଛକସ୍ଥିତ ବାବାସାହେବ ଡ.ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବେ । ଏହା ପରେ ବୁଦ୍ଧିଜୀବି ସମ୍ମିଳନୀରେ ଯୋଗ ଦେଇ ପାର୍ଟୀର ସଦସ୍ୟତା ଅଭିଯାନ ସଂପର୍କରେ ଆଲୋଚନା କରିବେ । ଏହି ଅବସରରେ ରାଜ୍ୟର ବିଭିନ୍ନ ଗୋଷ୍ଠୀ, ଅନୁଷ୍ଠାନ ଓ ସଂଗଠନକୁ ପ୍ରତିନିଧିତ୍ୱ କରୁଥିବା ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେବେ । ମଧ୍ୟାହ୍ନରେ ଶ୍ରୀ ନଡ୍ଡା ରାଜ୍ୟ କାର୍ଯ୍ୟାଳୟଠାରେ ମନ୍ତ୍ରୀ, ସାଂସଦ, ବିଧାୟକ ଏବଂ ରାଜ୍ୟ ପଦାଧିକାରୀଙ୍କ ସହ ସଦସ୍ୟତା ଅଭିଯାନ ସଂପର୍କରେ ଆଲୋଚନା କରିବେ ବୋଲି ଡ.ମହାନ୍ତି ସୂଚନା ଦେଇଛନ୍ତି ।

## ଶ୍ରୀମନ୍ଦିରରେ ନିଯୁକ୍ତ ହେବେ ଖାଦ୍ୟ ଅଧିକାରୀ

ଭୁବନେଶ୍ୱର, ୨୫/୯ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ପୁରୀ ଶ୍ରୀମନ୍ଦିରରେ ଖାଦ୍ୟ ଅଧିକାରୀ ନିଯୁକ୍ତ ହେବେ। ଖାଦ୍ୟ ଅଧିକାରୀ ମହାପ୍ରସାଦ, ଶୁଖିଲି ଭୋଗର ମାନ ଯାଞ୍ଚ କରିବେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ ଖୁବ ଶୀଘ୍ର ମାର୍ଗଦର୍ଶିକା ଜାରି ରହିବ। ରାଜ୍ୟ ସରକାରଙ୍କ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବୁଧବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଦ୍ୱାଦଶ ଶତାବ୍ଦୀର ଶ୍ରୀକ୍ଷେତ୍ରରେ ବ୍ୟବହୃତ ଘିଅର ଗୁଣବତ୍ତା ଏବଂ 'ଭୋଗ'ରେ ବ୍ୟବହୃତ ସାମଗ୍ରୀ ମଧ୍ୟ ଖାଦ୍ୟ ଅଧିକାରୀ ଯାଞ୍ଚ କରିବେ। ଶ୍ରୀମନ୍ଦିରରେ ବିକ୍ରି ହେଉଥିବା ମହାପ୍ରସାଦ, ଘିଅ ଓ ଅନ୍ୟ ସାମଗ୍ରୀ ନେଇ ଶ୍ରଦ୍ଧାଳୁ ଅନେକ ସମୟରେ ଅଭିଯୋଗ ଆଣିଥାନ୍ତି। ପ୍ରଶାସନ ପକ୍ଷରୁ ଯଦି ଶ୍ରୀମନ୍ଦିରରେ ଖାଦ୍ୟ ଅଧିକାରୀ ନିଯୁକ୍ତ କରାଯିବ, ଏହା ନିଶ୍ଚିତ ଭାବେ ଏକ ଭଲ ବ୍ୟବସ୍ଥା ହୋଇପାରିବ। ସବୁ ମହଲରେ ଏହି ପଦକ୍ଷେପକୁ ସ୍ୱାଗତ କରିବେ। ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏହା ପୂର୍ବରୁ କହିଥିଲେ ଯେ, ଶ୍ରୀମନ୍ଦିରରେ ନକଲି ଘିଅ ବ୍ୟବହାର ହେଉଥିବା ସମ୍ଭାବନା ରହିଛି। ତେଣୁ ଖୁବଶୀଘ୍ର ବ୍ୟବହୃତ ଘିଅର ମାନ ଯାଞ୍ଚ କରାଯିବ। ଏନେଇ ସୁଆର ଓ ମହାସୁଆର ନିଯୋଗ ସହ ଆଲୋଚନା କରାଯିବ। ଏହାପରେ ଖୁବଶୀଘ୍ର ମହାପ୍ରସାଦ ସହ ଦୀପରେ ବ୍ୟବହୃତ ହେଉଥୁବା ଘିଅକୁ ଫୁଡ୍ ସେଫ୍ଟି ଅଫିସରଙ୍କ ଦ୍ୱାରା ଯାଞ୍ଚ କରାଯିବ। ତେବେ ମାନ ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ।

## ଓଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ




ଭୁବନେଶ୍ୱର, ୨୫/୯ (ନି.ପ୍ର): ଓଏଏସ୍ ସ୍ତରରେ ଆଜି ବଡ଼ ଧରଣର ଅଦଳ ବଦଳ କରିଛନ୍ତି ରାଜ୍ୟ ସରକାର। ମୋଟ ୩୬ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି ହୋଇଛି। ଅନାମ ଚରଣ ପାତ୍ରଙ୍କୁ କଟକ ମହାନଗର ନିଗମର କମିଶନର କରାଯାଇଛି। ଏବେ ସେ କଟକ ମହାନଗର ନିଗମର ଅତିରିକ୍ତ କମିଶନର ଅଛନ୍ତି। ଗତ ଅଗଷ୍ଟ ଶେଷ ସପ୍ତାହରେ କଟକ ମହାନଗର ନିଗମ କମିଶନର ବିଜୟ କୁମାର ଦାଶଙ୍କୁ ଗଜପତି ଜିଲ୍ଲାପାଳ ଭାବେ ବଦଳି ପରଠୁ ଏହି ପଦବୀ ଖାଲି ପଡ଼ିଥିଲା। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଜି ଜାରି ▶▶ପୃଷ୍ଠା ୭

## ୫ ଦିନ ହେଲା ଧନୁ-ତୀର ଧରି ସ୍କୁଲକୁ ନିଜ କବଜାକୁ ନେଇ ୧୦୦ କୋଟି ମାଗିଥିବା ବ୍ୟକ୍ତି ଗିରଫ



ସୁନ୍ଦରଗଡ଼ , ୨୫/୯ (ନି.ପ୍ର): ଧନୁ-ତୀର ଧରି ୫ ଦିନ ହେଲା ସୁନ୍ଦରଗଡ଼ ଜିଲ୍ଲା ମହୁଲପଦା ଥାନା ବଡ଼ଜଲ ସ୍କୁଲକୁ କବଜା କରି ଆତଙ୍କରାଜ ଚଲାଇଥିବା ବ୍ୟକ୍ତିଙ୍କୁ ଆଜି କାବୁ କରିବାରେ ସଫଳ ହୋଇଛି ପୁଲିସ୍। ଏଥିରେ ପୁଲିସକୁ ସହଯୋଗ କରିଥିଲେ ଅଗ୍ନିଶମ ବାହିନୀ ଓ ଡିଭିଏଫ୍। ଲୁହା ଓ ଷ୍ଟିଲ କବାଟକୁ ଢାଲ ବନାଇ ତାଙ୍କୁ ଧରିବାକୁ ସକ୍ଷମ ହୋଇଥିଲେ ସୁରକ୍ଷା କର୍ମୀ। ଗିରଫ ବ୍ୟକ୍ତିଙ୍କ ନାଁ ଧନ ସିଂ ମୁଣ୍ଡା। ତାଙ୍କ ଘର ବଡ଼ଜଲର ପିଣ୍ଡିକା ସାହିରେ। ଏହି ଘଟଣା ଆରମ୍ଭ ହୋଇଥିଲା ଗତ ଶନିବାରଠାରୁ। ସେହି ଦିନ ଅପରାହ୍ନ ପ୍ରାୟ ୪ଟା ବେଳେ ସ୍କୁଲ କୋଠାକୁ ଯାଇଥିଲେ ଧନ ସିଂ ମୁଣ୍ଡା। ସେତେବେଳକୁ ସ୍କୁଲ ଛୁଟି ହୋଇସାରିଥିଲା। ସେ ହାତରେ ବାଟୁଲି, ଧନୁ-ତୀର ଓ ଅନ୍ୟ କିଛି ମାରଣାସ୍ତ୍ର ଧରି ଯାଇଥିଲେ। ତା' ପର ଦିନ ଅର୍ଥାତ୍ ରବିବାର ସକାଳୁ ଆରମ୍ଭ ହୋଇଥିଲା ତାଙ୍କ ଆତଙ୍କରାଜ। ରବିବାର ସକାଳେ ଜଣେ ଠିକାଦାର କିଛି ଲୋକ ନେଇ ସ୍କୁଲ ପରିସରରେ କାମ କରିବାକୁ ଆସିଥିଲେ। ସେମାନଙ୍କୁ ବାଟୁଲି ଓ ଧନୁ-ତୀରରେ ଆକ୍ରମଣ କରିଥିଲେ ଧନ ସିଂ ମୁଣ୍ଡା। ▶▶ପୃଷ୍ଠା ୭

## ଆଉ ୨୫ ଲକ୍ଷ ମହିଳାଙ୍କୁ ମିଳିବ ପ୍ରଥମ କିସ୍ତି ସୁଭଦ୍ରା ଟଙ୍କା



### ୯୨ ଲକ୍ଷ ମହିଳା ସୁଭଦ୍ରା ଯୋଜନାରେ ଆବେଦନ କରିସାରିଲେଣି: ପ୍ରଭାତୀ ପରିଡ଼ା



ଭୁବନେଶ୍ୱର, ୨୫/୯ (ନି.ପ୍ର): ୨୫ ଲକ୍ଷ ମହିଳା ସୁଭଦ୍ରା ଯୋଜନାରେ ସାମିଲ ହୋଇସାରିଛନ୍ତି। ସେମାନଙ୍କୁ ପ୍ରଥମ କିସ୍ତି ଟଙ୍କା ମିଳି ଯାଇଛି। କିଛି ଦିନ ଭିତରେ ସୁଭଦ୍ରା ଯୋଜନାରେ ଆଉ ୨୫ ଲକ୍ଷ ମହିଳାଙ୍କୁ ମିଳିବ ପ୍ରଥମ କିସ୍ତି ସହାୟତା ରାଶି। ଏହିପରି ପର୍ଯ୍ୟାୟକ୍ରମେ ମୋଟ କୋଟିଏ ମହିଳାଙ୍କୁ ଦିଆଯିବ ସୁଭଦ୍ରା ସହାୟତା। ଆଜି ଭୁବନେଶ୍ୱରରେ ବିଜେପିର ଏକ ସଦସ୍ୟତା ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମରେ ଯୋଗ ଦେଇ ଏ କଥା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। 'ସୁଭଦ୍ରା' ପ୍ରସଙ୍ଗରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି,ଏହି ଯୋଜନାରେ ଏଯାଏଁ ୯୨ ଲକ୍ଷ ମହିଳା ଆବେଦନ କରିସାରିଲେଣି। ଆଉ ସପ୍ତାହେ ଭିତରେ ଏକ କୋଟି ଆବେଦନ ଆସିଯିବ। ୧ କୋଟି ମହିଳାଙ୍କୁ ନିଶ୍ଚିତ ଟଙ୍କା ମିଳିବ। କିଏ ଆଗ ଓ କିଏ ପରେ ପାଉଛି। କିନ୍ତୁ ସମସ୍ତେ ନିଶ୍ଚିତ ପାଇବେ। ସମସ୍ତଙ୍କୁ ଟିକେ ଧୈର୍ଯ୍ୟ ରଖିବାକୁ ହେବ। ଋ-କଣଉ ପାଇଁ ଟିକେ ସମୟ ଲାଗୁଛି। ୨୫ ଲକ୍ଷ ୧୧ ହଜାର ମହିଳାଙ୍କୁ ପ୍ରଥମ କିସ୍ତି ଟଙ୍କା ଦେଇ ସାରିଛୁ। ଆସନ୍ତା ମାର୍ଚ୍ଚ ୮ ପୂର୍ବରୁ ସମସ୍ତ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦିଆଯିବ। କିନ୍ତୁ ଦ୍ୱିତୀୟ କିସ୍ତି ଟଙ୍କା ଏକକାଳୀନ ସମସ୍ତ ୧ କୋଟି ହିତାଧିକାରୀଙ୍କୁ ଦିଆଯିବ। ଆସନ୍ତା ମାର୍ଚ୍ଚ ୮ରେ ମହିଳା ଦିବସରେ ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କରାଯିବ ବୋଲି କହିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସୂଚନାଯୋଗ୍ୟ, ଗତ ୧୭ ତାରିଖରେ ରାଜ୍ୟରେ ସୁଭଦ୍ର ଯୋଜନାର ଶୁଭାରମ୍ଭ ହୋଇଥିଲା। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସରକାର ପ୍ରତି ବର୍ଷ ୨ଟି କିସ୍ତିରେ ୧ କୋଟି ଯୋଗ୍ୟ ମହିଳାଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଦେବେ। ଏହି ପରି ୫ ବର୍ଷରେ ସେମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଦେବେ।

## ନର୍ସିଂ ସଂଘ-ସରକାର ଆଲୋଚନା ବିଫଳ: ଜାରି ରହିବ ଆନ୍ଦୋଳନ

ଭୁବନେଶ୍ୱର, ୨୫/୯ (ନି.ପ୍ର): ନର୍ସିଂ ସଂଘ-ସରକାର ଆଲୋଚନା ବିଫଳ ହୋଇଛି । ସଂଘ ସାଧାରଣ ସଂପାଦକ କହିଛନ୍ତି ଯେ, ନର୍ସିଂ ସଂଘ ଓ ସରକାରଙ୍କ ମଧ୍ୟରେ ଆଲୋଚନା ବିଫଳ ହୋଇଛି । ଆଲୋଚନା ବିଫଳ ହୋଇଥିବାରୁ ଆନ୍ଦୋଳନ ଚାଲୁ ରହିବ । ଉଚ୍ଚ ସ୍ତରୀୟ କମିଟି କରି ଆଲୋଚନା କରିବାକୁ ଦାବି କରିଛି ସଂଘ । ଏହାସହିତ ମୁଖ୍ୟମନ୍ତ୍ରୀ କିମ୍ବା ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଆଲୋଚନାକୁ ଆହ୍ୱାନ କରାଯାଇଛି । ଆଜି ଲୋକସେବା ଭବନରେ ସ୍ୱାସ୍ଥ୍ୟ ସଚିବ ଓ ନର୍ସିଂ ନିର୍ଦ୍ଦେଶକଙ୍କ ସହ ଏନେଇ ସଂଘର ବୈଠକ ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଆଜିଠାରୁ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛି ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ। ଜରୁରିକାଳୀନ ରୋଗୀ ସେବାରେ କୌଣସି ପ୍ରକାର ବାଧା ନ ଦେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ନର୍ସିଂ କର୍ମଚାରୀ।

## ମୟୂରଭଞ୍ଜ ଜିଲ୍ଲା ପାଇଁ ନଭେମ୍ବର ୧୬କୁ ଛୁଟି ଘୋଷଣା କଲେ ଆରଡିସି

ମୟୂରଭଞ୍ଜ, ୨୫/୯ (ନି.ପ୍ର): ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ନଭେମ୍ବର ୧୬ ତାରିଖ (ଶନିବାର)କୁ ମୟୂରଭଞ୍ଜ ଜିଲ୍ଲା ପାଇଁ ଆଞ୍ଚଳିକ ସରକାରୀ ଛୁଟି ଘୋଷଣା କରିଛନ୍ତି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ। ପୂର୍ବରୁ ଏହି ଜିଲ୍ଲା ପାଇଁ ନଭେମ୍ବର ୨ ତାରିଖ (ଶୁକ୍ରବାର)କୁ ଦୀପାବଳି/କାଳିପୂଜା ପରଦିନ ପାଇଁ ଆଞ୍ଚଳିକ ସରକାରୀ ଛୁଟି ଘୋଷଣା କରାଯାଇଥିଲା। ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଓ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଦ୍ୱାରା ଏହି ଦିନକୁ ସରକାରୀ ଆଞ୍ଚଳିକ ଛୁଟି ଘୋଷଣା ନିମନ୍ତେ ପତ୍ର ମାଧ୍ୟମରେ ପ୍ରସ୍ତାବ ଦିଆଯାଇଥିଲା ବୋଲି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଛି।

## ଆଗକୁ ହେବ କି ବଡ଼ ହଲଚଲ ? ୩ ମାସ ଭିତରେ ବିଜେଡ଼ିରେ ବଡ଼ ବିସ୍ଫୋରଣ

ଭୁବନେଶ୍ୱର, ୨୫/୯ (ନି.ପ୍ର): ଓଡ଼ିଶା ରାଜନୀତିରେ ଆଗକୁ ହେବାକୁ ଯାଉଛି କି ବଡ଼ ଖେଳ ? ବଦଳିବ କି ଅଙ୍କ ? ୨୪ ବିପର୍ଯ୍ୟୟ ପରେ ଅନେକ ନେତା ବିଜେଡି ଛାଡ଼ି ଏବେ ବିଜେପି ମୁହାଁ। ଆଗକୁ ବିଜେଡିରେ ବଡ଼ ବିସ୍ଫୋରଣ ହେବ ବୋଲି ବିଜେପିର କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ କହି ନୂଆ ସମୀକରଣ ଆଡକୁ ଇସାରା କରିଛନ୍ତି । ସେପଟେ ବିଜେଡି ବି ଦମ୍ଭୋକ୍ତି ଦେଖାଇ କହିଛି ବିଜେପିର ଅନେକ ନେତା ଆମ ସଂପର୍କରେ ଅଛନ୍ତି। ଯାହା ରାଜ୍ୟ ରାଜନୀତିକୁ ସରଗରମ କରିଛି। ଏହାରି ଭିତରେ କଂଗ୍ରେସ ଘର କିନ୍ତୁ ପୁରା ଫାଙ୍କା। ତେବେ



ରାଜ୍ୟରେ ବଦଳିବ କି ସମୀକରଣ ? ତେଜିଲା ବୟାନବାଜି । ମୁହାଁମୁହିଁ ବିଜେପି-ବିଜେଡି । ବିଜେପି ସାଂସଦ ସୁକାନ୍ତ ପାଣିଗ୍ରାହୀ ଆଜି ବଡ଼ ବୟାନ ଦେଇ କହିଛନ୍ତି ଆସନ୍ତା ତିନି ମାସରେ ବଡ଼ ବିସ୍ଫୋରଣ ହେବ। ବିଜେଡିର କେବଳ ରାଜ୍ୟସଭା ସାଂସଦ ନୁହଁନ୍ତି, ଅନେକ ବିଧାୟକ, ପୂର୍ବତନ ବିଧାୟକ ଓ ନେତା ବି ବିଜେପି ସଂପର୍କରେ ଅଛନ୍ତି। ଖୁବଶୀଘ୍ର ବିକାଶ ଧାରାରେ ସାମିଲ୍ ହେବାକୁ ସେମାନେ ବିଜେଡିକୁ ଆସିବେ। କିନ୍ତୁ ଆମ ଦଳ ନିଷ୍ପତ୍ତି ନେଇଛି ଯେ, କଳା ଦାଗ ଥିବା ନେତାଙ୍କୁ ଗ୍ରହଣ କରିବନି। ସେପଟେ ସୁକାନ୍ତଙ୍କ ମନ୍ତବ୍ୟକୁ କାଉଣ୍ଟର ▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଅଡୁଆ ବଢ଼ିଲା: ଲୋକାୟୁକ୍ତ ତଦନ୍ତ ନିର୍ଦ୍ଦେଶ ଦେଲେ କୋର୍ଟ

ନୂଆଦିଲ୍ଲୀ, ୨୫/୯ : ମହୀଶୂର ନଗର ଉନ୍ନୟନ ପ୍ରାଧିକରଣ ଜମି ଦୁର୍ନୀତି ମାମଲାରେ ଫସିଥିବା କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଅଡୁଆ ବଢ଼ିଛି। ତାଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗର ତଦନ୍ତ ଲୋକାୟୁକ୍ତ କରିବେ। ଏନେଇ ଆଜି କର୍ଣ୍ଣାଟକାର ଗୋଟିଏ ସ୍ୱତନ୍ତ୍ର କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସଙ୍ଗରେ ଶୁଣାଣି କରି ସ୍ୱତନ୍ତ୍ର କୋର୍ଟ ଲୋକାୟୁକ୍ତଙ୍କୁ ୩ ମାସ ଭିତରେ ରିପୋର୍ଟ ଦେବାକୁ କହିଛନ୍ତି। ଏଥିସହ ଅଧିକୃତ ଅଧିକାରୀଙ୍କୁ ମୁଡା ଦୁର୍ନୀତି ପ୍ରସଙ୍ଗରେ ଗୋଟିଏ ଏଫଆଇଆର ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ନାଁରେ ବିଜେପି ନେତା ଏନଆର ରମେଶ ମଧ୍ୟ ବେଙ୍ଗାଲୁରୁ ସ୍ଥିତ ଲୋକୟୁକ୍ତ ଅଫିସରେ ଗୋଟିଏ ଅଭିଯୋଗ ଦାଖଲ କରିଥିଲେ। ମୁଡା ଦୁର୍ନୀତି ଅଭିଯୋଗର ତଦନ୍ତ କରିବାକୁ ସେ ଦାବି କରିଥିଲେ। ଏଥିସହ ଏହି ଘଟଣା ସହ ଜଡ଼ିତ ଏକାଧିକ ଦସ୍ତାବିଜ ମଧ୍ୟ ସେ ଲୋକାୟୁକ୍ତଙ୍କ ନିକଟରେ ଦାଖଲ କରିଥିଲେ। ମୁଡା ମାମଲାରେ ସିଦ୍ଧରମୈୟାଙ୍କୁ



ମଙ୍ଗଳବାର କର୍ଣ୍ଣାଟକା ହାଇକୋର୍ଟ ବି ଝଟକା ଦେଇଥିଲେ। ତାଙ୍କ ବିରୋଧରେ ଆସିଥିବା ହେରଫେର ଅଭିଯୋଗର ତଦନ୍ତ କରିବାକୁ ରାଜ୍ୟପାଳ ଦେଇଥିବା ମଞ୍ଜୁରୀକୁ ସିଦ୍ଧରମୈୟା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କିନ୍ତୁ ଏହାକୁ କୋର୍ଟ ଅଗ୍ରାହ୍ୟ କରି ଦେଇଥିଲେ। ଏକକ ବେଞ୍ଚ ବିଚାରପତି ଜଷ୍ଟିସ ଏମ ନାଗାପ୍ରସନ୍ନା କହିଥିଲେ ମୁଡା ଜମିର ପୂରା ପ୍ରକରଣରେ ସିଦ୍ଧରମୈୟା ନଥିଲେ ବୋଲି ଗ୍ରହଣ କରିବା ବେଶ କଷ୍ଟକର। ତାଙ୍କ ପରିବାର ମୁଡା ଜମି ଅଦଳବଦଳ ପ୍ରକ୍ରିୟାରେ ପ୍ରାୟ ୫୬ କୋଟି ଟଙ୍କାର ମୁନାଫା ପାଇଥିବା ଅଭିଯୋଗ ହୋଇଛି। ତେଣୁ ଏହାର ତଦନ୍ତ ଜରୁରୀ ବୋଲି ସେ କହିଥିଲେ। ମୁଡା ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ବିରୋଧରେ ତିନିଜଣ ସାମାଜିକ କର୍ମୀ ଠକେଇ ଅଭିଯୋଗ ଆଣିବା ପରେ ରାଜ୍ୟପାଳ ଥାୱର ଚାନ୍ଦ ଗେହଲଟ ଜୁଲାଇ ମାସରେ ତଦନ୍ତ ପାଇଁ ମଞ୍ଜୁରୀ ଦେଇଥିଲେ। ଅଭିଯୋଗରେ କୁହାଯାଇଛି ଯେ ସିଦ୍ଧରମୈୟାଙ୍କ ପତ୍ନୀ ପାର୍ବତୀଙ୍କୁ ତାଙ୍କର ୩.୧୬ ଏକର ଜମି ବଦଳରେ ମହୀଶୂରର ଉନ୍ନତ ବଜାର ଅଞ୍ଚଳରେ ୫୦:୫୦ ଅନୁପାତ ଯୋଜନାରେ ପ୍ଲଟ୍ ଆବଣ୍ଟନ କରାଯାଇଥିଲା। ମୁଡା ଦେଇଥିବା ସମ୍ପତ୍ତିର ମୂଲ୍ୟ ମୁଡା ଦ୍ୱାରା ଅଧିଗ୍ରହଣ କରାଯାଇଥିବା ପାର୍ବତୀଙ୍କ ଜମିର ମୂଲ୍ୟ ତୁଳନାରେ ଢେର ଅଧିକ ଥିଲା।

## ଭରତପୁର ଥାନା କାଣ୍ଡ: ନିଲମ୍ବିତ ଆଇଆଇସିଙ୍କର ହୋଇପାରେ ପଲିଗ୍ରାଫ ଟେଷ୍ଟ

ଭୁବନେଶ୍ୱର, ୨୫/୯ (ନି.ପ୍ର): ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଅଭିଯୋଗ ମାମଲାରେ ଭରତପୁର ଥାନାର ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କର ହୋଇପାରେ ପଲିଗ୍ରାଫ ଟେଷ୍ଟ। ଏଥିପାଇଁ ଭୁବନେଶ୍ୱର



ଏସଡିଜେଏମ କୋର୍ଟରେ ହାଜର ହୋଇଛନ୍ତି ଦୀନକୃଷ୍ଣ। ଏଥିସହ ସେ ସମସ୍ତ ପ୍ରକାର ଟେଷ୍ଟ ପାଇଁ ସହମତି ପ୍ରକାଶ କରିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ଆସିବା ପରେ ଦୀନକୃଷ୍ଣଙ୍କର ପଲିଗ୍ରାଫ ଟେଷ୍ଟ ହେବ ବୋଲି ଜଣାଯାଇଛି। ଦୀନକୃଷ୍ଣ ବିରୋଧରେ ଆସିଥିବା ସଙ୍ଗୀନ ଅଭିଯୋଗ କେତେ ସତ କେତେ ମିଛ ପଲିଗ୍ରାଫ ଟେଷ୍ଟ ପରେ ସବୁ ପ୍ରମାଣିତ ହେବ ବୋଲି ଜଣାଯାଇଛି। ଦୀନକୃଷ୍ଣଙ୍କର ପଲିଗ୍ରାଫ ଟେଷ୍ଟ ପାଇଁ କୋର୍ଟରେ ଆବେଦନ କରିଥିଲା କ୍ରାଇମବ୍ରାଞ୍ଚ। ଦୀନକୃଷ୍ଣ ଟେଷ୍ଟ ପାଇଁ ସହମତି ପ୍ରକାଶ କରିବା ପରେ ଆଜି ତାଙ୍କୁ ଭୁବନେଶ୍ୱର ଝଉଔଗ କୋର୍ଟରେ ହାଜର କରାଯାଇଛି। ଗତ ୧୫ ତାରିଖ ରାତିରେ ଭାରତୀୟ ସେନାର ମେଜର ଓ ତାଙ୍କ ବାନ୍ଧବୀଙ୍କୁ ▶▶ପୃଷ୍ଠା ୭

## ପୋକ୍ସୋ ଆଇନ ସଂପର୍କରେ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୨୫/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଗୋବରୀ ନୋଡାଲ ହାଇସ୍କୁଲରେ ପାକ୍ସୋ ଆଇନ ସଂପର୍କରେ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଡ଼ଃ ଶ୍ରୀକାନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ପୋକ୍ସୋ ଆଇନ ସଂପର୍କରେ ବିଭିନ୍ନ ଉଦାହରଣ ଦେଇ ବୁଝାଇ ଥିଲେ। ୧୮ ବର୍ଷରୁ କମ୍ ନାବାଳକ ଓ ନାବାଳିକାମାନଙ୍କର ଯୌନଶୋଷଣ ହେଉଥିବା କିଭଳି ନ୍ୟାୟ ପାଇପାରିବେ କୋର୍ଟ ପରିସରରେ ସେମାନଙ୍କ ପାଇଁ ସୁସ୍ଥ ବାତାବରଣମାନ ପ୍ରସ୍ତୁତ କରାଯାଇଛି । ଯେପରିକି ସେମାନେମାନ ସମ୍ମାନ କ୍ଷୁର୍ଣ୍ଣ ନହୁଏ ଓ ପୀଡିତାମାନଙ୍କ ପାଇଁ କ୍ଷତିପୁରଣ ରାଶି ସରକାରଙ୍କ ନିୟମ ପ୍ରଦତ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ପ୍ରଦାନ କରାଯାଉଛି ।

## ସାଥି ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର, ୨୫/୦୯ (ନି.ପ୍ର): ସମ୍ବଲପୁର ସହର ର ସାଥି ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ଏକ ମାଗଣା କେନ୍ସର ଚିକିତ୍ସା ଓ ପରବର୍ତୀ ଚିକିତ୍ସା ଉପରେ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି ।ସମ୍ବଲପୁର ମ୍ୟୁନିସିପାଲଟି ଛକ ସାଥି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏହି ଶିବିରରେ ମହାତ୍ମା ଗାନ୍ଧୀ କେନ୍ସର ହସ୍ପିଟାଲ ବିଶାଖାପାଟନାର କେନ୍ସର ଚିକିତ୍ସକ ଡ. ଚିତରଞ୍ଜନ କୁଣ୍ଡୁ ଯୋଗଦାନ କରିଥିଲେ ।ବିଶିଷ୍ଟ ସମାଜସେବୀ ତଥା ସାଥି ଅନୁଷ୍ଠାନ ର ସଭାପତି ଶତ୍ରୁଘନ ଲାଲ ସାହାଙ୍କ ଦ୍ୱାରା ବରେଇପାଲି ର ଆରୋହୀ ସିଂ ଙ୍କୁ ୧୦ ହଜାର, ଗୋବିନ୍ଦତୋଲା ର ସରୋଜକାନ୍ତି ବେହେରା ଙ୍କୁ ୭ ହଜାର ଏବଂ ସାକ୍ଷୀପଡା ର ବିନୋଦିନୀ ମୁଣ୍ଡା ଙ୍କୁ ୫ ହଜାର ଟଙ୍କା ର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।

## ବାସୁଦେବପୁର ଗସ୍ତରେ ସାଂସଦ ଅଭିମନ୍ୟୁ ସେଠୀ



ବାସୁଦେବପୁର, ୨୫/୦୯ (ନି.ପ୍ର): ମଙ୍ଗଳବାର ବାସୁଦେବପୁର ଗସ୍ତ କରି ବିଭିନ୍ନ ସ୍ଥାନ ରେ ବିଭିନ୍ନ କାର୍ଯ୍ୟ କର୍ମ ରେ ଯୋଗ ଦେଇ ଥିଲେ ସାଂସଦ ଅଭିମନ୍ୟୁ ସେଠୀ। ବାସୁଦେବପୁର ନିର୍ବାଚନ ମଣ୍ଡଳୀ ର ଗୋପବନ୍ଧୁନଗର, ବିଦେଇପୁର୍, ବାଲିମୁଁଣ୍ଡା ଓ ମାଲ୍ଲିକାଦେଇପୂର୍ ପଞ୍ଚାୟତରେ, ଅନୁଷ୍ଠିତ ସଦସ୍ୟତା ଅଭିଯାନରେ ଯୋଗ ଦେବାସହ ସେ ଅଞ୍ଚଳର ଲୋକ ମାନଙ୍କ ସମସ୍ୟା ବିଷୟରେ ଅବଗତ ହୋଇ ଥିଲେ ଭଦ୍ରକର ମାନନୀୟ ସାଂସଦ ଶ୍ରୀଯୁକ୍ତ ଅଭିମନ୍ୟୁ ସେଠୀ । ପରେ ବାସୁଦେବପୁର ପୌର ପରିଷଦ ଅନ୍ତର୍ଗତ ସ୍ଥାନୀୟ ହନୁମାନ ବାଟିକା ରେ ବୃକ୍ଷ ରୋପଣ କାର୍ଯ୍ୟ କର୍ମ ରେ ଯୋଗ ଦେଇ ଥିଲେ ସାଂସଦ ଅଭିମନ୍ୟୁ ସେଠୀ । ସାଂସଦ ଅଭିମନ୍ୟୁ ସେଠୀ ଙ୍କ ସହ ବାସୁଦେବପୁର ବିଧାନସଭା ନେତା ବାଣୀ କଲ୍ୟାଣ ମହାନ୍ତିଙ୍କ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟ ରେ ବରିଷ୍ଠ ନେତା ଭଗ୍ବାନ ପଣ୍ଡା, ବରିଷ୍ଠ ନେତା ଅଜୟ କୁମାର ନାୟକ, ଗିରିଜା ଶଙ୍କର ନାୟକ, ପ୍ରତାପ କୁମାର ନାୟକ,ଜୟ ପ୍ରକାଶ ମଲ୍ଲିକ, ଗଦାଧର ପଲାଇ, ଭଗବାନ ମହାନ୍ତି, ମଧୁ ସୁଧନ ପାଢ଼ୀ, ସୁବାସ ପ୍ରଧାନ, ମୁକ୍ତିକାନ୍ତ ନାୟକ, ସନୋଷ ମହାନ୍ତି,ଲିଙ୍କନ ଦଲାଇ, ବଂଶୀ ଧର ବିଶ୍ୱାଳ, ରାଜା ନାୟକ,ଅନାଦି ବେହେରା, ରମେଶ ଘଡାଇ ଓ ଅନ୍ୟ କାର୍ଯ୍ୟ କର୍ତ୍ତା ଉପସ୍ଥିତ ଥିଲେ।

## ଜିଲ୍ଲା ସ୍ତରୀୟ ସ୍ୱାସ୍ଥ୍ୟଭିତିକ କାର୍ଯ୍ୟର ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୨୫/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଭିତିକ କାର୍ଯ୍ୟର ସମୀକ୍ଷା ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଣ ସଂକ୍ରାମକ ରୋଗ, ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ-୧୯୯୪ ର ଜିଲ୍ଲା ପରାମର୍ଶ ଦାତା କମିଟି, ମାତୃ ଓ ଶିଶୁ ସୁରକ୍ଷା ଯୋଜନା ଓ ଶିଶୁ ମୃତ୍ୟୁହାର ସଂପର୍କିତ ସମୀକ୍ଷା କରାଯାଇ ଥିଲା । ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଲକ୍ଷ୍ୟ ପୁରଣ ଦିଗରେ ସମସ୍ତ ଅଧିକାରୀ ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

## ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ



ବାସୁଦେବପୁର, ୨୫/୦୯ (ନି.ପ୍ର): ବାସୁଦେବପୁର ବ୍ଲକ ପରିସରରେ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ବାସୁଦେବପୁର ବିଡିଓ ସଞ୍ଜୀବ କୁମାର ସାହୁ ଏହି ସଭାରେ ସଭାପତିତ୍ୱ କରିଥିଲେ। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ । ଜିଲ୍ଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସୋସିଆଲ ଅଡିଟର ଅମର କିଶୋର ସାହୁ, ବ୍ଲକ୍ ସହକାରୀ ଯନ୍ତ୍ରୀ ଅନିମେଶ ରାୟ, ଏ ପି ଓ ସ୍ନିଗ୍ଧା ମାଡ଼ାମ,ବ୍ଲକ ସାମାଜିକ ସମୀକ୍ଷକ ଜଗ ଜୀବନ ନାୟକ ପ୍ରମୁଖ ଏହି ଶିବିର ରେ ଯୋଗ ଦେଇଥିଲେ । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସଂପର୍କରେ ସମୀକ୍ଷା ଓ ଆଲୋଚନା କରା ଯାଇଥିଲା ଆର୍ଥିକ ବର୍ଷ ୨୦୨୩,୨୪ ର ଦ୍ୱିତୀୟ ଚକ୍ର ଓ ୨୦୨୪,୨୫ ର ପ୍ରଥମ ଚକ୍ର ଓ ସାମାଜିକ ସମୀକ୍ଷା କରା ଯାଇଥିଲା । ବିଭିନ୍ନ ପଂଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରାଯାଇଥିଲା । ବିଧାୟକ ଅଶୋକ କୁମାର ଦାସ ସମସ୍ତ ପ୍ରଶାସନିକ ଅଧିକାରୀ ଓ ପ୍ରତିନିଧି ମାନଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବିଭିନ୍ନ ଗଣ ମାଧମର ପ୍ରତିନିଧି, ବିଭିନ୍ନ ପଞ୍ଚାୟତ ପ୍ରତିନିଧି, କନିଷ୍ଠ ଯନ୍ତ୍ରୀ, ଗ୍ରାମସେବକ ପ୍ରମୁଖ ଯୋଗ ଦେଇଥିଲେ।

## ନାକଟିଦେଉଳ ମହାବିଦ୍ୟାଳୟରେ ଏନ୍ ଏସ୍ ଏସ୍ ଦିବସ ପାଳିତ

ସମ୍ବଲପୁର, ୨୫/୦୯ (ନି.ପ୍ର): ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ନାକଟିଦେଉଳ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ଆନୁକୁଲ୍ୟ ମଙ୍ଗଳବାର ଏନ୍ ଏସ୍ ଏସ୍ ଦିବସ ପାଳିତ ହେବା ସହିତ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବରେ ରେଢାଖୋଲ ଉପଖଣ୍ଡ ଚିକିତ୍ସାଳୟ ବ୍ଲଡ୍ ବ୍ୟାଙ୍କର ଟେକ୍ନିକାଲ୍ ଅଧିକାରୀ ଇନ୍ଦ୍ରମଣି ବେହେରା ଉଦଘାଟନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ଇନ୍ଦ୍ରମଣି ବେହେରା, ରେଢାଖୋଲ ବ୍ଲଡ୍ ବ୍ୟାଙ୍କ୍ ର ସହାୟିକା ମନୋରମା ଧଳ ଓ ତପସ୍ୱିନୀ ପ୍ରଧାନ ତଥା ବିଶିଷ୍ଟ ସମାଜସେବୀ ପ୍ରଦୀପ କୁମାର ବିଶ୍ୱାଳ ରକ୍ତଦାନର ଆବଶ୍ୟକତା,ମହାନତା ତଥା ରକ୍ତଦାନ ର ନିୟମ ସମ୍ପର୍କ ରେ ଆଲୋକପାତ କରିଥିଲେ। ଏନ୍ ଏସ୍ ଏସ୍ ପ୍ରୋଗ୍ରାମ୍ ଅଫିସର୍ ଭଜମୋହନ ପ୍ରଧାନ ଜାତୀୟ ସେବା ଯୋଜନା ର ଆଭିମୁଖ୍ୟ ବିଷୟ ରେ ଆଲୋକପାତ କରିଥିବାବେଳେ ଅଧାପକ ଶେଷଦେବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଶିବିରରେ ୧୦୦ ଜଣ ଛାତ୍ର ଛାତ୍ରୀ ଙ୍କ ର ରକ୍ତ ଚିହ୍ନଟ କରାଯାଇଥିବା ବେଳେ ୨୫ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ରକ୍ତ ଦାନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଶଂସା ପତ୍ର ଦିଆଯାଇଥିଲା । ଅଧାପକ ଦେବେଶ ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ଅଧାପିକା ଜୟନ୍ତୀ ସାହୁ, ଲିଟିନା ପ୍ରିୟଦର୍ଶନୀ, ଗ୍ରନ୍ଥଗାରିକ ବିଭୁତି ଭୁଷଣ ସାହୁ ଓ ସୁଦାମ ଚରଣ ସାହୁ ସହଯୋଗ କରିଥିଲେ। ଏହି ସମାରୋହ ରେ ସମସ୍ତ ଏନ୍.ଏସ୍.ଏସ୍ ସ୍ୱେଚ୍ଛାସେବୀ ସମେତ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

## ୧୪ ବର୍ଷରୁ କମ୍ ରାଜ୍ୟ ବିଦ୍ୟାଳୟ ସ୍ତରୀୟ ବାଳକ ବାଳିକା ଖୋ ଖୋ ପ୍ରତିଯୋଗିତା ଉଦ୍ଯାପିତ

ପୁରୀ, ୨୫/୦୯ (ନି.ପ୍ର): ପୁରୀ ଜିଲ୍ଲା ସ୍କୁଲ୍ ଠାରେ ଆରମ୍ଭ ହୋଇଥିବା ୧୪ ବର୍ଷରୁ କମ୍ ରାଜ୍ୟ ବିଦ୍ୟାଳୟ ସ୍ତରୀୟ ଖୋ ଖୋ ପ୍ରତିଯୋଗିତା ଉଦଯାପିତ ହୋଇଅଛି । ଏଥିରେ ଉଦ୍ଘାଟକ ତଥା ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ ପିନାକ ମିଶ୍ର ଯୋଗଦାନ କରି ଏହାର ଉଦ୍ଯାପନ ଘୋଷଣା କରିଥିଲେ ଓ ବାଳକ ବିଭାଗର ଚାମ୍ପିଅନ ପୁରୀ ଜିଲ୍ଲା ଓ ରନର୍ସପ୍ ହୋଇଥିବା କଟକ ଜିଲ୍ଲା ତଥା ବାଳିକା ବିଭାଗର ଚାମ୍ପିଅନ ଭୁବନେଶ୍ୱର ଓ ରନର୍ସପ୍ ହୋଇଥିବା ଗଞ୍ଜାମ ଜିଲ୍ଲାକୁ ଟ୍ରଫି ପ୍ରଦାନ କରିଥିଲେ । ଏତଦ ବ୍ୟତୀତ ଆସନ୍ତା କାଲି ହେବାକୁ ଥିବା ୧୭ ବର୍ଷରୁ କମ୍ ବାଳକ ବାଳିକା ଖୋ ଖୋ ପ୍ରତିଯୋଗିତାର ଆରମ୍ଭ ଘୋଷଣା କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଖୋ ଖୋ କ୍ରୀଡ଼ା ସଂଗଠନର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ହିମାଂଶୁ ଭୂଷଣ ସମରଥ, ସହକାରୀ ନିର୍ଦ୍ଦେଶକ, ଶାରୀରିକ ଶିକ୍ଷା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଜ୍ୟୋତି ପ୍ରସାଦ ପରିଡ଼ା, ପ୍ରାକ୍ତନ ଅତିରିକ୍ତ ସହକାରୀ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା ବିଭାଗ, କୈଳାସ ଚନ୍ଦ୍ର ପ୍ରଧାନ, ଢେଙ୍କାନାଳ ଜିଲ୍ଲା ବିଦ୍ୟାଳୟ ସମୂହ ଶାରୀରିକ ଶିକ୍ଷା ଅଧିକାରୀ ବିଦ୍ୟାଧର ପ୍ରଧାନ ଓ ବଟକୃଷ୍ଣ ଜେନା ପ୍ରଭୃତି ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ଦ୍ୱାରା ଖେଳାଳି ମାନଙ୍କୁ ଉତ୍ସାହିତ କରୁଥିଲେ । ପୁରୀ ଜିଲ୍ଲା ସ୍କୁଲ୍ ପ୍ରଧାନ ଶିକ୍ଷକ ଜ୍ୟୋତିର୍ମୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ଓ ପୁରୀ ଜିଲ୍ଲା ବିଦ୍ୟାଳୟ ସମୂହ ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ ସାମଗ୍ରିକ ରୂପେ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

## ଗୁଡଭେଲା ବ୍ଲକ କାର୍ଯ୍ୟାଳୟଠାରେ 'ବାଡି ଅଗଣାରେ କୁକୁଡ଼ା ପାଳନ' ତାଲିମ କାର୍ଯ୍ୟକ୍ରମ

ବଲାଙ୍ଗିର, ୨୫/୦୯ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ଠାରେ 'ବାଡି ଅଗଣାରେ କୁକୁଡା ପାଳନ' ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଗୁଡଭେଲା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀଣୀ ଡ. ଦିପ୍ତିମୟୀ ବଢେଇ, ରଘୁନାଥ ଆଚାରୀ ମୁଖ୍ୟ ତାଲିମଦାତା ଭାବରେ ଯୋଗ ଦେଇଥିଲେ। ପ୍ରଥମେ ଗୁଡଭେଲା ପ୍ରାଣୀ ଚିକିତ୍ସାଧିକାରୀଣୀ ବାଡି ଅଗଣାରେ କୁକୁଡା ପାଳନ ଉପରେ ବିସ୍ତୃତ ଭାବରେ ବୁଝାଇଥିଲେ । କୁକୁଡା ପାଇଁ ଉପଯୁକ୍ତ ଖାଦ୍ୟ ବ୍ୟବସ୍ଥା ଉପରେ ଏବଂ କୁକୁଡାମାନଙ୍କୁ ଲାଗୁ ଥିବା ବିଭିନ୍ନ ରୋଗ ଓ ପ୍ରତିଶୋଧକ ବ୍ୟବସ୍ଥା-ଟୀକା କାରଣ ଓ ତାହାର ଚିକିତ୍ସା ବିଷୟରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ । ରଘୁନାଥ ଆଚାରୀ କୁକୁଡା ପାଳନର ବିଭିନ୍ନ ପଦ୍ଧତି ଏବଂ ଏହା ଦ୍ୱାରା ଚାଷୀ ମାନେ କିପରି ଲାଭାନ୍ୱିତ ହୋଇ ପାରିବେ, ସ୍ୱଳ୍ପ ଖର୍ଚ୍ଚରେ ଉନ୍ନତ ଧରଣର କୁକୁଡା ଘର ତିଆରି କରିହେବ ତାହା ଉପରେ ବୁଝାଇଥିଲେ। ଏଥିରେ ବାଡି ଅଗଣାରେ କମ ଖର୍ଚ୍ଚରେ କିପରି ଦେଶୀ କୁକୁଡା ଚାଷ କରାଯାଇ ପାରିବ ଏବଂ ଏହାର ବଂଶବୃଦ୍ଧି ପ୍ରଣାଳୀ, କୁକୁଡ଼ାର ବିଭିନ୍ନ ରୋଗର ପାରମ୍ପରିକ ଚିକିତ୍ସା ପଦ୍ଧତି ଏବଂ ଉତ୍ପାଦକ ଗୋଷ୍ଠି ମାଧ୍ୟମରେ ଦେଶୀ କୁକୁଡା ଚାଷ କରି କିପରି ଅଧିକ ରୋଜଗାର କ୍ଷମ ହୋଇପାରିବେ ତାହା ଉପରେ ବିସ୍ତୃତ ବିଷୟରେ ବୁଝାଇଥିଲେ। ଏଥିରେ ଗୁଡଭେଲା, ଦେଉଳଗୁଡି, ମାଢେକେଲା, ତେନ୍ତୁଲିଖୁଂଟି ଏବଂ ଘୁନା ଗ୍ରାମପଂଚାୟତର ବହୁ କୁକୁଡା ଚାଷୀ ଯୋଗଦାନ କରିଥିଲେ। କାର୍ଯକ୍ରମକୁ ବ୍ଲକ ସଂଯୋଜକ ଧର୍ମ ସାଗର ପ୍ରଧାନ ପରିଚାଳନା କରିଥିଲେ।

## ଡ଼କାୟତି ଯୋଜନା ପଣ୍ଡ : ୩ ଗିରଫ

ମୁଖୀଗୁଡା, ୨୫/୦୯ (ନି.ପ୍ର): ବଡ ଧରଣର ଡକାୟତି ଯୋଜନା କରି ଆସିଥିଲେ ହେଲେ ମୋବାଇଲ ଫୋନ ଲୁଟିନେଇ ଫେରାର ହେଉଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡିବା ପରେ ଜୟପାଟଣା ପୁଲିସ ୩ ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ନବରଙ୍ଗପୁର ଜିଲ୍ଲା ମଇଦଲପୁର ଅଂଚଳର ପାଂଚ ଜଣ ଯୁବକ ଦୁଇଟି ମୋଟର ସାଇକେଲରେ ପାବଳି ଘାଟି ଦେଇ ଆସି ପ୍ରଥମେ ସର୍ଗିଗୁଡା ଗ୍ରାମର ଦେବାର୍ଚନ ମାଝୀଙ୍କ ମୋବାଇଲ ଫୋନ ଛଡାଇ ନେବା ପରେ ପାଣ୍ଡରିପଖାନ ଗାଁର ଭରତ ନାଏକଙ୍କ ମୋବାଇଲ ଫୋନ ଛଡାଇ ନେଇ ନୂଆଗୁଡା ଗାଁକୁ ଅଭିମୁଖେ ଯାଉଥିବା ବେଳେ ଗାଁ ଲୋକେ ସେମାନଙ୍କୁ ପିଛା କରି ନୂଆଗୁଡା ଛକ ନିକଟରେ ୩ ଜଣ ଯୁବକଙ୍କୁ କାବୁ କରି ଜୟପାଟଣା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଜୟପାଟଣା ଥାନା ଅଧିକାରୀ ଶେଷଦ୍ୱେ ବେହେରା ଏକ ଟିମ୍ ପଠାଇ ଯୁବକ ମାନଙ୍କୁ ଉଦ୍ଧାର କରିଥିଲେ। ତଦନ୍ତ ସମୟରେ ଜଣା ପଡ଼ିଲା ଯେ, ଏମାନେ ଦୁଇଟି ମୋଟର ସାଇକେଲରେ ପାଂଚ ଜଣ ଆସି ଏକ ବଡ଼ ଧରଣରେ ଡକାୟତି ଯୋଜନାରେ ଥିଲେ । ଏନେଇ ଜୟପାଟଣା ଥାନାରେ କେଶ ନମ୍ବର ୨୩୫/୨୪ ରେ ମାମଲା ରୁଜୁ ହୋଇ ମଇଦଳପୁର ଗ୍ରାମର ଉମେଶ ନାଏକ (୧୯), ଭବାନୀ ଶଙ୍କର ନାଏକ(୧୯) ଓ କିଶୋର ହରିଜନ(୨୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

## ଜାତୀୟ ରାଜପଥ ୫୯ନମ୍ବର ପାର୍ଶ୍ୱ ପୋଖରୀରେ ଭାସୁଛି ବାଇକ୍ ସହ ବାଲବେଙ୍ଗର ୨ ଯୁବକଙ୍କ ଶବ, ଦୁର୍ଘଟଣା ସନ୍ଦେହ

ବଲାଙ୍ଗୀର, ୨୫/୦୯ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଦେଇ ଯାଇଥିବା ଜାତୀୟ ରାଜପଥ ୫୯ର ଭୋଇପଡ଼ା – ଗୁରୁଣ୍ଡା ଗ୍ରାମ ମଝି ବୁଲାଣି ତଳେ ଥିବା ଏକ ପୋଖରୀରେ ବାଇକ ସହ ୨ ଜଣ ଯୁବକଙ୍କ ଶବ ଆଜି ସକାଳେ ଭାସୁଥିବା ଦେଖିବାକୁ ମିଳିଥିଲା। ମଙ୍ଗଳବାର ସକାଳୁ ଗ୍ରାମବାସୀମାନେ ଏହି ଦୃଶ୍ୟ ଦେଖିବାକୁ ପାଇ ମୁରିବାହାଲ ପୁଲିସକୁ ସୂଚନା ଦେଇଥିଲେ। ରାତିରେ ଦୃତ ଗତିରେ ଯାଉଥିବା ବେଳେ ଦୁର୍ଘଟଣାରେ ଏହି ବୁଲାଣୀରେ ଭାରସାମ୍ୟ ହରାଇ ବାଇକ ସହ ଉଭୟ ଖସି ପଡ଼ିଥିବା ଜଣାପଡିଛି । ପୁଲିସ ପହଂଚି ଦମକଳ ବାହୀନି ସହାୟତାରେ ଉଭୟଙ୍କ ଶବ ଓ ବାଇକ୍ ଉଦ୍ଧାର କରିଛି । ଉଦ୍ଧାର ବାଇକଟିର ନମ୍ବର ଓଡ଼ି ୩୧ଏଫ୩୪୧୮ ଥିବା ବେଳେ ଏହା ବୌଦ୍ଧ ଜିଲ୍ଲା କଂଟାମାଳ ଥାନା ଅଂଚଳର ବୋଲି ଜଣାପଡିଥିଲା। ଶେଷ ଖବର ସୁଦ୍ଧା ଉଭୟ ମୃତ ଯୁବକଙ୍କ ପରିଚୟ ଜଣାପଡିଛି। ସେମାନେ ହେଲେ ସିନ୍ଧେକେଲା ଥାନା ପରାସରା ପଂଚାୟତ ବାଲବେଙ୍ଗ ଗ୍ରାମର ରାଜା ପଣ୍ଡା (୩୦) ଓ କାଳିଆ ଓରଫ ପ୍ରକାଶ ନାୟକ (୩୬)। ଉଭୟ ବିବାହିତ ଥିବା ବେଳେ ଉଭୟଙ୍କ ସ୍ତ୍ରୀ ସହ ୨ଟି ଲେଖାଏଁ ପୁଅଝିଅ ଜୀବିତ ଥିବା ଜଣାପଡିଛି । ଉଭୟ ବଙ୍ଗୋମୁଣ୍ଡାରୁ ଟିଟିଲାଗଡ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା । ବାରମ୍ବାର ଏହି ବୁଲାଣୀରେ ଦୁର୍ଘଟଣା ଘଟି ଶହ ଶହ ଲୋକଙ୍କ ଜୀବନ ଯାଉଥିବାବେଳେ ଜାତୀୟ ରାଜପଥ କର୍ତୃପକ୍ଷ ଅଣଦେଖା କରୁଥିବା ସ୍ୱେଚ୍ଛାସେବୀ କଶ୍ୟପ ସରାଫ ଅଭିଯୋଗ କରିଛନ୍ତି। ପୁଲିସ ଉଭୟ ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ ପଠାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଥାନା ଏସଆଇ ପ୍ରମୋଦ କୁମାର ପଧାନ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଥାନା କେସ ନଂ. ୩୦୩/୨୪ରୁଜୁ ହୋଇ ତଦନ୍ତ ଜାରି ରହିଛି ବୋଲି ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି। ଏହି ମୋଡ଼ରେ ଅନେଗୁଡ଼ିଏ ଦୁର୍ଘଟନା ଘଟିଥିଲା ବେଳେ ଜାତିୟ ରାଜପଥ ବିଭାଗ ସୁରକ୍ଷା ସୂଚନା କିମ୍ବା ଅନ୍ୟ ବ୍ୟବସ୍ଥା ଗ୍ରହଣ କରୁନଥିବା ଯୋଗୁଁ ଅସନ୍ତୋଷ ଦେଖାଯାଉଛି । କଂଟାବାଞ୍ଜି ଏସଡିପିଓ ସନ୍ତଟଣାକୁ ଗୁରୁତ୍ୱ ଦେଇ ବାଇକ ଚାଳକମାନେ ଦେଖି ଚଳାଇବାକୁ କହିଛନ୍ତି।

## ଜଳେଶ୍ୱରରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ




ଜଳେଶ୍ୱର, ୨୫/୦୯ (ନି.ପ୍ର): ଆଜି ବିଜେପି ଜଳେଶ୍ୱର ନଗର ବ୍ଲକ ରୋଡଠାରେ ଥିବା କାର୍ଯ୍ୟାଳୟ ପରିସରରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟ ଜନ୍ମତିଥି ପାଳନ କରାଯାଇଥିଲା ।ପ୍ରାରମ୍ଭରେ ତାଙ୍କର ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ଦଳୀୟ ନେତୃବୃନ୍ଦ ତାଙ୍କର ଜୀବନ ଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ନଗର ମଣ୍ଡଳ ସଭାପତି ଫାଲ୍ଗୁନି ପାଣିଗ୍ରାହୀ ପୌରହିତ୍ୱ କରିଥିଲେ ।ପ୍ରାରମ୍ଭରେ ମିଡ଼ିଆ ପ୍ରଭାରୀ ସୁକୁମାର ରଣା ପ୍ରାକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ପୂର୍ବତନ କାଉନସିଲର ବିଶ୍ୱଭୂଷଣ ଦାସ, ବିଜେପିର ଯୁବନେତା ରାଜେଶ କୁମାର ଖଟୁଆ, ତାପସ ପାଣିଗ୍ରାହୀ ଓ ହସିରୁଦିନ ବକ୍ସ,ନାରୀନେତ୍ରୀ ମୁକ୍ତା ରାଣୀ ପାଲ, ମାଳତୀ ଲତା ଦତ୍ତ,ରାଜିବ କୁମାର ଭଞ୍ଜ ପ୍ରମୁଖ ଉପସ୍ଥିତ ରହି ପଣ୍ଡିତଙ୍କ ବହୁମୁଖୀ ପ୍ରତିଭା ଓ କାର୍ଯ୍ୟବଳୀ ବିଷୟରେ ଆଲୋକପାତ କରିଥିଲେ ।ଶେଷରେ ଯୁବନେତା ଅଞ୍ଜନ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଲମ୍ବଡୁଙ୍ଗୁରି ଜଙ୍ଗଲରେ ପୁଓ ଜିଉଁନ୍ତିଆ ଉତ୍ସବ

ସମ୍ବଲପୁର, ୨୫/୦୯ (ନି.ପ୍ର): ପୂର୍ବ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ ଆଜି ପୂର୍ବାହ୍ନରେ ବୁଢ଼ାରଜା ବନ ସଂରକ୍ଷଣ ସମିତି ଏବଂ ଜଙ୍ଗଲ ବିଭାଗ ସଦର ରେଞ୍ଜ ପକ୍ଷରୁ ସ୍ଥାନୀୟ ସୌରଭ ନଗର ମାଁ ମଙ୍ଗଳା ମନ୍ଦିର ନିକଟସ୍ଥ ଲମ୍ବଡୁଙ୍ଗୁରି ଜଙ୍ଗଲରେ ବୃକ୍ଷମାନଙ୍କ ଦୀର୍ଘ ଜୀବନ, ସୁରକ୍ଷା ଓ ମଙ୍ଗଳ କାମନା କରି ମହିଳାମାନେ ନିଆରା ଭାବରେ ପୁଓ ଜିଉଁନ୍ତିଆ ଉତ୍ସବ ପାଳନ କରିଛନ୍ତି। ପୁଓ ଜିଉଁନ୍ତିଆ ହେଉଛି ଆମ ପଶ୍ଚିମ ଓଡ଼ିଶା ସଂସ୍କୃତିର ଏକ ମୁଖ୍ୟ ପର୍ବ, ଯେଉଁଥିରେ ମାଁ ମାନେ ପୁଅଝିଅ ମାନଙ୍କର ଦୀର୍ଘ ଜୀବନ ଓ ସର୍ବ ମଙ୍ଗଳ କାମନା କରି ଉପବାସ ଓ ପୂଜାର୍ଚ୍ଚନା କରି ଥାଆନ୍ତି। ପ୍ରକୃତିବନ୍ଧୁ ମେଘୁ ମୁଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପୁଓ ଜିଉଁନ୍ତିଆ ଉତ୍ସବରେ ବିଶିଷ୍ଟ ପରିବେଶବିଦ୍, ସମାଜସେବୀ, ସଂସ୍କୃତିରତ୍ନ ଶ୍ରୀଯୁକ୍ତ କାର୍ତିକ ପ୍ରସାଦ ବହିଦାର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଚାଷୀନେତା ଶ୍ରୀଯୁକ୍ତ ରାମ ସାଗର ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ବନପାଳ ଶ୍ରୀମତୀ ଜୀତା ଶତପଥି ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଶ୍ରୀ ନାରାୟଣ ଚକ୍ରବର୍ତୀ ପୂଜକ ଭାବରେ ପୂଜାର୍ଚ୍ଚନା ଦାୟୀତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥି ବିଶିଷ୍ଟ ସମାଜସେବୀ ଓ ସଂସ୍କୃତି ରତ୍ନ ଶ୍ରୀ କାର୍ତିକ ପ୍ରସାଦ ବହିଦାର ନିଜ ଉଦ୍'ବୋଧନରେ କହିଲେ ଯେ – ବିଶ୍ୱରେ ପଂଚତତ୍ୱ ବୃକ୍ଷ ଜଗତ ବିନା ଆମ ଜୀବ ଜଗତର ଅବସ୍ଥିତି ସମ୍ଭବ ନୁହେଁ। ଆମ୍ଭମାନଙ୍କ ସୁସ୍ଥ ଜୀବନ ସୁସ୍ଥ ପରିବେଶ ଉପରେ ନିର୍ଭର କରୁଥିବାରୁ ବୃକ୍ଷ ମାନଙ୍କ ସୁରକ୍ଷା, ଜଙ୍ଗଲର ସୁରକ୍ଷା ଏବଂ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଆମ୍ଭେମାନେ ସମସ୍ତେ ସଂକଳ୍ପ ବଦ୍ଧ ହୋଇ କାର୍ଯ୍ୟ କରିବା ଉଚିତ। ଶ୍ରୀ କାର୍ତିକ ପ୍ରସାଦ ବହିଦାର ପରିବେଶ ସୁରକ୍ଷା ସମ୍ପର୍କୀୟ କେତେକ ସଂସ୍କୃତ ଶ୍ଳୋକ ଆବୃତି କରି ସେସବୁର ସରଳ ଅର୍ଥ ସମସ୍ତଙ୍କୁ ବୁଝାଇଥିଲେ। ମୁଖ୍ୟବକ୍ତା ଶ୍ରୀ ରାମ ସାଗର ସାହୁ ପୁଅ ଜିଉଁନ୍ତିଆ ପର୍ବର ମହତ୍ୱ ବୁଝାଇବା ସହ ମାଁ ମାନେ ବୃକ୍ଷ ମାନଙ୍କୁ ପୁଅ ଜିଉଁନ୍ତିଆ କରିବା ବୃକ୍ଷ ମାନଙ୍କ ପ୍ରତି ସେମାନଙ୍କ ସ୍ନେହ ମମତା ଓ ପରିବେଶ ସୁରକ୍ଷାର ବାର୍ତା ଦେଉଛି ବୋଲି କହିଥିଲେ। ପୁଅ ଜିଉଁନ୍ତିଆ ଅବସରରେ "ମାଁ ଙ୍କ ପାଇଁ ଗଛଟିଏ" ଅଭିଯାନରେ ବନ ସଂରକ୍ଷଣ ସମିତି ପକ୍ଷରୁ ବିଭିନ୍ନ ବୃକ୍ଷଚାରା ରୋପଣ କରା ଯାଇଥିଲା। ଏହି ଉତ୍ସବରେ ସୌରଭ ନଗର ଅଂଚଳର ଶ୍ରୀମତୀ ପ୍ରେମଶିଳା ନାୟକ, ଶ୍ରୀମତୀ ମିନାକ୍ଷୀ ଲେଙ୍କା, ଶ୍ରୀମତୀ ପୁଷ୍ପା ପାଲ, ଶ୍ରୀମତୀ ପୂର୍ଣ୍ଣିମା ମଣ୍ଡଳ, ପଦ୍ମିନୀ ସାହୁ, ନୀଳାଂଚଳ ପ୍ରଧାନ, କାମିନୀ ବାଗ, ସଞ୍ଜୀବ ମେହେର, ଶ୍ରୀଯୁକ୍ତ କରୁଣାକର ନାୟକ, ଲକ୍ଷ୍ମୀ ବାରୋଇ, ଅଞ୍ଜନା ବାରୋଇ, ସୁସ୍ମିତା ପାଇକ, ସୁସୁମା ସରକାର, ସମାରୀ ଠେଲା, ପାର୍ବତୀ ବାଗ, ସବିତା ନିଖଣ୍ଡିଆ ପ୍ରମୁଖ ବହୁ ସଂଖ୍ୟାରେ ଭଦ୍ର ମହିଳା ଓ ଭଦ୍ରବ୍ୟକ୍ତି ସମ୍ମିଳିତ ହୋଇ ଏହି ଉତ୍ସବ ପାଳନ କରିଥିଲେ। ମହିଳା ମାନେ ସମସ୍ତେ ଘଣ୍ଟି ଘଂଟା ବାଦନ କରି, ହୁଳହୁଳି ଦେଇ ବୃକ୍ଷ ମାନଙ୍କୁ ଦୁବ ଫୁଲ ଅକ୍ଷତ ଦୀପ ଧୂପ ଦ୍ୱାରା ପୂଜାର୍ଚ୍ଚନା କରିଥିଲେ। ଶେଷରେ ଶ୍ରୀମତୀ ପ୍ରେମଶୀଳା ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସୁନ୍ଦର ପରିବେଶ ମଧ୍ୟରେ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ପ୍ରସାଦ ବଂଟନ କରାଯାଇଥିଲା।

## ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟ ଦ୍ୱାରା ଡା. ଚିତ୍ତରଞ୍ଜନ ସାହୁ ସମ୍ମାନିତ




ଭୁବନେଶ୍ୱର, ୨୫/୦୯ (ନି.ପ୍ର): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଭୁବନେଶ୍ୱର ଜାତୀୟ ସେବା ଯୋଜନା ବିଭାଗ ଦ୍ୱାରା କୁଳପତି ଡଃ ପ୍ରସନ୍ନ କୁମାର ସ୍ୱାଇଁ ସର୍ବୋତ୍ତମ ସେବା ପୁରସ୍କାର ଜାତୀୟ ସେବା ଦିବସ ସେପଟେମ୍ବର ୨୪ ତାରିଖ ବିଶ୍ୱବିଦ୍ୟାଳୟ ପରିସରରେ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ଡଃ ଚକ୍ରଧର ବେହେରା, ଜାତୀୟ ସେବା ଯୋଜନାର ସଂଯୋଜକ ଡଃ ସନ୍ଦୀପ କୁମାର ରାଉତଙ୍କ ଉପସ୍ଥିତିରେ ହେଲଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟର ଇନଷ୍ଟିଚ୍ୟୁଟ ଅଫ ନେଚର କିଅର ଏଣ୍ଡ ଯୋଗିକ ସାଇନ୍ସର ଏନ୍.ଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡ. ଚିତ୍ତରଞ୍ଜନ ସାହୁଙ୍କୁ ସେବା କ୍ଷେତ୍ରରେ ୨ ବର୍ଷ ଧରି ଅଗ୍ରଣୀ ସେବା କରିଥିବାରୁ ସର୍ବୋତ୍ତମ ସେବା ପୁରସ୍କାର ପ୍ରଦାନ କରାଯାଇଥିଲା । ଡାଃ ସାହୁ, ବୃହତ୍ ରକ୍ତଦାନ ଶିବିର, ୩ ହଜାର ବୃକ୍ଷରୋପଣ, ଯୋଗ, ପ୍ରାକୃତିକ ଚିକିତ୍ସା ପ୍ରଚାର, ପ୍ରସାର, ସ୍ୱଚ୍ଛତା ସେବା କରି ବାଲେଶ୍ୱର ପାଇଁ ଯୋଗ କଲେଜ ପାଇଁ ଗୌରବ ଅର୍ଜନ କରିଥିଲେ । ସବୁଜ ପୃଥିବୀ, ନିରୋଗ ସ୍ୱଚ୍ଛ ଜୀବନ ପାଇଁ ଅନ୍ୟ ମାନଙ୍କ ପାଖରେ ସେବା ଦେବା ପାଇଁ ସଂକଳ୍ପ ନେଇଥିଲେ ।

## ସ୍ୱଚ୍ଛତା ପାଇଁ ଏମ୍‌ସିଏଲ୍‌ର ସ୍ୱତନ୍ତ୍ର ଅଭିଯାନ

ସମ୍ବଲପୁର, ୨୫/୦୯ (ନି.ପ୍ର): ସ୍ୱଚ୍ଛତା ଏବଂ ସ୍ୱଚ୍ଛ ପରିମଳ ପାଇଁ ନିରନ୍ତର ଅଭ୍ୟାସ ଜାରି ରଖିବା ସକାଶେ ରାଷ୍ଟ୍ରାୟ ମହାନଦୀ କୋଇଲା କମ୍ପାନୀ ଏମ୍‌ସିଏଲ୍ ପକ୍ଷରୁ ଏହାର ସୁନ୍ଦରଗଡ଼ ଝାରସୁଗୁଡ଼ା ଏବଂ ଅନୁଗୁଳ ଜିଲ୍ଲାରେ ପରିବ୍ୟାପ୍ତ ଖଣି ଅଂଚଳରେ ସ୍ୱତନ୍ତ୍ର ଅଭିଯାନର ପରିକଳ୍ପନା କରାଯାଇଛି । ଏ ଅଭିଯାନରେ କାର୍ଯ୍ୟ କ୍ଷେତ୍ରରେ ପରିମଳ ବ୍ୟବସ୍ଥାର ବିକାଶ, କବାଡ଼ି ସାମଗ୍ରୀକୁ ପରିଚାଳନା କରି ସଫେଇ କରିବାର ଉଦ୍ଦେଶ୍ୟ ରଖାଯାଇଛି ।

**ଧାରାବାହିକ:** ଭାଗ-୨୨

# ସଂକ୍ଷିପ୍ତ ଭାଗବତ କଥାମୃତ



**ଡ. ଶ୍ରୀହରି ପଣ୍ଡା**



(ପୂର୍ବ ପ୍ରକାଶିତ ଉତ୍ତାରୁ)

ମନୁଷ୍ୟ ଯେଉଁ ବିଷୟକୁ କେବେ ଜାଣିନାହିଁ ତାହା ମଧ୍ୟ ତା ସ୍ୱପ୍ନରେ ସେ ଦେଖିଥାଏ । ଅବଶ୍ୟ ପରେ ସେ ସ୍ୱପ୍ନକୁ ଭୁଲିଯାଏ କଦବା କ୍ୱଚିତ ତତକ୍ଷଣାତ ଫଳିଲେ ତାର ନିକଟରେ କେଉଁଠି ସମ୍ପର୍କ ଥିବା ଭଳି ଲାଗେ । ମନ ସହିତ କର୍ମର ସଦା ସମ୍ପର୍କ ଅଛି, ତାହାରି ପ୍ରେରଣାରେ ଇନ୍ଦ୍ରିୟ କର୍ମପ୍ରବୃତ୍ତ ହୁଅନ୍ତି ; ଏଣୁ ମନକୁ ମନଦ୍ୱାରା ନିୟନ୍ତ୍ରଣ କରିବାକୁ ପଡିବ ଯାହା ଭଗବତ ଭକ୍ତି, ଐଶ୍ୱରିକ ଚିନ୍ତନ, ମନନ ଆଦିରୁ ସମ୍ଭବ । ବିବେକ ଓ ବୁଦ୍ଧି ମଧ୍ୟ ମନଦ୍ୱାରା ଚାଳିତ । ଅମାବାସ୍ୟା ରାତ୍ରିରେ ଚନ୍ଦ୍ର ଥାଇ ବି ଅଦୃଷ୍ଟ ଥିବାଭଳି ଲିଙ୍ଗ ଶରୀର ଗର୍ଭାବସ୍ଥା ଓ ବାଲ୍ୟବସ୍ଥା ଥିଲେ ମଧ୍ୟ ଇନ୍ଦ୍ରିୟମାନଙ୍କ ପରିପ୍ରକାଶ ହୋଇନଥିବା କାରଣରୁ ପରିଦୃଷ୍ଟ ହୋଇନଥାଏ । ଲିଙ୍ଗ ଶରୀର ଧାରଣ ପରେ ହିଁ ଚେତନାଯୁକ୍ତ ହୋଇ ଜୀବ ଆଖ୍ୟା ଧାରଣ କରିବା ସହ ଭିନ୍ନ ଭିନ୍ନ ଶରୀର ଗ୍ରହଣ କରି ତାହାରି ମାଧ୍ୟମରେ ହର୍ଷ, ବିଷାଦ, ଭୟ, ଶୋକ, ସନ୍ତାପ ଆଦି ଅନୁଭବ କରି ତାକୁ ତ୍ୟାଗ କରିଥାଏ । ଜୋକ ଯେପରି ଅନ୍ୟ ତୃଣକୁ ଆଶ୍ରୟ ନ କରିବା ପର୍ଯ୍ୟନ୍ତ ପ୍ରଥମ ତୃଣକୁ ଛାଡି ନଥାଏ ସେହିପରି ଅନ୍ୟ ଶରୀର ପ୍ରାପ୍ତ ନହେବା ଯାଏଁ ଜୀବ ପୂର୍ବ ଶରୀରର ଅଭିମାନ ଛାଡି ପାରେନାହିଁ । ଭୋଗ ଚିନ୍ତା କାରଣରୁ ଜୀବ ଦେହ ବନ୍ଧନରେ ବାନ୍ଧି ହେବା ସହ ଜନ୍ମାଦିର କାରଣ ହୋଇଥାଏ । ହେ ରାଜନ! ଦେହ ବନ୍ଧନରୁ ମୁକ୍ତ କେବଳ ଭଗବତ ଭଜନ ଦ୍ୱାରା ହିଁ ମିଳିଥାଏ । ଦେବର୍ଷି ଉପଦେଶ ପ୍ରଦାନ କରି ଚାଲିଯିବା ପରେ ରାଜା ପ୍ରାଚୀନ ବର୍ହି ନିଜର ପୁତ୍ରଙ୍କୁ ରାଜପଦ ଅର୍ପଣ କରି କପିଳାଶ୍ରମକୁ ଗମନ କରି କଠିନ ତପଶ୍ଚରଣ ଶେଷରେ ସାରୂପ୍ୟ ମୁକ୍ତି ପ୍ରାପ୍ତ ହେଲେ । ପ୍ରଚେତା ଦଶଭାଇ ରୁଦ୍ରଗୀତା ଦଶସହସ୍ର ପର୍ଯ୍ୟନ୍ତ ସ୍ତବପାଠ କରି ଭଗବାନଙ୍କ ଦର୍ଶନ ଲାଭ କଲେ, ଭଗବାନ ସେମାନଙ୍କର ଯଶ ଯୁଗଯୁଗକୁ ରହିବ ବୋଲି ବର ପ୍ରଦାନ କରିବା ସହ କଣ୍ଡୁ ଋଷିଙ୍କ କନ୍ୟା ମାରିଷାକୁ ବିବାହ କରି ତା ଗର୍ଭରୁ ସେମାନଙ୍କର ଏକ ଯୋଗ୍ୟ ପୁତ୍ର ଜାତ ହେବ ବୋଲି କହିଲେ । ଯେହେତୁ ଗୋଟିଏ ମନ ହୋଇ ଦଶ ଭାଇ ଭଗବାନଙ୍କ ଉପାସନା କରୁଥିଲେ ଏଣୁ ସନ୍ଧ୍ୟାକାଳରେ ପ୍ରଚେତାଙ୍କୁ ସ୍ମରଣ କଲେ ଭ୍ରାତୃଭାବ ଅକ୍ଷୁଣ୍ଣ ରହିବ । ମାରିଷାଙ୍କ ଗର୍ଭରୁ ଦକ୍ଷ ପ୍ରଜାପତି ଜନ୍ମଲାଭ କରି ସୃଷ୍ଟି ରଚନା କଲେ । ପ୍ରଚେତାଗଣ ଭଗବତାଶ୍ରୟୀ ହୋଇ ଦଶଲକ୍ଷ ବର୍ଷ ନ୍ୟାୟ ଧର୍ମରେ ପ୍ରଜାପାଳନ କରି ପୁତ୍ରକୁ ରାଜପଦ ଦେଇ ପଶ୍ଚିମ ସମୁଦ୍ର ନିକଟରେ ଯାଇ ତପସ୍ୟା କଲେ । ଦେବର୍ଷି ସେମାନଙ୍କ ନିକଟକୁ ଆସିବାରୁ ସେମାନେ ପରମାନନ୍ଦରେ ଦେବର୍ଷିଙ୍କୁ ସ୍ୱାଗତ କଲେ । ଦେବର୍ଷି କହିଲେ, ହେ ପୁତ୍ରଗଣ ତୁମେ ଧନ୍ୟ, ସ୍ୱୟଂ ଭଗବାନ ବିଷ୍ଣୁଙ୍କର ତୁମେମାନେ ପ୍ରିୟ । ଯେପରି ବୃକ୍ଷମୂଳରେ ଜଳ ଦେଲେ ତାହା ବୃକ୍ଷର ସମସ୍ତ ଶାଖା ପ୍ରଶାଖାକୁ ବିକଶିତ କରାଏ, ଖାଦ୍ୟ ଯେପରି ସମସ୍ତ ଅଙ୍ଗକୁ ବଳିଷ୍ଠ କରାଏ ସେହିପରି କେବଳ ବିଷ୍ଣୁ ଭକ୍ତି ହିଁ ସମସ୍ତ ଦେବତାଙ୍କୁ ସନ୍ତୁଷ୍ଟ କରାଏ । ମେଘ, ଅନ୍ଧକାର ଓ ଉଜ୍ଜ୍ୱଳତା ଆକାଶରେ ପ୍ରକଟ ହୋଇ ସେହି ଆକାଶରେ ଲୀନ ହୁଅନ୍ତି ଅଥଚ ଆକାଶ ତହିଁରେ ଲିପ୍ତ ନଥାଏ, ସେହିପରି ସତ୍ୱ, ରଜ, ତମ ତ୍ରିଗୁଣ ଭଗବାନଙ୍କଠାରୁ ଉତ୍ପନ୍ନ ହୋଇ ତାଙ୍କରିଠାରେ ଲୀନ ହୁଅନ୍ତି । ମାତ୍ର ପରମବ୍ରହ୍ମ ନିର୍ଲିପ୍ତ ଓ ନିର୍ବିକାର ଥାଆନ୍ତି । ତୁମେମାନେ ସେହି ଭଗବାନଙ୍କୁ ଭଜନ କର, ତାଙ୍କର ଦୟା ହେଲେ ସେ ଶୀଘ୍ର ସନ୍ତୁଷ୍ଟ ହୋଇ ବ୍ୟକ୍ତିର ଶୁଦ୍ଧ ଅନ୍ତଃକରଣରେ ନିଜର ସ୍ଥାୟୀ ଅଧିଷ୍ଠାନ କରନ୍ତି । ସକଳ ରସର ଆଧାର ଭଗବାନ ରସଜ୍ଞ, ଦୁର୍ବଳ ପୁତ୍ରକୁ ପିତା ସାହାଯ୍ୟ କଲାଭଳି ନିର୍ଦ୍ଧନ ଓ ଅକିଞ୍ଚନକୁ ସେ ଅଧିକ ପ୍ରେମ କରନ୍ତି । କେବଳ ଭାବ ଦ୍ୱାରା ହିଁ ସେ ପୂଜିତ ହୁଅନ୍ତି । ଧନୀକର ଅଭିମାନ ପୂର୍ଣ୍ଣ ଆଡମ୍ବରଯୁକ୍ତ ପୂଜାର୍ଚ୍ଚନାକୁ ସେ ଗ୍ରହଣ ନକରି ନିଷ୍କାମ, ଅହୈତୁକୀ ଭକ୍ତିକୁ ଗ୍ରହଣ କରନ୍ତି । ଗୁରୁଜନ, ଅକିଞ୍ଚନ, ସାଧୁ ସନ୍ଥମାନଙ୍କର ଅବମାନନା ସ୍ଥଳକୁ ଭଗବାନ ପ୍ରତ୍ୟାଖ୍ୟାନ କରିଥାନ୍ତି । ନିଜର ପ୍ରିୟଭକ୍ତଙ୍କଠାରେ ହିଁ ସେ ସର୍ବଦା ରହିଥାଆନ୍ତି । ଭକ୍ତର ଅଧୀନ ଭଗବାନ ଭକ୍ତଠାରୁ ଗାଳି ଶୁଣିବାକୁ ଭଲପାଆନ୍ତି, ଏଭଳିକି ଭକ୍ତର ସେବକ ଓ ବେବର୍ତ୍ତା ସାଜିବାରେ ତାଙ୍କର ପରମାନନ୍ଦ । ଦେବର୍ଷି ପ୍ରଚେତାମାନଙ୍କୁ ଭଗବତ ସମ୍ବନ୍ଧୀ ଉପଦେଶ ପ୍ରଦାନ କରି ଆଶୀର୍ବାଦ ପ୍ରଦାନ ପୂର୍ବକ ବ୍ରହ୍ମଲୋକକୁ ଗମନ କଲେ ।

### ୫ମ ସ୍କନ୍ଧ

### ୧ମ ଅଧ୍ୟାୟ

### ।। ରାଜା ପ୍ରିୟବ୍ରତ ଚରିତ ।।

ରାଜା ପରୀକ୍ଷିତ ଶୁକମୁନିଙ୍କୁ ପଚାରିଲେ, ହେ ମୁନିଶ୍ରେଷ୍ଠ, ପ୍ରଚେତା ପୌତ୍ର ମହାରାଜ ପ୍ରିୟବ୍ରତ ଭଗବାନଙ୍କ ପରମ ଭକ୍ତ ହୋଇଥିବା ସ୍ଥଳେ ସେ କାହିଁକି କର୍ମବନ୍ଧନରେ ପଡିବା ନିମନ୍ତେ ଗୃହସ୍ଥାଶ୍ରମ ଲାଗି ମନ ବଳାଇଲେ, ଅବଶ୍ୟ ଏ କଥା ସତ୍ୟ ଯେ ଏହି ସଂସାରରେ ଆସକ୍ତିରହିତ, ନିର୍ଲିପ୍ତ ରହି ଶ୍ରୀହରି ସ୍ମରଣ କରନ୍ତି ତାଙ୍କୁ ମାୟା ଲାଗେ ନାହିଁ ତଥାପି ଆପଣ ଏହାର କାରଣ କହି ମୋର ସନ୍ଦେହ ଦୂର କରାନ୍ତୁ । ଶୁକମୁନି କହିଲେ ତୁମ କଥା ସତ୍ୟ, ଯାହାର ମନ ବିଷ୍ଣୁଚରଣରେ ଲାଖିଥାଏ ସେ ସାଧୁଜନ ଅଜ୍ଞାନ ହୋଇ ମଧ୍ୟ ବ୍ରହ୍ମଜ୍ଞାନୀ । ତାଙ୍କୁ କୌଣସିଠାରେ ମାୟା ଲାଗେ ନାହିଁ । ସେହିପରି ପରମାର୍ଥ ତତ୍ତ୍ୱଜ୍ଞାନୀ ପ୍ରିୟବ୍ରତ ଜଣେ ପରମଭକ୍ତ ଥିଲେ । ମହର୍ଷି ନାରଦଙ୍କ ସେବା କରି ସେ ସମସ୍ତ ପାପରୁ ମୁକ୍ତି ଓ ବ୍ରହ୍ମମନ୍ତ୍ରରେ ଦୀକ୍ଷିତ ହୋଇ ସଦ୍‌ଗୁଣ ଧାରଣ କରିଥିଲେ । ସେ ପ୍ରଥମେ ସାଂସାରିକ ମାୟା ବନ୍ଧନରେ ଅବଦ୍ଧ ହେବା ପାଇଁ ଇଚ୍ଛା ନ କରିବାରୁ ବ୍ରହ୍ମା ଓ ନାରଦ ତାଙ୍କୁ ବୁଝାଇଥିଲେ, ରଜ୍ଜୁରେ ବନ୍ଧାଥିବା ପଶୁ ଯେପରି ମୁନିବର ଆଜ୍ଞା ପାଳନ କରିଥାଏ ସେହିପରି ଭଗବାନଙ୍କ ଇଚ୍ଛାରେ ପ୍ରାପ୍ତ ଏ ଶରୀର ତାଙ୍କରି ଇଚ୍ଛାରେ ପରମାତ୍ମାଙ୍କ ଗୁଣରୂପକ ରଜ୍ଜୁରେ ଆବଦ୍ଧ ହୋଇ ଆତଯାତ ହୁଏ । ସ୍ୱପ୍ନରେ ଦେଖିଥିବା ଘଟଣା ନିଦ୍ରାଭଙ୍ଗପରେ ଅଳୀକ ଜାଣି ମଧ୍ୟ ଯେପରି ସମୟେ ସମୟେ ତାର ସ୍ମରଣ ହେଉଥାଏ ସେହିପରି ଜୀବନ କାଳ ମଧ୍ୟରେ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି, ମିଳିଥିବା ସୁଖଦୁଃଖର ଅନୁଭୂତିକୁ ଦୃଢ ମନୋବଳ ଦ୍ୱାରା ସ୍ୱପ୍ନ ଘଟଣା ପରି ଗ୍ରହଣ କରିନେଲେ ମନୁଷ୍ୟ କର୍ମବନ୍ଧନରେ ଆବଦ୍ଧ ହୁଏନାହିଁ । ଏଭଳି ମନୁଷ୍ୟ ଗୃହୀ ହୋଇ ମଧ୍ୟ ନିରାସକ୍ତ,ନିର୍ଭୟ ସଦା ଭଗବାନ ଆଶ୍ରିତ ହୋଇ ପରମାନନ୍ଦ ଲାଭ କରିବା ସହ ଅନ୍ତକାଳରେ ପରମଗତିକୁ ପ୍ରାପ୍ତହୁଏ । ଏହା ଶୁଣି ରାଜା ପ୍ରିୟବ୍ରତ ଭଗବାନଙ୍କ ଶ୍ରୀଚରଣରେ ମନ ଅର୍ପଣ ପୂର୍ବକ ପୃଥିବୀ ପାଳନରେ ନିଯୁକ୍ତ ହେଲେ । ସେ ବିଶ୍ୱକର୍ମାଙ୍କ କନ୍ୟା ବହିର୍ଷ୍ମତିଙ୍କୁ ବିବାହ କରି ଆଧାତ୍ମ ଜ୍ଞାନୀ ପରମହଂସ ଦୀକ୍ଷିତ ଆଗ୍ନୀଧ୍ର, ଇଧ୍ମଜିହ୍ୱ, ଯଜ୍ଞବାହୁ ଇତ୍ୟାଦି ଦଶପୁତ୍ର ଓ ଦୁଇ କନ୍ୟାର ଜନକ ହେଲେ । ରାଜା ନିଜର ପରାକ୍ରମ ବଳରେ ଦୁଷ୍ଟ ସଂହାର ସହ ପୃଥିବୀକୁ ନିଷ୍କଣ୍ଟକ କରିଦେଲେ । ପତ୍ନୀ ଭୋଗବିଳାସରେ ଆସକ୍ତ ହେଲେ ବି ସେ ପଦ୍ମପତ୍ରର ଜଳପରି ସଦା ଅନାସକ୍ତ ରହୁଥିଲେ । ଥରେ ତାଙ୍କର ଇଚ୍ଛା ହେଲା ସୂର୍ଯ୍ୟ ସମାନ ପ୍ରତିଭାତ ହୋଇ ପୃଥିବୀରୁ ଅର୍ଦ୍ଧେକ ଅନ୍ଧକାର ଦୂର କରିବେ ଏଣୁ ଏକ ଜ୍ୟୋତିର୍ମୟ ରଥାରୋହଣ ପୂର୍ବକ ସେ ପୃଥିବୀକୁ ସାତଥର ପରିକ୍ରମା କଲେ । ତାଙ୍କ ରଥର ଚକରେ ହୋଇଥିବା ଖାଲ ସାତ ସମୁଦ୍ରରେ ପରିଣତ ହେଲେ । ମନୁଙ୍କର ଉପଦେଶ ମାନି ସେ ପରିକ୍ରମା ବନ୍ଦକଲେ । ତାଙ୍କର କନ୍ୟା ଉର୍ଜସ୍ୱତୀଙ୍କୁ ଶୁକ୍ରାଚାର୍ଯ୍ୟଙ୍କୁ ପ୍ରଦାନ କରିଥିଲେ ଓ ତାଙ୍କ କନ୍ୟା ଦେବଯାନୀ ଥିଲେ । ଏହି ରାଜା ନିରାସକ୍ତ ହୋଇ ମଧ୍ୟ ମାୟାରେ ଆବଦ୍ଧ ହୋଇ ନାରୀର କ୍ରୀଡନକ ପାଲଟିଗଲେ, ଅବଶ୍ୟ ପରେ ସଚେତ ହୋଇ ପୁତ୍ରମାନଙ୍କ ମଧ୍ୟରେ ରାଜ୍ୟ ବଣ୍ଟନ କରି ନିବୃତ୍ତି ମାର୍ଗରେ ଯାଇ ପୂର୍ଣ୍ଣ ବୈରାଗ୍ୟ ଅବଲମ୍ବନ କଲେ ।

### ୨ୟ ଅଧ୍ୟାୟ

### ।। ଆଗ୍ନୀଧ୍ର ଚରିତ ।।

ଯୁବରାଜ ଅଗ୍ନୀଧ୍ର ପିତାଙ୍କ ନିର୍ଦ୍ଦେଶରେ ଜମ୍ବୁଦ୍ୱୀପର ରାଜା ହୋଇ ସତପୁତ୍ରର କାମନାରେ ମନ୍ଦରାଚଳରେ ତପସ୍ୟା କଲେ । ବ୍ରହ୍ମା ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ପୂର୍ବଚିତ୍ତି ନାମକ ଅପସରାକୁ ତାଙ୍କ ନିକଟକୁ ପଠାଇବାରୁ ସେ ଆଗ୍ନୀଧ୍ରଙ୍କ ତପସ୍ୟା ସ୍ଥଳ ଅନତି ଦୂରରେ ଲଳିତ ମଧୁର ସ୍ୱରରେ ଗୀତଗାନ କରିବା ସହ ନୃତ୍ୟକଲେ । ତାଙ୍କ ଚରଣର ମଧୁର ନୂପୁର ନିକ୍ୱଣ ରାଜାଙ୍କର ଧ୍ୟାନଭଗ୍ନ କଲା । ଅପସରାର ନୃତ୍ୟ ଓ ସଙ୍ଗୀତରେ ସେ ଆକୃଷ୍ଟ ହୋଇ ଅନଙ୍ଗ ପୀଡାରେ ଜର୍ଜରିତ ହେଲେ । ସେହି ସୁନ୍ଦରୀର ସୁନ୍ଦର ମୁଖ କମଳର ଆକର୍ଷଣରେ ଘୁରିବୁଲୁଥିବା ଭ୍ରମରମାନଙ୍କ ଦାଉରୁ ରକ୍ଷା ପାଇବା ପାଇଁ ସେ ନିଜର ମୁହଁକୁ ବୁଲାଇବା ସହ ସାରା ଦେହକୁ ଅପୂର୍ବ ଢଙ୍ଗରେ ଦୋଳାୟିତ କରୁଥିଲା । ରାଜା ପଚାରିଲେ ହେ ସୁନ୍ଦରୀ, ତୁମେ କିଏ ? ତୁମେ ବନଦେବତାର ମାୟା ନୁହଁ ତ ? ତୁମର କଟାକ୍ଷ, ଘନ-କୁଚ-ଯୁଗଳ, କ୍ଷୀଣକଟୀ ମୋର ତପ ଭଙ୍ଗ କରୁଛି । ସମ୍ଭବତଃ ମୋ ତପସ୍ୟାରେ ପ୍ରସନ୍ନ ହୋଇ ପ୍ରଭୁ ତୁମକୁ ମୋ ନିକଟକୁ ପଠାଇଛନ୍ତି । ରାଜାଙ୍କର ଚାଟୁବାକ୍ୟରେ ଅପସରା ନିଜର ଆସିବାର ଉଦ୍ଦେଶ୍ୟ ସାଧିତ ହେଲା ଜାଣି ଉଲ୍ଲସିତ ହେବା ସହ ଲକ୍ଷେବର୍ଷ ରାଜାଙ୍କର ଭାର୍ଯ୍ୟା ରୂପରେ ସଂସାର ଭୋଗକଲା । ତାଙ୍କର ନଅ ପୁତ୍ର ହେଲେ ଯେଉଁମାନଙ୍କୁ ରାଜା ଶେଷ ସମୟରେ ରାଜ୍ୟ ବଣ୍ଟନ କରି ପରଲୋକକୁ ଗମନ କଲେ ।

### ୩ୟ ଅଧ୍ୟାୟ

### ।। ନାଭିରାଜା ଚରିତ ।।

ଆଗ୍ନୀଧ୍ରଙ୍କ ପୁତ୍ର ନାଭିଙ୍କର କୌଣସି ସନ୍ତାନ ନଥିବାରୁ ସେ ଦ୍ୱିଜଗଣଙ୍କୁ ଡକାଇ ଯଜ୍ଞ କରିବାରୁ ସ୍ୱୟଂ ଯଜ୍ଞପୁରୁଷ ସନ୍ତୁଷ୍ଟ ହୋଇ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରୀ ଭଗବାନ ରତ୍ନ ଆଭରଣରେ ମଣ୍ଡିତ ହୋଇ ଆବିର୍ଭୂତ ହେବାରୁ ବିପ୍ରଗଣ କୋଟିଧନ ପାଇଲାପରି ଆନନ୍ଦିତ ହୋଇ ତାଙ୍କର ପୂଜା ଅର୍ଚ୍ଚନା ଶେଷକରି ସ୍ତୁତି କରିବାକୁ ଲାଗିଲେ । ପରମ କାରୁଣିକ ସର୍ବଦେବ ପୂଜିତ ବ୍ରହ୍ମାଣ୍ଡନାଥଙ୍କୁ ବହୁ ପ୍ରକାର ସ୍ତୁତି କରିବାରୁ ଭଗବାନ ସନ୍ତୁଷ୍ଟ ହୋଇ କହିଲେ, ରାଜା, ମୁଁ ତୁମ ଯଜ୍ଞାନୁଷ୍ଠାନରେ ପ୍ରସନ୍ନ ଏଣୁ ମୁଁ ସ୍ୱୟଂ ତୁମର ପୁତ୍ର ହେବି । ମୋର ରୂପ ଅସୀମ ହୋଇଥିବାରୁ ମୋର ଅଂଶକଳାନେଇ ନାଭିଙ୍କର ପୁତ୍ର ରୂପରେ ଜନ୍ମ ଗ୍ରହଣ କରିବି କହି ଅନ୍ତର୍ଦ୍ଧାନ ହୋଇଗଲେ । କିଛି ଦିନାନ୍ତେ ଧର୍ମରକ୍ଷା ନିମିତ୍ତ ନାଭିଙ୍କର ପ୍ରିୟପତ୍ନୀ ମେରୁଦେବୀଙ୍କ ଗର୍ଭରୁ ଶୁଦ୍ଧ, ସ୍ୱଚ୍ଛ ବିଗ୍ରହଧାରୀ ଭଗବାନ ଋଷଭଦେବଙ୍କର ଜନ୍ମ ହେଲା ।(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

**ସମ୍ପର୍କର ରଙ୍ଗ**

# ଝିଅ ମାଗୁଛି ଯୌତୁକ



**ଶ୍ୱେତା ରାଉତ୍**

'ତୁମେ ମୋ ପାଇଁ କଣ ଅଧିକ ଖର୍ଚ୍ଚ କରିଦେଲକି? ସବୁ ବାପା ମାଆଙ୍କ କର୍ତ୍ତବ୍ୟ ପିଲାଙ୍କୁ ପାଠ ପଢ଼ାଇବା,ତୁମେ ପଢେଇଲ, ଅପାକୁ କାର ଦେଇଛ, ମତେ କାହିଁକି ଦବନି! ମୁଁ ଏମିତି ପାତ ଭଳି ନେକ୍ଲେସ ପିନ୍ଧିବିନି, କୋଉ ମାନ୍ଧାତା ଅମଳର ଡିଜାଇନ୍ ପରି ଲାଗୁଛି। ମୁଁ ମୋ ବାହାଘର ସେଟ୍ ନିଜେ ଚଏସ୍ କରି କିଣିବି। ମୋ ଫର୍ଣିଚର୍ ସବୁ ଭଲ ବ୍ରାଣ୍ଡର ହୋଇଥିବା ଦରକାର। ସେମାନେ(ଶାଶୁଘର) ହାଇ କ୍ଲାସ୍ ଲୋକ ପସନ୍ଦ କରିବେନି। ମୋତେ ଲକ୍ଷେ ଟଙ୍କା ଦେଇଦିଅ ମୋ ମେକଅପ୍ ମୁଁ ପାର୍ଲର ଯାଇ କରିନେବି, ମୋ ଲେହେଙ୍ଗା ମୁଁ ନିଜେ କିଣିଦେବି। ଦେଖ ବାପା, ଆଜିକାଲି କିଏ ଆଉ ଯୌତୁକ ନଉଛନ୍ତି କହିଲ! ସେ କଂସା ବାସନ, ଲୁଗାପଟା, ବୁଣାବୁଣି ଏଗୁଡ଼ା ଆଉ କିଏ ନଉଛି! ତମେ କିଛି କିଣିବା ଦରକାର ନାହିଁ, ଖାଲି ଫ୍ଲାଟ୍ ଗୋଟେ ଦେଇଦିଅ।ଘରେ କାହିଁକି ଝାମେଲାରେ ବାହାଘର କରିବ, ପାଣି କାଦୁଅରେ ବରଯାତ୍ରୀ ଆସିବେ ତ? ବରଂ ମଣ୍ଡପ ନେଇ ଡେକୋରେଟ୍ କଲେ ବାହାଘର ଫଟୋ ଶୁଟ୍ ଭଲ ହେବ।ଏମିତି କାର୍ଡ ଆଜିକାଲି କିଏ କରୁଛି, ଆଉ ଟିକେ ଭଲ କଲନି' ?

ଏସବୁ କଥା ଶୁଣିଲେ ବଡ ଆଶ୍ଚର୍ଯ୍ୟ ଲାଗୁଛି ଆଉ ଦୁଃଖ ମଧ୍ୟ। ଆଜିକାଲି ଅନେକ ଝିଅ କେବଳ ନିଜ ପସନ୍ଦର ଜୀବନସାଥୀ ନୁହେଁ ନିଜ ପସନ୍ଦ ଅନୁସାରେ ବାହାଘରର ଆୟୋଜନ ଏଭଳି କରିବାକୁ ଡିମାଣ୍ଡ ରଖୁଛନ୍ତି, ଯେମିତି ଲାଗୁଛି ଝିଅର ଶାଶୁଘର ଲୋକେ ନୁହନ୍ତି ଝିଅ ନିଜେ ଯୌତୁକ ମାଗୁଛି। ସେ ଦିନ କୁଆଡେ ଗଲା....ଯେବେ ବାହାଘର ସ୍ୱୀକାର ପର୍ଯ୍ୟନ୍ତ ଲୋକ ଜାଣୁନଥିଲେ କିଏ ବାହା ହେଉଛି। ବାହାଘର କାନ୍ଦଣା ଗୀତ ଗାଇ ପରିବାରର ସମସ୍ତ ସଦସ୍ୟଙ୍କୁ ଜାବୁଡ଼ି ଧରି କାନ୍ଦୁଥିଲା ଝିଅ 'ମୋତେ କାହିଁକି ବିଦା କରୁଛ' କହି, ବାପଘରର ସ୍ମୃତି ଯେମିତି ସାଉଁଟି ନେଇ ଯାଉଥିଲା ଶାଶୁଘରକୁ ଓ ସଂସ୍କାରରେ ଗଢୁଥିଲା ଆଉ ଗୋଟେ ଦୁନିଆ। ବାପଘରୁ ସବାରୀ ଉଠିବା ବେଳେ ଯେମିତି ଫାଟି ଯାଉଥିଲା ଛାତି। କେତେଥର ମୂର୍ଚ୍ଛା ଚାଲି ଯାଉଥିଲା ଝିଅ। ସବାରୀ ସାଥିରେ ଧାଇଁ ଧାଇଁ ଗୁଡ଼ାଏ ବାଟ ଯାଉଥିଲା ଭାଇ, ହାତରେ ଢାଳେ ପାଣି ଧରି। ସାରା ପରିବାର ସହିତ ସାରା ଗାଁ କାନ୍ଦୁଥିଲା ଝିଅଟିଏ ବିଦା ହେବା ବେଳେ।

ହେଲେ ଏବେ ଚାକଚକ୍ୟ ଭରା ସମାଜରେ ଆଉ ଦିଶୁନି ନିବିଡତାର ଲୁହ, ଝିଅ ଆଖିରେ କି ବାପା ମାଆଙ୍କ ଆଖିରେ। ଝିଅ ନିଜେ ତଦାରଖ କରୁଛି ବରଯାତ୍ରୀ ଖାଇଲେ କି ନାହିଁ, ନିଜର ମେକପ୍ ଠିକ୍ ଅଛି କି ନାହିଁ, ସବୁ ଯୌତୁକ ଜିନିଷ ଗାଡ଼ିରେ ରହିଲା କି ନାହିଁ। ଶାଶୁଘରକୁ ଯିବାପରେ ବି ଯଦି କିଛି ଜିନିଷ ରହିଗଲା, ତାହା ବି ଫୋନ କରି ମଗେଇ ନେଉଛି।

କୌଣସି ଏକ ଦୁର୍ବଳ ମୁହୂର୍ତ୍ତରେ ଝିଅ ଆଖିରେ ଲୁହ ଜକେଇ ଆସିଲେ, ଟିସୁ ପେପର୍ ନେଇ ଝିଅ ସେଟ୍ କରି ନେଉଛି,କାଳେ ମେକାପ୍ ଛାଡ଼ିଯିବ। ଆଧୁନିକା ହେବା ଖରାପ ନୁହେଁ, କିନ୍ତୁ ଲଜ୍ଜା ନାରୀର ଶ୍ରେଷ୍ଠ ଆଭୂଷଣ, ଅନ୍ତତଃ ଅତ୍ୟାବଶ୍ୟକ ନହେଲେ ଝିଅ ନିଜ ଗରିମା ଭୁଲି ନଯାଉ। ଅନେକଙ୍କ ମନରେ ଏ ପ୍ରଶ୍ନ ବି ଆସିପାରେ ଝିଅ କାହିଁକି ସବୁଥିରେ ସ୍ୱାଧୀନତା ପାଇବନି? ସ୍ୱାଧୀନତାର ଅର୍ଥ ନୁହେଁ ସ୍ୱେଚ୍ଛାଚାରିତା। ସ୍ୱାଧୀନତା ଯଦି ବିନାଶର କାରଣ ହୁଏ, ଅସଂସ୍କାର, ଅମର୍ଯ୍ୟାଦାର କାରଣ ହୁଏ, ତେବେ ବିବାହ ଭଳି ଏକ ପବିତ୍ର ବନ୍ଧନରେ ବିଘ୍ନ ଉପୁଜିବା ଥୟ। ସେଥିପାଇଁ ତ ଏବେ ସବୁ ସ୍ୱାଧୀନତା,ସୁଖ, ସୁବିଧା, ଆନନ୍ଦ, ଅଭିଳାଷର ପୂର୍ତ୍ତି ସତ୍ତ୍ୱେ ବିଚ୍ଛେଦ ଭୋଗିବା ସାର ହେଉଛି। ଝିଅ ବିଚାରର ସ୍ୱାଧୀନତା ଓ ସୁବ୍ୟବହାରର ଯୌତୁକ ନେଇ ସଂସାର ଗଢିଲେ ହିଁ ଜୀବନ ସୁନ୍ଦର ହେବ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ସକାଳ ଜଳଖିଆ ଜରୁରି କାହିଁକି



ସକାଳ ଜଳଖିଆକୁ ସାଧାରଣତଃ ଦିବସର ଶ୍ରେଷ୍ଠ ଭୋଜନ ଭାବେ ପରିଗଣନା କରାଯାଏ। ଏହା ରାତି ସାରା ଅବଶ ହୋଇ ପଡ଼ିଥିବା ଶରୀରକୁ ଶକ୍ତି ଓ ସତେଜତା ଯୋଗାଇବା ସହ ସୁସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ପୋଷକର ଚାହିଦା ମେଣ୍ଟାଇଥାଏ। ମାତ୍ର ଆଜିର ବ୍ୟସ୍ତବହୁଳ ଜୀବନରେ ଦିବସର ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଥମ ଭୋଜନକୁ ଆମମାନଙ୍କ ଭିତରୁ ଅନେକ ଅଣଦେଖା କରିଥା'ନ୍ତି। ମାତ୍ର ଏହା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ।

ତେଣୁ ପ୍ରତ୍ୟହ ସକାଳେ ଜଳଖିଆ ଗ୍ରହଣ ନକଲେ କ'ଣ ସବୁ ଅସୁବିଧା ହୋଇଥାଏ, ଆଜି ସେ ବାବଦରେ ଅବଗତ ହେବା। ପ୍ରଥମତଃ ସକାଳେ ଜଳଖିଆ ଖାଇ ନଥିଲେ ଆମ ଶରୀର ଯେ କୌଣସି ବି ଖାଦ୍ୟ ପାଇଁ ବ୍ୟାକୁଳ ହୋଇଥାଏ। ଫଳରେ ଆବଶ୍ୟକତା ଠାରୁ ଅଧିକ ଖାଇବା ସହ ଉଚ୍ଚ କ୍ୟାଲୋରି ଯୁକ୍ତ ଓ ଶର୍କରା ସଂପନ୍ନ ଖାଦ୍ୟ ଖାଇବାକୁ ମନ ହୋଇଥାଏ। ଏହାଦ୍ୱାରା ଓଜନ ବୃଦ୍ଧିର ଆଶଙ୍କା ସୃଷ୍ଟି ହୁଏ। ସେହିପରି ପୂର୍ବରୁ ଏକ ଅନୁଧାନରୁ ସ୍ପଷ୍ଟ ହୋଇଛି ଯେ ଯେଉଁମାନେ ଆଦୌ ସକାଳ ଜଳଖିଆ ଖାଆନ୍ତି ନାହିଁ, ସେମାନଙ୍କର ନିୟମିତ ଜଳଖିଆ ଖାଉଥିବା ଲୋକଙ୍କ ତୁଳନାରେ ହୃଦ୍ ?ଘାତ ମୃତ୍ୟୁ ଆଶଙ୍କା ୮୭ ପ୍ରତିଶତ ଅଧିକ। ଅପରପକ୍ଷେ, ସକାଳ ଜଳଖିଆ ନ ଖାଇବା ଦ୍ୱାରା ଶରୀରରେ ଅମ୍ଳତ୍ୱ ସ୍ତର ବଢ଼ିଯାଇଥାଏ। ଶରୀର ଯେତେବେଳେ ଭୋକିଲା ଥାଏ ଓ ପୋଷକ ଆବଶ୍ୟକ କରୁଥାଏ,ଏହା ସ୍ୱାଭାବିକ ଭାବେ ଖାଦ୍ୟ ହଜମକୁ ସୁଗମ କରିବା ଲାଗି ଅମ୍ଳ ଝରାଇ ପାକସ୍ଥଳୀ ଭିତରକୁ ଛାଡ଼ିଥାଏ। ଯଦି ଏହି ଅମ୍ଳ ପାଚନରେ ବ୍ୟବହୃତ ହେବା ପାଇଁ ଆବଶ୍ୟକ ପରିମାଣର ଖାଦ୍ୟ ନ ପାଏ, ତେବେ ଅମ୍ଳ ସ୍ତର ବଢ଼ିଯାଇ ତାହା ପାକସ୍ଥଳୀ ଓ ଖାଦ୍ୟ ନଳୀ ସମେତ ହୃତ୍‌ପିଣ୍ଡକୁ ମଧ୍ୟ ପ୍ରଭାବିତ କରିଥାଏ।


ସକାଳେ ଜଳଖିଆ ଖାଇ ନଥିଲେ ଆମ ଶରୀର ଯେ କୌଣସି ଖାଦ୍ୟ ଗ୍ରହଣ ପାଇଁ ବ୍ୟାକୁଳ ହୋଇଥାଏ। ଫଳରେ ଆବଶ୍ୟକତାରୁ ଅଧିକ ଉଚ୍ଚ କ୍ୟାଲୋରିଯୁକ୍ତ ଓ ଶର୍କରାସଂପନ୍ନ ଖାଦ୍ୟ ଖାଇବାକୁ ମନ ହୋଇଥାଏ। ଏହାଦ୍ୱାରା ଓଜନ ବୃଦ୍ଧିର ଆଶଙ୍କା ସୃଷ୍ଟି ହୋଇଥାଏ।

ସେହିପରି ସକାଳ ଜଳଖିଆକୁ ଅବହେଳା କଲେ ରକ୍ତ ଶର୍କରା ସ୍ତର ଖସିଯାଇଥାଏ। ସେଥି ଯୋଗୁଁ ମନରେ ଚିଡ଼ିଚିଡ଼ା ଭାବ ଆସିବା ସହ ଜଣେ କ୍ଲାନ୍ତି ଅନୁଭବ କରିଥାଏ। ଏଥି ସହିତ ନିମ୍ନ ରକ୍ତ ଶର୍କରା ସ୍ତର ମଧ୍ୟ କୋର୍ଟିସୋଲ୍? ସ୍ତରକୁ ବଢ଼ାଇ ଅଧିକ ଚାପଗ୍ରସ୍ତ ଅନୁଭବ ଆଣିଥାଏ। ସେଥିଯୋଗୁଁ ମଧ୍ୟ ମୁଣ୍ଡ ବିନ୍ଧିବା ସହ ସବୁକିଛି ଅସହଜ ମନେହୁଏ।

ସୂଚନାଯୋଗ୍ୟ, ବିଭିନ୍ନ ପ୍ରକାର ଭିଟାମିନ୍?, ତନ୍ତୁ, କାଲସିଅମ୍? ଓ ଅନ୍ୟାନ୍ୟ ଖଣିଜ ସାରକୁ ଶରୀର ଗ୍ରହଣ କରିବା ପାଇଁ ସକାଳ ହେଉଛି ପ୍ରକୃଷ୍ଟ ସମୟ, ଯାହା ସାରା ଦିନ ପାଇଁ ଚଳଚଞ୍ଚଳ ରହିବା ପାଇଁ ପ୍ରୋତ୍ସାହିତ କରିଥାଏ। ତେଣୁ ସକାଳ ଜଳଖିଆ ନକରିବା ଦ୍ୱାରା ଶରୀର ଯଥେଷ୍ଟ ପରିମାଣର ପୋଷକ ପାଇ ନଥାଏ, ଯାହା କି ନାନା ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ତେଣୁ ସନ୍ତୁଳିତ ପୋଷକ ସଂପନ୍ନ ସକାଳ ଜଳଖିଆ ଅପରିହାର୍ଯ୍ୟ।

# ହୃତ୍‌ପିଣ୍ଡ ପାଇଁ ୩ କପ୍ ଚା' ବା କଫି

ଚା'ବା କଫି ପରି ପାନୀୟ ଆମ ସ୍ୱାସ୍ଥ୍ୟ ପାଇଁ ଅହିତକର ବୋଲି ଅନେକଙ୍କର ଧାରଣା ରହିଛି। ମାତ୍ର ଆଶ୍ଚର୍ଯ୍ୟ ଲାଗିଲେ ବି ଏକ ସଦ୍ୟ ଅନୁଧ୍ୟାନ ଅନୁଯାୟୀ, ଦୈନିକ ମଧ୍ୟମ ଧରଣର ଚା' ଅଥବା କଫି ପାନ ଦ୍ୱାରା ହୃତ୍‌ପିଣ୍ଡ ଜନିତ ରୋଗ ଆଶଙ୍କାକୁ କମାଇ ହେବ। ଚୀନ୍‌ର ସୂଚାଓ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ମତରେ, ଦିନକୁ ତିନି କପ୍ କଫି ବା ଚା' ପାନ କଲେ କାର୍ଡିଓମେଟାବୋଲିକ୍ ମଲ୍‌ଟିମର୍ବିଡିଟି (ସିଏମ୍) ପରି ହୃତ୍‌ପିଣ୍ଡ ସହ ଜଡ଼ିତ ରୋଗର ଆଶଙ୍କା କମ୍ ହୁଏ। ସିଏମ୍ କହିଲେ ସାଧାରଣତଃ ହୃଦ୍‌ରୋଗ, ମସ୍ତିଷ୍କଘାତ ଓ ଟାଇପ୍-୨ ମଧୁମେହ ମଧ୍ୟରୁ ଏକକାଳୀନ ଅତି କମ୍‌ରେ ଦୁଇଟି ଅବସ୍ଥାକୁ ବୁଝାଇଥାଏ। ପ୍ରଥମରୁ କୌଣସି ପ୍ରକାର ହୃତ୍‌ପିଣ୍ଡଜନିତ ରୋଗ ବା ମେଟାବୋଲିକ୍ ରୋଗ ନଥିବା ୟୁନାଇଟେଡ୍ କିଂଡମ୍‌ର କଫି, କଳା ଚା' କିମ୍ବା ସବୁଜ ଚା' ପିଉଥିବା ପ୍ରାୟ ୧,୮୦,୦୦୦ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ତର୍ଜମା କରି ଗବେଷକମାନେ ଏପରି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ଏହି ସ୍ୱେଚ୍ଛାସେବୀମାନେ ନିୟମିତ କଫି ଓ ଚା' ପାନ କଲା ପରେ ସେମାନଙ୍କଠାରେ କେଉଁ ରୋଗର ଆବିର୍ଭାବ ହେଉଛି, ତାହା ଉପରେ ନିଘା ରଖାଯାଇଥିଲା। ବିଭିନ୍ନ ମେଡିକାଲ୍ ରିପୋର୍ଟ, ଡାକ୍ତରଖାନାରୁ ମିଳିଥିବା ତଥ୍ୟ ଓ ମୃତ୍ୟୁ ପ୍ରମାଣପତ୍ର ଆଦିରୁ ଜଣାପଡ଼ିଥିଲା ଯେ, ଆଦୌ କଫି ପିଉ ନଥିବା ବା ସାମାନ୍ୟ ଅଳ୍ପ କଫି ପିଉଥିବା ଲୋକଙ୍କ ତୁଳନାରେ ଯେଉଁମାନେ ଦୈନିକ ତିନି କପ୍ କଫି ପିଉଥିଲେ, ସେମାନଙ୍କ ଠାରେ ସିଏମ୍ ଦେଖାଦେବାର ଆଶଙ୍କା ୪୮.୧ ପ୍ରତିଶତ କମ୍ ରହିଥିଲା। ଏପରିକି ଦୈନିକ ୨୦୦ରୁ ୩୦୦ ମିଲିଗ୍ରାମ୍‌ର କ୍ୟାଫିନ୍ ଗ୍ରହଣ କରିଥିବା ଲୋକଙ୍କର ସେହି ଆଶଙ୍କା ୪୦.୭ ପ୍ରତିଶତ କମ୍ ରହିଥିଲା। ତେବେ କଫି ଓ ଚା'ରେ ରହିଥିବା କ୍ୟାଫିନ୍ ନାମକ ରାସାୟନିକ ପଦାର୍ଥ ଶରୀରରେ ସିଏମ୍ ବିକଶିତ ହେବାକୁ ରୋକିଦେଇଥାଏ ବୋଲି ଗବେଷକମାନେ ଅନୁମାନ କରୁଛନ୍ତି।




# ଦୂରନ୍ତ ଶିଖା

ଭାଗ-୩୫



ଡ.ସିନ୍ଧୁ ସେନ୍

## ॥ ଷୋହଳ ॥

ଏବେ ଜୀବନର ଅନ୍ତିମ ଲଗ୍ନରେ ସେସବୁ ଅତୀତରେ ଘଟଣାବଳୀକୁ ମନେପକାଇ ନିଜେନିଜ ଉଲ୍ଲସିତ ହୋଇ ଉଠୁଥିଲି । ଭାବୁଥିଲି ମୋର ପରବର୍ତ୍ତୀ ପିଢ଼ି ଯଦି ମୋର ଏହି ଦଶଶିର, ବିଂଶବାହୁ ଚେହେରାକୁ ଅନୁକରଣ କରି ଏହାଠାରୁ ଅଧିକ କିଛି ଯେ ଉଦ୍ଭାବନ କରିପାରନ୍ତି ଏଥିରେ ସନ୍ଦେହ ନାହିଁ । କାରଣ ଯୁଗପରେ ଯୁଗ ବଦଳିବା ସଂଗେସଂଗେ ଆଚାର, ବ୍ୟବହାର, ଚାଲିଚଳଣ ମଧ୍ୟ ବଦଳିଯିବାଟା କିଛି ଅସମ୍ଭବ ନୁହେଁ । ପୁନଶ୍ଚ ବୈଜ୍ଞାନିକ ମାନଙ୍କର ଚିନ୍ତାଧାରାରେ ମଧ୍ୟ ଆହୁରି ଅଧିକ ଅଗ୍ରଗତି ଯେ ନ କରିବ, ତାହା କିଏ କହିବ । ତେବେ ଯାହାବି ହେଉନା କାହିଁକି, ଆଗାମୀ ଯୁଗର ବ୍ୟକ୍ତିମାନଙ୍କ ପାଖରେ ମୋର ଦଶଶିର, ବିଂଶବାହୁ ତ ଏକ ଦୃଷ୍ଟାନ୍ତ ପାଲଟିଯିବ । ସେମାନେ ଯେତେ ଯେତେ ନୂତନ ଉଦ୍ଭାବନ କରନ୍ତୁ ନା କାହିଁକି, ରାବଣ ଯୁଗର ଉଦ୍ଭାବନ ନିଶ୍ଚିତ ସମଗ୍ର ବିଶ୍ୱକୁ ଆଲୋକ ଦେଖାଇବ ସେଥିରେ ସନ୍ଦେହ ନାହିଁ।

ଦାନବ ବୀର ମୟଙ୍କ ଠାରୁ ମୁଁ ଦଶମୁଣ୍ଡ କୋଡ଼ିଏ ହାତର ସନ୍ଧାନ ପାଇଥିଲି, ଯାହା ପ୍ରୟୋଗ କରିଥିଲି ମୋରି ପାଖରେ । ମୋର ଏହି ନୂତନ ଚେହେରାକୁ ନେଇ କିଏ ଈର୍ଷା କରୁ କି ଅସୂୟା କରୁ ସେଥିପ୍ରତି ମୁଁ ଏତେଟା ଗୁରୁତ୍ୱ ଦେଇ ନଥିଲି । ଏତିକି ମଧ୍ୟ ଜାଣିଥିଲି, ଈର୍ଷା ତ ପ୍ରତ୍ୟେକ ବ୍ୟକ୍ତିର ସହଜାତ ପ୍ରବୃତ୍ତି । ଈର୍ଷାନ୍ୱିତ ବ୍ୟକ୍ତି କଦାପି ତୃପ୍ତିଲାଭ କରିପାରେ ନାହିଁ । କି ପାରିବନି ମଧ୍ୟ । ଜ୍ୱଳନ ହିଁ ଅଗ୍ନିର ଧର୍ମ । ଆଉ ସେହି ପ୍ରଜ୍ୱଳିତ ଅଗ୍ନି ଉପରେ ପୁନଃ ପୁନଃ ଶୁଷ୍କ ଇନ୍ଧନ ସଂଯୋଗ କରାଯାଏ ତେବେ ତାହା ଅଧିକରୁ ଅଧିକତର ପ୍ରଜ୍ୱଳିତ ହେବ । ଈର୍ଷାନ୍ୱିତ ବ୍ୟକ୍ତିର ହୃଦୟତ ଠିକ୍ ସେହିପରି । ଯେତେ ଦଗ୍ଧୀଭୂତ ହେଲେ ମଧ୍ୟ ସୁଯୋଗ ପାଇଲା ମାତ୍ରେ ତାର ଆକାଂକ୍ଷା କମେନି ବରଂ ବଢ଼ିଚାଲେ ।

ମୁଁ ରାବଣ, ମୋତେ ଯିଏ ଯାହା କହୁନା କାହିଁକି ମୁଁ ମୋ ନିଜସ୍ୱ ନିଷ୍ପତ୍ତିରେ ଅଟଳ । କୃତ୍ରିମ ଯନ୍ତ୍ରାଂଶ ଖଞ୍ଜି ମୋର ଦଶମୁଣ୍ଡ, କୋଡ଼ିଏ ହାତ ହୋଇଗଲା ପରେ ଅନେକଙ୍କ ପାଖରେ ମୁଁ ଦଶଶିର, ବିଂଶବାହୁ ନାମରେ ପରିଚିତ ହୋଇଗଲି । କେହିକେହି ମୋତେ ଦଶଗ୍ରୀବ ବୋଲି ଡାକିବାକୁ ଲାଗିଲେ । ମୋର କିନ୍ତୁ ସେଥିପାଇଁ ଦୁଃଖ ନଥିଲା । ବରଂ ଅହଂକାର ଜାଗୁଥିଲା ମନରେ । ଭାବୁଥିଲି ଯାହା ଆଜିପର୍ଯ୍ୟନ୍ତ କେହି କରି ପାରି ନଥିଲେ ମୁଁ ତାହାହିଁ କରି ଦେଖାଇ ଦେଇଛି । ଜଗତ ଜାଣୁ ରାବଣ କେତେ ନାମରେ ନାମିତ । ଏତକ ମଧ୍ୟ କହିବାକୁ ଦ୍ୱିଧା ନାହିଁ । ମୋ ଅନ୍ତେ କେହି ଯଦି ଏମିତି ଦଶଶିର, ବିଂଶବାହୁକୁ ନିଜ ଶରୀର ସହ ସଂଲଗ୍ନ କରି ଗର୍ବ ଅନୁଭବ କରେ ତେବେ ନିଶ୍ଚିତ ସେଦିନ ମୋତେ ହିଁ ସେ ସ୍ମରଣ କରିବ । କାରଣ ଏମିତି ଭୟଙ୍କର ଚେହେରା କେହି କେବେ ଜାଣିଶୁଣି ଚାହିଁବ ନାହିଁ । ମୁଁ ସିନା ନିଜକୁ ଅସାମାନ୍ୟ ଅସାଧାରଣ କରିବା ପାଇଁ ଏମିତି ସବୁ ପଦକ୍ଷେପ ନେଇଥିଲି । ହେଲେ ଜଣେ ସୁସ୍ଥ ମସ୍ତିଷ୍କରେ କ'ଣ କେବେ ଏମିତି ଚାହିଁପାରେ । ମୁଁ ତ ସବୁବେଳେ ସେଇ ରୂପକାନ୍ତିକୁ ନେଇ ରହୁନଥିଲି । ଆବଶ୍ୟକ ପଡ଼ିଲେ ମୋତେ ଦଶଶିର ବିଂଶବାହୁ ରୂପ ଧରିବାକୁ ପଡୁଥିଲା । ପ୍ରଭୁ ଶ୍ରୀରାମଙ୍କ ସହ ଅନ୍ତିମ ଯୁଦ୍ଧ ସମୟରେ ମୋତେ ସେହି ବେଶ ଧରିବାକୁ ପଡ଼ିଥିଲା । ଯଦିଓ ଜାଣିଥିଲି ପ୍ରଭୁ ଶ୍ରୀରାମ ମୋର ଏମିତି ବେଶଭୂଷା ଦେଖି ଆଦୌ ଭୟଭୀତ ହେବେନି । ମୋତେ ସାମ୍ନା କରି ଅସ୍ତ୍ରଚାଳନା କରିବେ, କିନ୍ତୁ ମୋର ଦଶଗ୍ରୀବ ରୂପରେ ମୁଁ ତ ଅନେକଙ୍କୁ ନିହତ କରିଥିଲି । ନିଜର ପରାକ୍ରମ ଦେଖାଇବାକୁ ସକ୍ଷମ ହୋଇଥିଲି ।

ଅବତାରୀ ପୁରୁଷ ଶ୍ରୀରାମ ଧରାପୃଷ୍ଠରେ ମନୁଷ୍ୟଜନ୍ମ ନେଇ ନିଜର ଲୀଳା କରୁଥିବାବେଳେ ମୋତେ ମାରିବାକୁ ସୁଯୋଗ ପାଇଥିଲେ । ମୁଁ ବିଂଶବାହୁ ହୁଏ କି, ଦଶଶିର କିମ୍ବା ଦଶଗ୍ରୀବ ହୁଏ, ପ୍ରଭୁ ତ ଜାଣିଥିଲେ ରାବଣ କ'ଣ ? କାହିଁକି ରାବଣର ଜନ୍ମ ? ସ୍ୱୟଂ ବିଷ୍ଣୁଙ୍କ ଅବତାର ହୋଇ ବି ଦଶ ଦଶଟି ମୁଣ୍ଡରେ ଅସ୍ତ୍ର ଚାଳନା କରି ମୋତେ ନିଧନ କରି ପାରିଲେ ନାହିଁ । ଶେଷରେ ତାଙ୍କୁ ମୋ ନାଭିମଣ୍ଡଳରେ ବ୍ରହ୍ମାସ୍ତ୍ର ପ୍ରୟୋଗ କରିବାକୁ ପଡ଼ିଲା । ହେ ପ୍ରଭୁ ଶ୍ରୀରାମ, ଏବେ ମୋର ଅନ୍ତିମ କ୍ଷଣ ଉପସ୍ଥିତ । ତେବେ ଏତିକି କହିବି ମୋର ଦଶ ଶିର । ବିଂଶବାହୁ କାଳ କାଳକୁ ଜଗତବାସୀଙ୍କ ପାଖରେ ସ୍ମରଣୀୟ ହୋଇ ରହିବ । ମୋ ଅନ୍ତେ ଆଗାମୀ ଯୁଗରେ ମୋତେ ଯଦି କେହି ଚିତ୍ରପଟ୍ଟ ଭାବେ କାନ୍ଥରେ ଝୁଲାଇ ରଖିବାକୁ ଚାହିଁବି, ସେ ନିଶ୍ଚିତ ମୋର ଏହି ଦଶଶିର, ବିଂଶବାହୁ ରୂପକୁ ହିଁ ଅଗ୍ରାଧିକାର ଦେବ । କାରଣ ରାବଣର ଜନ୍ମ ସାଧାରଣ ନ ଥିଲା ସେ ଥିଲା ଅସାଧାରଣ, ଅନନ୍ୟ ।

## ॥ ସତର ॥

ଦେବୀ ମନ୍ଦୋଦରୀଙ୍କ ସହ ମୋ ସଂସାର ରଥର ଚକ ବେଶ୍ ସୁରୁଖୁରରେ ଗଡ଼ି ଚାଲିଥିଲା । ପତ୍ନୀ ମନ୍ଦୋଦରୀ ବ୍ୟତୀତ ମୋର ଥିଲେ ଆଉ ଦୁଇଜଣ ସାନଭାଇ କୁମ୍ଭକର୍ଣ୍ଣ ଆଉ ବିଭୀଷଣ । ଏକମାତ୍ର ଭଗ୍ନୀ ସୂର୍ପଣଖା । ସମସ୍ତେ ହିଁ ମୋତେ ପ୍ରାଣାଧିକ ଭଲ ପାଉଥିଲେ । ହେଲେ ମନ୍ଦୋଦରୀ ସେମାନଙ୍କ ଠାରୁ କିଛିଟା ଭିନ୍ନ, ସ୍ୱତନ୍ତ୍ର । ତାଙ୍କୁ ପାଇଲା ପରେ ମୋ ଜୀବନର ଗତିପଥ କିଛିଟା ପରିବର୍ତ୍ତନ ହୋଇ ଯାଇଥିଲା । ସେ କେବଳ ମୋର ସ୍ତ୍ରୀ ନ ଥିଲା । ଥିଲା ଏକ ବିମୁଗ୍ଧ ପ୍ରେମିକା । ମୋ ରାକ୍ଷସ ପ୍ରକୃତିରେ ସେ ହିଁ ଭରି ଦେଇଥିଲା ପ୍ରେମର ଫଲ୍‌ଗୁ । ତାରି ଠାରୁ ମୁଁ ଜାଣିଲି, ପ୍ରେମ ଏକ ସ୍ପନ୍ଦନର ଅଭିବ୍ୟକ୍ତି, ଏକ ନିରୁତା ଅନୁଭବ । ତାଙ୍କ ସହିତ ମୋର ସାକ୍ଷାତ ଥିଲା ଆକସ୍ମିକ, ଆଉ ପ୍ରେମ ମଧ୍ୟ ହୋଇଥିଲା ଆକସ୍ମିକ । ମୁଁ ସେଦିନ ଅନୁଭବ କରିଥିଲି ପ୍ରେମ ହେଉଛି ହୃଦୟର ଏକପ୍ରକାର ଆକୁଳ ପ୍ରାର୍ଥନା । ପ୍ରେମକୁ କେବଳ ଭୋକ ଅର୍ଥରେ ନେଲେ ତାହା ଅବଶ୍ୟ କ୍ଷଣିକ ସୁଖ ହୋଇପାରେ । ମାତ୍ର ତାହା ଶାଶ୍ୱତ ସୁଖ ନୁହେଁ । ପ୍ରୀତି ଓ ପ୍ରଣୟ ସମ୍ପର୍କରେ ଶାରୀରିକ ସମ୍ପର୍କ ନିଶ୍ଚିତ ରହିବ । ତାର ଅର୍ଥ ନୁହେଁ । ଦେହକୁ ଆୟୁଧ କରି କାମପିପାସାକୁ ଚରିତାର୍ଥ କରାଯିବ । ତେଣୁ ସର୍ତ୍ତବିହୀନ ପ୍ରେମ ଏବଂ ଅନାବିଳ ପ୍ରେମ ହିଁ ପ୍ରକୃତ ପ୍ରେମର ପରିଚାୟକ । ପ୍ରେମକୁ ପୂଜା କରାଯାଇପାରେ । ଆରାଧନା ମଧ୍ୟ କରାଯାଇପାରେ । ବିନା ତ୍ୟାଗ ଓ ତିତିକ୍ଷାରେ ସୃଷ୍ଟି ପ୍ରେମର ପରମାୟୁ କ୍ଷଣସ୍ଥାୟୀ। ଯେଉଁ ପ୍ରେମରେ ଆତ୍ମଦହନ ନାହିଁ । ସେ ପ୍ରେମରେ ଜୀଇଁବାର କିଛି ମାନେ ନାହିଁ । ପ୍ରେମ ହିଁ ଜୀବନର ଚରମ ଅନୁଭୂତି । କେହି ହୃଦୟବାନ୍ ନହେଲେ ପ୍ରେମକୁ ଆତ୍ମସ୍ଥ କରିପାରେନି । ପ୍ରେମରେ ମୁକ୍ତି ଅଛି, ପରିତ୍ରାଣ ରହିଛି । କେତେବେଳେ ଏହା ପ୍ରତୀକ୍ଷା କେତେବେଳେ ପୁଣି ମିଳନ, ବିରହ। କେତେବେଳେ ମହିମାମୟ ଶୂନ୍ୟତା ତ କେବେ ଦିବ୍ୟ ହାହାକାର । ପ୍ରେମ ପୁଣି ପାଷାଣ ଦେହରେ ସ୍ଥାପନ କରିପାରେ ହୃଦୟ।

ମନ୍ଦୋଦରୀଙ୍କ ପ୍ରେମକୁ କି ଅର୍ଥରେ ବ୍ୟାଖ୍ୟା କରିବି ତାର ଭାଷା ମୋ ନିକଟରେ ନାହିଁ । ତା ପ୍ରେମରେ ଥିଲା ଏକାଧାରରେ ତ୍ୟାଗ, ଭକ୍ତି, ସ୍ନେହ, ଶ୍ରଦ୍ଧା, ମମତା । ମୋତେ ସତ୍‌ପଥକୁ ଆଣିବା ପାଇଁ ଜଣେ ଶୁଭାକାଂକ୍ଷୀ ଭାବେ ଅନେକ ଚେଷ୍ଟା କରିଛି।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




(ପୂର୍ବ ପ୍ରକାଶିତ ଉତ୍ତାର)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୬୦ ॥

ଆଦିମ ନୃବାନର ଜନ୍ମ ହୋଇ କ୍ରନ୍ଦନ କରୁନଥିଲା । ପ୍ରଥମେ ଆଫ୍ରିକାର ନୀଳ ନଦୀ ଓ ଲୋହିତ ସାଗର ମଧ୍ୟରେ ଜନ୍ମ ହୋଇ ମାନବ ଶିଶୁ କ୍ରନ୍ଦନ କରିଥିଲା । ଉନ୍ନତ ସର୍ଜନା ପୂର୍ବ ରୁଆକାଶର ଜ୍ୱଳନ୍ତ ପିଣ୍ଡ ମାନେ ଯେପରି ରୁଦ୍ର ରୂପେ ପ୍ରକାଶ ହୋଇଥିଲେ, ସେହିପରିଏହିମାନେ ରୁଦ୍ର ଜାତିର ମାନବ ଥିଲେ । ସେହି ଆଫ୍ରିକାରେ ଓଣ୍ଡ ଓ ଓଡ ନାମରେ ଦୁଇଟି ସ୍ଥାନ ଅଛି । ବୋଧହୁଏ ଓଡ଼ିଶା ବାସୀ ପ୍ରିୟବ୍ରତଙ୍କ ରଥ ଚକ୍ର ଏହି ପର୍ଯ୍ୟନ୍ତ ଗତି କରିଥିଲା । ଏହି ଆଫ୍ରିକାରେ ଅଜପ ନାମକ ସ୍ଥାନ ଅଛି, ଯାହାର ଅର୍ଥ ଜଳ କେବେ ଜନ୍ମ ହୋଇ ନାହିଁ, ପ୍ରାଣ ଚକ୍ରର ବିକାଶ ବା ଏଠାରେ ମନ୍ତ୍ର ଜପ କରାଯାଏନାହିଁ । ଅନ୍ୟ ପକ୍ଷରେ ଭାରତର ପୂର୍ବ ନାମ ଅଜ ଏବଂ ସୂର୍ଯ୍ୟ ବଂଶୀ ରାମଚନ୍ଦ୍ରଙ୍କ ପିତା ମହ ଅଜ ଥିଲେ । ଏଠାରେ ଚୈତ୍ର ମାସର ସୂର୍ଯ୍ୟ ଅର୍ଯ୍ୟମା ଉଦୟ ହୁଅନ୍ତି ତଥା ଭାରତ ଆର୍ଯ୍ୟ ମାନଙ୍କ ବାସ ଭୂମି ଥିଲା । ଆଫ୍ରିକା, ଅଷ୍ଟ୍ରେଲିଆ, ଭାରତ ମଧ୍ୟରେ ଏହିପରି କିଛି ଆଦି ସମ୍ପର୍କ ଥିଲା । ବୋଧହୁଏ ଏହିଠାରେ ହିଁ ସୃଷ୍ଟି ଆରମ୍ଭ ଏବଂ ଶେଷ ହୋଇଥିଲା ।

ପ୍ରାୟ ପାଞ୍ଚ, ଛଅ ହଜାରରୁ ସାତ ହଜାର ପୂର୍ବ ବର୍ଷ ମାନଙ୍କ ମଧ୍ୟବର୍ତ୍ତୀ ସମୟ । ସେତେବେଳେ ରାଜସ୍ଥାନ, ଗୁଜୁରାଟ, ପଞ୍ଜାବ ଆଦି ବିଭାଜିତ ହୋଇ ନଥିଲା । ଏହା ଥିଲା ସିନ୍ଧୁ ଉପତ୍ୟକା । ସେତେବେଳେ ଆଫ୍ରିକା ଓ ତାର ନିକଟ ବର୍ତ୍ତୀ ଅଞ୍ଚଳରୁ ଗୋଟିଏ ଦଳ ନୌବାହୀ ଜାତି କେତେକ ଆଫ୍ରିକାର ଉତ୍ତର ପଶ୍ଚିମ, କେତେକ ଆରବ ଓ ରାଜସ୍ଥାନ ଅଞ୍ଚଳ ଦିଗକୁ ଆସି ବାସ କରୁଥିଲେ । ପ୍ରଥମେ ଆଦି ମଣିଷ ମାନେ ଶିକାରୀ ଥିଲେ । କ୍ରମେ ସାଧାରଣ ଲୋକ ମାନେ ଛେଳି, ମେଣ୍ଢା ଆଦି ପାଳନ କଲେ, ମାଛ ଧରିଲେ । କିନ୍ତୁ ନଦୀ ମାନଙ୍କର ପ୍ରବଳ ବନ୍ୟା ଏବଂ ସମୁଦ୍ର ଜୁଆରରେ ବାଲିଚର ମାଡ଼ି କେତେକ ଅଞ୍ଚଳ ମରୁଭୂମିରେ ପରିଣତ ହେଲା । ଲୋକ ମାନେ ଖାଦ୍ୟ ଅଭାବରେ ମୃତ୍ୟୁ ଲାଭକଲେ ବା ପଳାୟନ କଲେ । ଦଳେ ଅନ୍ୟ ମାନଙ୍କୁ ଲୁଣ୍ଠନ କଲେ । ଇନ୍ଦୁ ନଦୀ କୂଳରେ ଯେଉଁ ମାନେ ଦଳପତି ଥିଲେ ସେମାନଙ୍କୁ ଇନ୍ଦ୍ର କୁହା ଯାଉଥିଲା । ତାଙ୍କୁ ଜିତି ପ୍ଲକ୍ଷ ଦ୍ୱିପ ଅଧିକାର କଲେ ଇନ୍ଦ୍ରଜିତ । କ୍ରମେ ରାଜା ଇନ୍ଦ୍ରଜିତ ସିନ୍ଧୁ ଅଞ୍ଚଳ ଛାଡି ଶାସନ ର ସୁବିଧା ଦୃଷ୍ଟିରୁ କାଷପିଆନ ସାଗର, କାଜାକ୍ ସ୍ଥାନ, କାକେକସ ପର୍ବତ, ଇୟୁକ୍ରେନ୍, ମଧ୍ୟ ଏସିଆ ଆଦି ଅଞ୍ଚଳରେ ସ୍ଥାୟୀ ଭାବେ ବାସ କରି ସେହି ଅଞ୍ଚଳ ରେ ବୈବାହିକ ସମ୍ପର୍କ ସ୍ଥାପନ କଲେ । ତାଙ୍କର ଅନ୍ୟ ଭାଇ ମାନେ ମଧ୍ୟ ନିଜ, ନିଜ ଦ୍ୱିପରେ ସ୍ଥାୟୀଭାବେ ବାସ କରିବାରେ ଲାଗିଲେ । ସେମାନେ ଗୋଟିଏ ବଂଶ ଜାତ ହୋଇ ଥିବାରୁ ସିନ୍ଧୁ କୂଳରେ ଗଢି ଉଠିଥିବା ମାନବ ସଭ୍ୟତାର ଅନୁସରଣ କରି ନିଜ ସାମ୍ରାଜ୍ୟରେ ସଭ୍ୟତା ମାନ ସ୍ଥାପନ କଲେ । ଏମାନେ ପ୍ରାୟ ସମସ୍ତେ ସୂର୍ଯ୍ୟ, ବାୟୁ, ଜଳ, ପୃଥିବୀ, ଆକାଶ ଆଦିଙ୍କୁ ଦେବତା ଭାବେ ମାନୁଥିଲେ । କେତେକ ସଭ୍ୟତାରେ ସୃଷ୍ଟିର ଆରମ୍ଭ ସମ୍ପର୍କରେ ଏକା ପ୍ରକାର ବିଶ୍ୱାସ ଥିଲା । ଭାଗବତ ଅନୁସାରେ ପ୍ରିୟ ବ୍ରତ ନିଜ ପୁତ୍ର ମାନଙ୍କ ବଳରେ ଶତ୍ରୁ ଶୂନ୍ୟ ଥିଲେ । ଏହିଭଳି ସ୍ଥାନର ପରିବେଶ ଓ ଜଳ ବାୟୁ ସହ, ଶହ, ଶହ ବର୍ଷ ଧରି ସେମାନଙ୍କର ବଂଶାନୁ କ୍ରମ ଓ ଚେହେରାର ପରିବର୍ତ୍ତନ ଘଟିବାର ଲାଗିଲା ।

ସେହି ସମୟରେ ଅଗ୍ନିଧ୍ର ଜମ୍ବୁ ଦ୍ୱୀପର ଶାସନ କର୍ତ୍ତା ଥିଲେ ଓ ରାଜସ୍ଥାନରେ ବାସ କରୁଥିଲେ । ଏହି ସମୟରେ ଅଗ୍ନିର ଉପଯୋଗ କରି ସେମାନେ ଉନ୍ନତ ବାଣ ନିର୍ମାଣ, ଧାତୁର ରଥଚକ୍ର, ଅରଟ ଚକ୍ର, କପି କଳ, ତନ୍ତ, ପୋଡ଼ା ଇଟା, ମରୁଭୂମିର ଧବଳ, ବାଲୁକା ମାଟିର ନିଖୁଣ ଭାଟି ପୋଡ଼ା ପାତ୍ର, କୁମ୍ଭାର ଚକ୍ର, ଆଖୁ ପେଡା କଳ, ଅଳଙ୍କାର ଆଦି ନିର୍ମାଣ କରିଥିଲେ । ସେମାନେ ପଥରର ସ୍ତୁପ ଆଦି ନିର୍ମାଣ କରୁ ଥିଲେ । ପଥରକୁ ଯୋଡ଼ି ଘର କରିବା ପାଇଁ ସେମାନେ ଗୁଡ଼, ଚୂନ ପଥର, କଇଁଥ ଆଦି ଜାତିର ଅଠା ଏକାଠି ମିଶାଇ ମିଶ୍ରଣ କରୁଥିଲେ, ଯେଉଁ କାନ୍ଥକୁ ଶାବଳ ମଧ୍ୟ ତାଡିପାରେ ନାହିଁ । ସେମାନଙ୍କ ଜଳ ନିଷ୍କାସନ ବ୍ୟବସ୍ଥା ଏତେ ଉନ୍ନତ ଥିଲା ଯେ, ମଶା, ମାଛି, ଜୀବାଣୁ ରହିତ ନିରୋଗ ପରିବେଶ ଥିଲା । ସେମାନେ ନିର୍ମାଣ ପାଇଁ ଦଉଡି, ଦୋଳକ, ସୂତା, ଚୁମ୍ବକ, ଚକ୍ର, କାଠି, ହାତୀ, ଘୋଡ଼ା, ଓଟ ଓ ବିଭିନ୍ନ ଭାରଦଣ୍ଡର ବ୍ୟବହାର କରୁଥିଲେ । ମୁଖ ବା ଅଙ୍ଗରୁ ଧୂମ୍ର ବିହୀନ ଯୋଗ ଅଗ୍ନି ବାହାର କରି ଯଜ୍ଞ କାର୍ଯ୍ୟ କରୁଥିଲେ । ଏହି ସମୟରେ ରାଜସ୍ଥାନ ରସାଧାରଣ ପ୍ରଜାମାନେ ଏକ ବ୍ୟବସାୟୀ ଜାତି ଥିଲେ । ସେମାନେ ନୌକା, ଓଟ, ଶଗଡ଼ ଆଦି ଯୋଗେ ସୁଦୂର ଇଜିପ୍ଟ, ଇରାକ, ଇରାନ, ଆରବ, ଭାରତ ଆଦି ଅଞ୍ଚଳରେ ତୂଳା, ତମ୍ବା, ମାଟିପାତ୍ର ଆଦି ବିନିମୟ କରୁଥିଲେ ଏବଂ ଗୁଜୁରାଟ, ପଞ୍ଜାବ, ସିନ୍ଧୁ ଆଦି ଅଞ୍ଚଳର କୃଷି ଦ୍ରବ୍ୟ ମଧ୍ୟ ବିନିମୟ କରୁଥିଲେ । ସେମାନେ ସିଲ ମଧ୍ୟ ବ୍ୟବହାର କରୁଥିଲେ । ଏହି ଅଗ୍ନିଧରଙ୍କଠାରୁ ଅଗ୍ନି ବଂଶର ସୃଷ୍ଟି ହୋଇଥିଲା । ଏହି ବଂଶର ସମସ୍ତ ରାଜା ପ୍ରଜା ପ୍ରିୟ, ପୁଣ୍ୟବାନ ଥିଲେ ଓ ଶେଷ ଜୀବନରେ ଋଷି, ବ୍ରାହ୍ମଣ, ଅବଧୂତ ଆଦିରେ ପରିଣତ ହୋଇଥିଲେ । ଅଗ୍ନିଧ୍ରଙ୍କ ସମୟରେ ରାଜସ୍ଥାନରେ କୌଣସି କାରଣରୁ ଆତଙ୍କ ସୃଷ୍ଟି ହୋଇ ଥିଲା । ଏଥିରୁ ରକ୍ଷା ପାଇବା ପାଇଁ ସେମାନେ ଆବୁ ପର୍ବତରେ ଯଜ୍ଞ କରିଥିଲେ ଓ ନୂତନ ରାଜପୁତ ଜାତି ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନେଇଥିଲେ ।

ଏହି ପ୍ରିୟବ୍ରତଙ୍କ ବଂଶ ଭାରତର ଦ୍ରାବିଡ଼ ଦକ୍ଷିଣ ଭାରତୀୟ, ଉତ୍ତର ଭାରତର ଋଷି ମାନଙ୍କ ଜୀବକୋଷ ତଥା ଜାଭା ଦ୍ୱୀପର ମାତୃକା ବାସିନୀ ନୀଳ ନୟନା,କୃଷ୍ଣା ମାତାଙ୍କ ଗର୍ଭରୁ ସୃଷ୍ଟି ହୋଇ ଥିଲେ । ତେଣୁ ଏମାନଙ୍କ ମଧ୍ୟରୁ କେହି ଗୌର, କେହି ଶ୍ୟାମ, କେହି କୃଷ୍ଣ ବର୍ଣ୍ଣ, କେହିବା ନୀଳ ନୟନ ଯୁକ୍ତ ଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଯଯାତିଙ୍କ ପରେ ହୁଏତ ମହା ଭାରତ ଯୁଗ ବେଳ କୁବ୍ରହ୍ମା ପୁଣି ଏହି ମାନଙ୍କ ବାଂଶାନୁ କ୍ରମରେ ପରିବର୍ତ୍ତନ ଆଣିଥିଲେ । ଜଣେ ବୈଜ୍ଞାନିକ ଭାବେ ସେ ପ୍ରଥମେ ଏହି ପିଢ଼ି କୁପରି ବର୍ତ୍ତନ କରିବାକୁ ଯାଇ ମାତା ଓ କନ୍ୟା ମଧ୍ୟରେ କୌଣସି ପାର୍ଥକ୍ୟ ଦେଖି ନଥିଲେ । କିନ୍ତୁ ମରିଚୀ ଆଦି ଅନ୍ୟ ଋଷି ମାନେ ଏହାର ପ୍ରତିବାଦ କରି ଥିଲେ । ସେହି ସମୟର ପ୍ରଥା ଅନୁସାରେ ଏହି ଋଷି,ମୁନି, ଜ୍ଞାନୀ ମାନଙ୍କର ସମାଜରେ ଅତି ସମ୍ମାନଜନକ ସ୍ଥାନ ଥିଲା । କୌଣସି ରାଜା ବଂଶ ରକ୍ଷା ପାଇଁ ଅନୁପଯୁକ୍ତ ଥିଲେ ସେମାନେ ଏହି ଋଷି ମାନଙ୍କୁ ବଂଶ ରକ୍ଷା କରିବାକୁ ଅନୁମତି ଦେଇଥିଲେ ।

ଜମ୍ବୁ ଦ୍ୱୀପର ସୀମା ଉତ୍ତରରେ ସେତେବେଳେ ହିମାଳୟ ଓ ତିବ୍ବତର ସୁବର୍ଣ୍ଣ ଗିରିକୁ ସ୍ୱର୍ଶ କରୁଥିଲା । ଭାରତ ହେଉଛି ଦେବଭୂମି । କ୍ରମେ ଏହାର ମସ୍ତକ ସ୍ୱରୂପ ହିମାଳୟ ରେ ବ୍ରହ୍ମ । ସ୍ୱରୂପ ସମସ୍ତ ଦେବତା ଋଷି, ଯୋଗୀ, ବ୍ରାହ୍ମଣ, ଗୁରୁ ଆଦି ଅଦ୍ଭୁତ କର୍ମ । ମଧ୍ୟ ଭାଗରେ ପାଳକ ହୃଦୟ ବା ବିଷ୍ଣୁ ରୂପୀ କ୍ଷତ୍ରିୟ ମାନେ ଓ ଦକ୍ଷିଣରେ ଶିବ ଶକ୍ତି ଦ୍ରାବିଡ଼ ମାନେ ସୃଷ୍ଟି ହେଲେ। କେତେକଙ୍କ ମତରେ ମାରିଶ ଋଷଭ ଭଗବାନଙ୍କ ନାତି ଏବଂ ଚକ୍ରବର୍ତ୍ତୀ ଭରତଙ୍କ ପୁତ୍ର ଥିଲେ । କିନ୍ତୁ ମାରିଶ୍ ଓ ମରିଚୀ ଜଣେ ମଧ୍ୟ ହୋଇ ନପାରନ୍ତି । କାରଣ କଳା ପ୍ରିୟବ୍ରତଙ୍କ ଭଉଣୀର କନ୍ୟା କିନ୍ତୁ ମରିଚୀ ନାତିର ନାତିର ପୁତ୍ର ଥିଲେ । ତେଣୁ ତାଙ୍କ ସହିତ କଳା ଅବା ବଶିଷ୍ଠଙ୍କ ସହିତ ଭଉଣୀ ଅରୁନ୍ଧତୀଙ୍କ ବିବାହ ପ୍ରତି ସମୟ ଜନିତ ଯୋଗ ସୂତ୍ର କିପରି ହେଲା, ତାହା ମୋତେ ଜଣା ନାହିଁ । ଏହି ମରିଚୀ ପ୍ରିୟ ବ୍ରତଙ୍କ ପର ପିଢ଼ି ହିଁ ଥିଲେ । ସେହି ସମୟରେ ପ୍ରଜା ମାନଙ୍କ ମଧ୍ୟରେ ଅନେକ ଯାଯାବର ଜାତି ଥିଲେ । ଗୋଟିଏ ସ୍ଥାନ ରେ ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ ସେମାନେ ଦଳ, ଦଳ ହୋଇ ଅନ୍ୟ ଦେଶକୁ ଚାଲି ଯାଇଥିଲେ । ଅପର୍ଯ୍ୟାପ୍ତ ସ୍ଥାନ ଥିଲା ଓ ଜନସଂଖ୍ୟା କମ୍ ଥିଲା । ସେତେବେଳେ ଜ୍ଞାନୀ, ପଣ୍ଡିତ, ଜ୍ୟୋତିର୍ବିଦ୍, (ଭରତଙ୍କ ସମୟରୁ ଯେଉଁ ମାନେ ସୂର୍ଯ୍ୟ ପଞ୍ଜିକାରେ ରାଶି, ନକ୍ଷତ୍ର ମଧ୍ୟ ପ୍ରଚଳନ କଲେ) ଆୟୁର୍ବେଦଜ୍ଞ, ଶିଳ୍ପୀ, ଗଣିତଜ୍ଞ, ଦାର୍ଶନିକ, ବୈଜ୍ଞାନିକମାନେ ସରସ୍ୱତୀ କୂଳରେ ଏକତ୍ରିତ ହେଉଥିଲେ । ରାଜ ବଂଶ ମାନଙ୍କର ଏବେ ମଧ୍ୟ କୌଣସି ଜାତି ନଥାଏ ଏବଂ ସେମାନେ ବହୁ ଦୂର ବର୍ତ୍ତୀ ରାଜ ବଂଶରେ ବିବାହ କରିଥାନ୍ତି । ସାଧାରଣ ପରିବାରର ସୁନ୍ଦରୀ କନ୍ୟା ବା କୁଟୀର ବାସୀ ଋଷିଙ୍କୁ ମଧ୍ୟ ବିବାହ କରିଥାନ୍ତି । ହୁଏତ ଆଗ୍ନିଧ୍ରଙ୍କ ବଂଶର ବା ରାଜସ୍ଥାନର ପ୍ରଜାପତି ବା ବ୍ୟବସାୟୀ ବଂଶର ଜଣେ କନ୍ୟା ଇନ୍ଦ୍ରଜିତ ପଠାଇ ଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ସହ ବିବାହ କରିଥିଲା । ଇନ୍ଦ୍ରଜିତ ମଧ୍ୟ ତାଙ୍କ ସହ ଏହିପରି ଏକ ଦଳ କୁ ଜ୍ଞାନ ଚର୍ଚ୍ଚା ପାଇଁ ନିଜ ସାମ୍ରାଜ୍ୟ ଇଉରୋପ ଓ ମଧ୍ୟ ଏକ୍ଷସିଆରୁ ଉତ୍ତର ଭାରତକୁ ପଠାଇ ଥିଲେ । ସେତେବେଳେ ମରୁଭୂମି ଜନିତ ଜଳ, ବାୟୁର ଉଷ୍ମତା କିମ୍ବା କୌଣସି ଶତ୍ରୁ ଆକ୍ରମଣ ଜନିତ ଆତଙ୍କ ସୃଷ୍ଟି ହୋଇଥିଲା । ସେହି ଦଳରେ ହୁଏତ ମରିଚୀ ନାମକ ଏକ କିଶୋର ଜନ୍ମ ହୋଇ ଥିଲା ଯାହାର ପିତା, ଭାରତରୁ ଆଉ ନିଜ ଜନ୍ମ ଭୂମିକୁ ପ୍ରତ୍ୟାବର୍ତ୍ତନ କରି ପାରି ନଥିଲେ । ନାଁ, ସେତେବେଳକୁ ହୋଇଥିଲା ମୀନ ଅବତାର ନାଁ କଚ୍ଛପ ଅବତାର !! ସତ୍ୟ ଯୁଗର ଚାରି ହଜାର ବର୍ଷ ଶେଷ ପ୍ରାୟ । ତ୍ରେତୟା ଯୁଗ ଆରମ୍ଭ ହେବାକୁ ମାତ୍ର ଶହେ, ବର୍ଷ ବାକି ଥାଏ !!

ବର୍ତ୍ତମାନ ବାହ୍ୟ ବିଜ୍ଞାନ ବଳରେ ଶହ, ଶହ କିଲୋ ମିଟର ଦୂରରୁ ରୋଗୀ ଚିକିତ୍ସା କରା ଯାଇ ପାରୁଅଛି । ଘରେ ବସି ତାକୁ ଦେଖି ହେଉଛି । ଏହି ପରି କ୍ଷମତା ଅତି ଉଚ୍ଚ ସ୍ତରର ଚିକିତ୍ସା ବିତ୍ ବା ବୈଜ୍ଞାନିକ ମାନଙ୍କୁ ଦିଆଯାଇଥାଏ । ବିଜ୍ଞାନ ବଳରେ ଅନ୍ଧ, ମୂକ, ବଧିର ମାନଙ୍କୁ ସିନେମା ଦେଖାଇ ଦିଆ ଯାଇପାରୁଛି । ବ୍ୟକ୍ତିର ସ୍ମୃତି ଶକ୍ତି ଉପରେ ନିର୍ଭର କରି ମୃତ ବ୍ୟକ୍ତି କୁ ବି ଦେଖାଇ ଦିଆ ଯାଇ ପାରୁଛି । ସେହିପରି ଅନ୍ତର୍ବିଜ୍ଞାନରେ ମଧ୍ୟ ଶିଳ୍ପ,ଯୋଗ, ବିଜ୍ଞାନ,ଚିକିତ୍ସା, ସାହିତ୍ୟ ଅବା ଯେ କୌଣସି ସନ୍ଦେଶ ବା ସଂକେତ ଚେତନାର କେନ୍ଦ୍ର ସ୍ଥଳ କୁ ଏକ ବା ଏକାଧିକ ଲୋକଙ୍କ ନିକଟକୁ ଏକ ସମୟରେ ପଠାଯାଇ ପାରିବ ବୋଲି ତତ୍ ସମ୍ପର୍କିତ ଅଧ୍ୟୟନରୁ ମୋର ବିଶ୍ୱାସ ଅଛି । ବ୍ରହ୍ମା ମଧ୍ୟ ନିଜ ଲକ୍ଷ୍ୟ ସାଧନ ପାଇଁ, ନିଜର ଦର୍ଶନ ଛାତ୍ର ମରିଚୀଙ୍କୁ ପ୍ରଦାନ କରିଥିଲେ । ଏହିଭଳି ଶିଷ୍ୟ ମାନଙ୍କର ଜନ୍ମ ସ୍ଥାନ ବା ପିତା, ମାତାଙ୍କର କୌଣସି ପରିଚୟ ନଥାଏ । ଏମାନଙ୍କୁ ବ୍ରହ୍ମାଙ୍କର ବା ଗୁରୁଙ୍କ ପୁତ୍ର ରୁପେ ପରିଚୟ ଦିଆଯାଏ ।

ଏହି ମରିଚୀ ପ୍ରଜାପତିଙ୍କଠାରୁ କଶ୍ୟପ କିପରି ଓ କେଉଁଠାରେ ଜନ୍ମ ହେଲେ ? ?

+ବାଲିଝରି, କାନପୁର, ବଡ଼ମ୍ବା, କଟକ

# ଆଜିର ରାବଣ ବହୁତ ନିଷ୍ଠୁର

ଦିପ୍ତିମୟୀ ନାୟକ



ରାମାୟଣର ଏକ ଚରିତ୍ର ଯିଏକି ରାବଣ ଥିଲା । ସେ ରାବଣ ଆଉ ଆଜିକା ରାବଣ ଭିତରେ ବହୁତ ପାର୍ଥକ୍ୟ ରହିଛି । ସେ ରାବଣ ସୀତାଙ୍କୁ ହରଣ କରିଥିଲା ହେଲେ ସୀତାଙ୍କୁ କେବେ ଛୁଇଁ ନଥିଲା କିନ୍ତୁ ଆଜିକା ଦିନରେ ଯେଉଁ କିଛି ମଣିଷ ରୂପକ ରାବଣ ଅଛନ୍ତି ସେମାନେ ନାରୀଙ୍କୁ ହରଣ କରି ବଳାତ୍କାର କରୁଛନ୍ତି । ସତ କଥା ହେଲା ସେତେବେଳର ରାବଣ ବଳାତ୍କାରୀ ନଥିଲା କିନ୍ତୁ ଆଜିର କିଛି ଅମଣିଷ କାମନା ରୂପକ ବାସନାରେ ଅନ୍ଧ ହୋଇ ଅପରାଧର ସୀମା ଅତିକ୍ରମ କରୁଛନ୍ତି । ଏହି ଅପରାଧୀ ମାନଙ୍କ ପାଇଁ ହିଁ ଆଜିର ଦିନରେ ଅନେକ ଅପରାଧ ଘଟିଚାଲିଛି । ଯାହା ଅନେକ କାଗଜ କଲମରେ ଲେଖା ହୋଇ ସବୁ ଅଚଳ ଭାବରେ ପଡ଼ିରହିଛି ।

ତେବେ କେଉଁଠି ନା କେଉଁଠି ଅପରାଧୀ ମାନଙ୍କ ପାଇଁ ଦୃଢକାର୍ଯ୍ୟାନୁଷ୍ଠାନ ହେଉଛି ତ ଆଉ କେଉଁଠି ଅପରାଧୀ ମାନଙ୍କୁ ଖୋଲା ଛାଡିଦିଆଯାଉଛି । ଯାହାଫଳରେ ଅପରାଧର ସୀମା ଟପି ଯାଉଛି । ଏହି ଅପରାଧୀ ମାନଙ୍କ ପାଇଁ ଆଜିର ନାରୀ ପ୍ରତ୍ୟେକ ମୁହୂର୍ତ୍ତରେ ନିଜକୁ ଅସୁରକ୍ଷିତ ମନେ କରନ୍ତି । ଯଦିଓ ଆମେ କହିବା ନାରୀ ଶକ୍ତି ଆଗରେ ଅନ୍ୟ ଶକ୍ତି ହାର୍ ମାନିଯାଏ ତେବେ ଏସବୁ କେବଳ କହିବା କଥା ଏମିତି କେବଳ ଫିଲ୍ମରେ ହୁଏ ସତରେ ନୁହେଁ । ବର୍ତ୍ତମାନ ଦୁନିଆକୁ ଦେଖିଲେ ମୋତେ କାହିଁକି ଲାଗେନି ଆଜି ଗୋଟେ ନାରୀ ସୁରକ୍ଷିତ ଅଛି । ବେଳେବେଳେ ଏମିତି ଦେଖିବାକୁ ମିଳେ ଯେମିତି ଯେଉଁମାନେ ନାରୀକୁ ଅପବିତ୍ର କରାନ୍ତି ସେହିମାନେ ହିଁ ନାରୀକୁ ପରିଚୟ ଦେଇଥାନ୍ତି ନାରୀ ଅସତୀ । ଗୋଟେ ନାରୀକୁ ଏମିତି ଆଖ୍ୟା ଦେବା କଣ ଠିକ । ଯିଏ ଗୋଟେ ନାରୀକୁ ବଳାତ୍କାର କରେ ସେ ବଳାତ୍କାରୀ ହୋଇଥାଏ ହେଲେ ସେ ଧୁଆ ତୁଳସୀ କିପରି ହୁଏ ଆଉ ଗୋଟେ ନାରୀ କେମିତି ଅସତୀ ହୋଇଯାଏ । କିନ୍ତୁ ଏଠି ଲୋକେ କୁହନ୍ତୁ ଗୋଟେ ହାତରେ କେବେ ତାଳି ବାଜେନି ଯଦି କିଛି ତା ସହ ଅଘଟଣ ଘଟିଥିବ ସେଥିପାଇଁ ସେ ଝିଅର କିଛି ଦୋଷ ରହିଥିବ ଯାହାଫଳରେ ତା ସହ ଏମିତି ଘଟିଥିବ । ତେବେ ସେମାନଙ୍କୁ ମଧ୍ୟ ଗୋଟେ କଥା ଯଦି ଗୋଟେ ହାତରେ ତାଳି ବାଜେନି ତାହେଲେ କାହିଁକି ଅନ୍ୟ ହାତର ତାଳିକୁ ଅନୁଧ୍ୟାନ କରି କହୁନାହାନ୍ତି ବରଂ ସେମାନେ ମଧ୍ୟ ଦେଖିବା ଦରକାର ଦୁଇହାତରେ କେମିତି ତାଳି ବାଜେ । କେଉଁ ନାରୀ ଚାହେଁନି ତାର ସତୀତ୍ୱ ଆଉ କେହି ନଷ୍ଟ କରୁ କିନ୍ତୁ ଯେତେବେଳେ କେହି ତାର ସତୀତ୍ୱକୁ ନଷ୍ଟ କରନ୍ତି ସେହି ରାକ୍ଷସ ମାନେ କେମିତି ଭଲ ହୋଇଯାଆନ୍ତି । ଯେଉଁମାନେ ଦୋଷ କରୁଛନ୍ତି ସେମାନଙ୍କୁ ନିହାତି ଦଣ୍ଡ ମିଳିବା ଦରକାର ଏବଂ ଯେଉଁ ନାରୀ ବଳାତ୍କାରର ଶିକାର ହେଉଛନ୍ତି ତାଙ୍କୁ ଶାନ୍ତିରେ ବଞ୍ଚିବାକୁ ଦେବା ଦରକାର । ଆଉ ଯେଉଁମାନେ ସଙ୍ଘବର୍ଦ୍ଧ ଭାବରେ ନାରୀକୁ ବଳାତ୍କାର କରି ମାରିଦେଉଛନ୍ତି ଏମାନଙ୍କ ପାଇଁ ଆଇନ କଠୋରରୁ କଠୋର ହେବା ଦରକାର । ଏମାନଙ୍କୁ ପ୍ରଥମେ ଶାସ୍ତି ପରେ ମୃତ୍ୟୁ ଦଣ୍ଡ ଦିଆଯିବା ଦରକାର ।

ଅନେକ ସମୟରେ ଆପଣ ଦେଖିଥିବେ ଯେଉଁ ମହିଳା ଜଣଙ୍କ ବଳାତ୍କାରର ଶିକାର ହୋଇଥିବେ ଏ ସମାଜର ଲୋକମାନେ ଆଖି ଠାର ଦେଇ କୁହନ୍ତୁ ଦେଖ ଏ ଝିଅ ବଳାତ୍କାରର ଶିକାର ହୋଇଥିଲା ଆହାଃ ଯାକୁ ଆଉ କିଏ ବାହା ହେବ ଯା ଜୀବନ ବର୍ବାଦ ହେଇଗଲା କାଇଁ ଏକଥା କେହି କୁହନ୍ତିନି ଦେଖ ଏ ଦୋଷୀ ଏ ଗୋଟେ ଝିଅର ଜୀବନ ବର୍ବାଦ କରିଥିଲା । ଯାକୁ କଠୋର ଦଣ୍ଡ ମିଳିବା ଦରକାର । ଆଜିକାଲି ଅପରାଧୀଙ୍କ ପାଖରେ ଯଦି ପୁଳା ପୁଳା ଟଙ୍କା ରହୁଛି ତେବେ ଆଇନ ବି ସେମାନଙ୍କ ହାତରେ ରହୁଛି । ଆଉ ଯେଉଁମାନେ ନ୍ୟାୟ ଅପେକ୍ଷାରେ ରହୁଛନ୍ତି ସେମାନଙ୍କ ପ୍ରତି ଅନ୍ୟାୟ ବଢ଼ି ଚାଲିଛି । ରାତା ରାତି ଦୋଷୀ ନିର୍ଦ୍ଦୋଷ ହୁଏ ଆଉ ଏମିତି ଅପରାଧିକ ମାମଲା ସବୁ ଗୋଟେ ପରେ ଗୋଟେ ନୂଆ ଫାଇଲରେ ଲେଖା ହୁଏ ।

ଯଦି ବାସ୍ତବତାକୁ ଅନୁଧ୍ୟାନ କରିବା ତେବେ ସବୁ ପୁରୁଷ ସମାନ ନୁହଁନ୍ତି କି ସବୁ ନାରୀ ସମାନ ନୁହଁନ୍ତି କିନ୍ତୁ ଏଟା ସତ ରାବଣ ରୂପକ ମଣିଷ ଆଜିବି ଅଛନ୍ତି । ଯେଉଁମାନେ ପ୍ରତି ମୁହୂର୍ତ୍ତରେ ନିରୀହ ଜୀବନକୁ ନଷ୍ଟ କରିବାପାଇଁ ଚାହିଁ ରହିଛନ୍ତି । ଝିଅମାନେ ମଧ୍ୟ ସବୁବେଳେ ସତର୍କ ରୁହନ୍ତୁ । ଆତ୍ମରକ୍ଷା କୌଶଳ ଶିଖିଯାଆନ୍ତୁ ନଚେତ ଏଭଳି ରାବଣ ରୂପକ ମଣିଷ ମାନଙ୍କ ଠାରୁ ସୁରକ୍ଷିତ ରହିବା ଆଶା ଛାଡିଦିଅନ୍ତୁ । ଆଉ ଯଦି ଏମାନଙ୍କ କବଳରୁ ମୁକ୍ତ ହେବାକୁ ଚାହୁଁଛନ୍ତି ତେବେ ନିଜ ସୁରକ୍ଷା ପାଇଁ ସବୁ ନିଜ ପାଖେ ପାଖେ ଲଙ୍କା ଗୁଣ୍ଡ ପ୍ୟାକେଟ ରଖିଥାନ୍ତୁ । ଯେଉଁଠି ନିଜକୁ ଅସୁରକ୍ଷିତ ମନେ କରିବେ ସେଇଠି ଲଙ୍କା ଗୁଣ୍ଡ ସେହି ଅପରାଧୀଙ୍କ ମୁହଁକୁ ଫିଙ୍ଗି ନିଜ ସୁରକ୍ଷା ପାଇଁ ଚିତ୍କାର କରି ଅନ୍ୟ ମାନଙ୍କ ସହଯୋଗ ଲୋଡ଼ନ୍ତୁ କିନ୍ତୁ ମନେ ରଖନ୍ତୁ ଆଜିର ରାବଣ ସେ ରାବଣ ନୁହେଁ । ସେତେବେଳର ରାବଣ ସୀତାଙ୍କୁ ଛୁଇଁ ନଥିଲା କିନ୍ତୁ ଆଜିର ରାବଣ କାମନା ବାସନାରେ ଅନ୍ଧ ହୋଇ ଅନ୍ୟର ଜୀବନକୁ ବର୍ବାଦ କରୁଛି ।

ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬

# ଜନନୀ ଯନ୍ତ୍ରଣା : ପାଂଚ କିମି ଭାରରେ ବୁହାହେଲେ ଗର୍ଭବତୀ

ଜୟପୁର, ୨୫/୦୯ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକରେ ଜନନୀ ଯନ୍ତ୍ରଣା ଥମିବାର ନାଁ ନେଉନି। ଗାଁକୁ ପକ୍କା ରାସ୍ତା ନଥିବାରୁ ପ୍ରସବ ବେଦନାରେ ଛଟପଟ ହେଉଥିବା ଜଣେ ମହିଳାଙ୍କୁ ୫କିମି ଭାରରେ ବୋହିବା ପରେ ଆସୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି। ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ବୋଦାପୁଟ ପଂଚାୟତର ତେନ୍ତୁଳି ପଡ଼ା ଗ୍ରାମରେ। ସୂଚନା ଅନୁଯାୟୀ, ତେନ୍ତୁଳିପଡ଼ା ଗ୍ରାମର ହରି ପୂଜାରୀଙ୍କ ପତ୍ନୀ ଡାଲି ପୂଜାରୀ ଆଜି ସକାଳ ୬ଟାରେ ପ୍ରସବ ବେଦନା ଅନୁଭବ କରିଥିଲେ। ତେଣୁ ଡାଲି ଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବା ନିମନ୍ତେ ହରି ପୂଜାରୀ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଖବର ପାଇବା ମାତ୍ରେ ଆମ୍ବୁଲାନ୍ସ ତେନ୍ତୁଳିପଡ଼ା ଅଭିମୁଖେ ବାହାରିଥିଲା। କିନ୍ତୁ ତେନ୍ତୁଳିପଡ଼ା ଗାଁ ପାହାଡ଼ ଉପରେ ଥିବା ବେଳେ ରାସ୍ତା ଖରାପ ଥ?ିବାରୁ ଆମ୍ବୁଲାନ୍ସ ପହଂଚି ପାରିଲାନି। ତଥାପି ଆମ୍ବୁଲାନ୍ସ ଡ୍ରାଇଭର ତେନ୍ତୁଳିପଡ଼ାରେ ପହଂଚିବା ପାଇଁ ୩ଟି ରାସ୍ତା ଦେଇ ଯିବାକୁ ଉଦ୍ୟମ କରିଥିଲେ ହେଁ ବିଫଳ ହୋଇଥିଲେ। ରାସ୍ତା ନ ଥିବାରୁ ବାଧ ହୋଇ ତେନ୍ତୁଳିପଡ଼ା ଠାରୁ ୫କିମି ଦୂରରେ ଆସୁଲାନ୍ସ ଅଟକି ଯାଇଥିଲା। ଖବର ପାଇ ଗ୍ରାମବାସୀ ଡାଲିଙ୍କୁ କାଉଡ଼ିରେ ବୋହି ପାହାଡ଼ିଆ ରାସ୍ତା ପାର ହୋଇ ୫ କିମି ଦୂରରେ ଥିବା ଆମ୍ବୁଲାନ୍ସ ନିକଟରେ ପହଂଚିଥିଲେ । ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚିବା ପରେ ଡାଲି ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ବର୍ତମାନ ମା' ଏବଂ ନବଜାତ ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ତେନ୍ତୁଳିପଡ଼ା ଗାଁକୁ ପକ୍କା ରାସ୍ତା ନଥିବାରୁ ଜରୁରୀ ସମୟରେ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଗାଁକୁ ତୁରନ୍ତ ରାସ୍ତା ନିର୍ମାଣ କରିବା ପାଇଁ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କୋରେଇ ମଣ୍ଡଳସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର

କୋରେଇ, ୨୫/୦୯ (ନି.ପ୍ର): ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କୋରେଇ ମଣ୍ଡଳ ସ୍ତରୀୟ ବିଜ୍ଞାନ ଆଲୋଚନ ଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଜି ମଣ୍ଡଳ ଶିକ୍ଷାଧିକାରୀ (ବିଇଓ) ସୁଦର୍ଶନ ମଲ୍ଲିକଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ଏହି ବିଜ୍ଞାନ ଆଲୋଚନା ଚକ୍ର ୨୦୨୪ ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଗାୟତ୍ରୀ ନାୟକ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଉକ୍ତ ବୈଠକରେ ମୁଖ୍ୟ ଅତିଥିଭାବେ କୋରେଇ ନୋଡାଲ ପ୍ରଧାନ ଶିକ୍ଷକ ମହେଶ୍ୱର ବେହେରା, ସମ୍ମାନୀତ ଅତିଥିଭାବେ ପାଣିକୋଇଲି ସାଧନକେନ୍ଦ୍ର ସମନ୍ୱୟକାରୀ (ସିଆରସିସି) କେଶବ ଚନ୍ଦ୍ର ସେଠୀ ଯୋଗଦେଇଥିଲେ । ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୧ ଜଣ ପ୍ରତିଯୋଗୀ ଏହି ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ । କୃତ୍ରିମ ବୁଦ୍ଧିମତା - କାର୍ଯ୍ୟଦକ୍ଷତା ଓ ସାମ୍ଭାବ୍ୟତା ପ୍ରମୁଖ ଆଲୋଚ୍ୟ ବିଷୟ ବସ୍ତୁ ଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ସୁମେୟା କୌସର ( ଓଡିଶା ଆଦର୍ଶ ବିଦ୍ୟାଳୟ, ବେଗନା), ଦ୍ୱିତୀୟ ସ୍ଥାନ ଅକସରା ସାମଲ (ଶଶିଭୂଷଣ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ) ଓ ତୃତୀୟସ୍ଥାନ ଓମକାର ପ୍ରୀୟଦର୍ଶନ ଜେନା (ପାଣିକୋଇଲି ସରକାରୀ ଉଚ୍ଚ ବଦ୍ୟାଳୟ) ଅଧିକାର କରିଥିଲେ । ବିଚାରକ ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ଦାଓ ଓ ସତ୍ୟବାଦୀ ପାତ୍ର ଯୋଗଦେଇଥିଲେ । ବରୁଣ୍ଡେଇ ସରକାରୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମକୁ ସୁ ପରିଚାଳନା ଓ ସଂଚାଳନା କରିଥିଲେ । ଏଥି ସହିତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

# ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ସିନିୟର ନକଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍ଯାପିତ: ସିସିଏଫଏ ଚମ୍ପିୟାନ

ବଲାଙ୍ଗିର, ୨୫/୦୯ (ନି.ପ୍ର): ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ଫାଇନାଲ ଖେଳରେ ସିସିଏଫଏ ବଲାଙ୍ଗିର ୫-୧ ଗୋଲରେ ରିଜର୍ଭ ପୋଲିସ ବଲାଙ୍ଗିରକୁ ହରାଇ ଚମ୍ପିୟାନ ହୋଇଛି । ରିଜର୍ଭ ପୋଲିସ ଦଳ ତରଫରୁ ଭୋଲା ମାଝି ଗୋଟିଏ ଗୋଲ ସ୍କୋର କରିଥିବା ବେଳେ ସିସିଏଫଏ ତରଫରୁ ସୌରଭ ହନୁମାନ ୨ଟି, ସୋରେନ ମଲ୍ଲିକ ୨ଟି ଓ ମୁକେଶ ନାଏକ ଗୋଟିଏ ଗୋଲ ଦେଇଥିଲେ । ଫାଇନାଲ ଖେଳରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ମୁଖ୍ୟ ଅତିଥି ଓ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସାଲୱାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଯାପନୀ ଉତ୍ସବରେ ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ପ୍ରହଲ୍ଲାଦ ଶତପଥି, ସାଧାରଣ ସଂପାଦକ ହରିନାରାୟଣ ପୁଜାରୀ, ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତ୍ରୁଘନ ସିଂ, କୋଷାଧ୍ୟକ୍ଷ ତଥା ଟୁର୍ଣ୍ଣାମେଂଟ କମିଟି ଅଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର ଓ ଫୁଟବଲ ସଂପାଦକ ହେମନ୍ତ କୁମାର ବେହେରା ମଂଚାସିନ ଥିଲେ । ମୁଖ୍ୟ ଅତିଥି ଶ୍ରୀ ବିଶି ଗାନ୍ଧୀ ଷ୍ଟାଡିୟମ ଭିତିଭୂମି ବିକାଶ ପାଇଁ ୧୦ଲକ୍ଷ ଟଙ୍କା ଅନୁଦାନ ଦେବାକୁ ଘୋଷଣା କରିଥିଲେ । ଉତମ ଖେଳାଳି ଭାବେ ସିସିଏଫଏ ସୁବ୍ରତ ପାତ୍ର ଏବଂ ଉଦିୟମାନ ଖେଳାଳି ଭାବେ ରିଜର୍ଭ ପୋଲିସ ର ଅନୁଭବ ବସ୍ତି ଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ସିସିଏଫଏ ଦଳକୁ ବିଜେତା ଟ୍ରଫି ଓ ରିଜର୍ଭ ପୋଲିସ କୁ ଉପ-ବିଜେତା ଟ୍ରଫି ମୁଖ୍ୟ ଅତିଥି ଶ୍ରୀ ବିଶି ପ୍ରଦାନ କରିଥିଲେ । ଖେଳକୁ ଦେବାଶିଷ ବାଗ, ରାଜେନ୍ଦ୍ର ଧରୁଆ, ସଞ୍ଜିବ ମହାରଣା ଓ ଏନଏସ୍ ନାଇଡୁ ପରିଚାଳନା କରିଥିବା ବେଳେ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ୧୬ ଗୋଟି ଜୋନର ସହଯୋଗି ପରିଚାଳକ ସଂଗଠନମାନଙ୍କୁ ପୁରସ୍କୃତ କରାଯାଇଥିଲା । ସମସ୍ତ ୧୦୨ଟି ରେଫରି ଟୁର୍ଣ୍ଣାମେଣ୍ଟର ରେଫରି ଦାୟିତ୍ୱ ତୁଲାଇଥିଲେ । ପରିଶେଷରେ ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ୧୫ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଖେଳକୁ ଉପଭୋଗ କରିଥିଲେ ।

# ନବ ନିର୍ବାଚିତ ଜିଲ୍ଲା ଓଷ୍ଟାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

କେନ୍ଦ୍ରାପଡ଼ା, ୨୫/୦୯ (ନି.ପ୍ର): ନବ ନିର୍ବାଚିତ ଜିଲ୍ଲା ଓଷ୍ଟାର ସଭାପତି ଅଶୋକ କୁମାର ପରିଡାଙ୍କ ସଭାପତିତ୍ୱରେ ଜିଲ୍ଲା ଓଷ୍ଟାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ନିକିରାଇ ବୀର ହନୁମାନ ଜୀୟୁ ମହାବିଦ୍ୟାଳୟ ନିକଟସ୍ଥ ସିଦ୍ଧ ସେତୁଆ ମହାପୁରୁଷ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ନୂତନ ରୂପେ ଦାୟିତ୍ୱ ଗ୍ରହଣ କରିଥିବା ସମ୍ପାଦକ ଭଗବାନ ସାହୁ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଉପସ୍ଥିତ ପ୍ରାକ୍ତନ ନେତୃତ୍ୱ ତ୍ରୈଲୋକ ସ୍ୱାଇଁ, କାଳୀ ପ୍ରସାଦ ନାୟକ, ତପନ କୁମାର ସିଂହ, ପ୍ରାକ୍ତନ ସଭାପତି ପ୍ରମୋଦ କୁମାର ବେହେରା, ପ୍ରାକ୍ତନ ସମ୍ପାଦକ ନିର୍ମଳ କୁମାର ନାୟକଙ୍କ ସମେତ ରାଜ୍ୟ ଓଷ୍ଟା ସମ୍ପାଦକ ଶିକ୍ଷକ ନେତା ପ୍ରଣବ କୁମାର ଜେନା, କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମହାପାତ୍ର, ରବିନ୍ଦ୍ର କୁମାର ପରିଡ଼ା ପ୍ରମୁଖ ନୂତନ ରୂପେ ଜିଲ୍ଲା କାର୍ଯ୍ୟକାରିଣୀରେ ସାମିଲ ହୋଇଥିଲା ସମସ୍ତ ସଦସ୍ୟ/ସଦସ୍ୟାମାନଙ୍କୁ ଓଷ୍ଟାର ସାମ୍ବିଧାନିକ ବିଧି ବ୍ୟବସ୍ଥା ଉପରେ ଆଲୋଚନା କରିବା ସହ ରାଜ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ଓଷ୍ଟାର ସ୍ୱାଭିମାନ ଓ ଐତିହ୍ୟକୁ ପୂର୍ବପରି ଅକ୍ଷୁର୍ଣ୍ଣ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ୯ଟି ବ୍ଲକର ସଭାପତି, ସମ୍ପାଦକ, ଜିଲ୍ଲା କାର୍ଯ୍ୟକାରିଣୀର ସମସ୍ତ ସଦସ୍ୟ/ସଦସ୍ୟା ଆଲୋଚନାରେ ଅଂଶଗ୍ରହଣ କରି ଜିଲ୍ଲାକୁ ରାଜ୍ୟରେ ୧ ନମ୍ବର ସାଙ୍ଗଠନିକ ଜିଲ୍ଲା ରୂପେ ପ୍ରତିପାଦନ କରିବା ପାଇଁ ସୁଚିନ୍ତିତ ମତାମତ ବ୍ୟକ୍ତ କରିବା ସହ ଅଧିକ ସଂଖ୍ୟକ ସଭ୍ୟ ଦେୟ ସଂଗ୍ରହ ଓ ନଭେମ୍ବର ୨୪ ତାରିଖରେ ହେବାକୁ ଥିବା ଓଷ୍ଟା ମେଧାବୃତି ଅନ୍ୱେଷଣ ପରୀକ୍ଷା(ଓଟିଏସ୍ଇ)ରେ ଜିଲ୍ଲାର ପ୍ରତ୍ୟେକ ମାଧ୍ୟମିକ ବିଦ୍ୟାଳୟରୁ ଅଧିକ ସଂଖ୍ୟକ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପଞ୍ଜିକରଣ କରାଇବା ପାଇଁ ନିଷ୍ପତି ନେଇଥିଲେ । ଜିଲ୍ଲା ଉପସଭାପତି ସଞ୍ଜୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷିକା ନେତ୍ରୀ ଅନ୍ନପୂର୍ଣ୍ଣା ସାହୁ, ସରୋଜିନୀ ସ୍ୱାଇଁ, ମଧୁଛନ୍ଦା ନାଥଶର୍ମା ପ୍ରମୁଖ ନାରୀ ସଶକ୍ତି କରଣ ଉପରେ ବକ୍ତବ୍ୟ ରଖିଥିଲେ।

# ମାଲକାନଗିରି ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଆୟୋଜିତ

ମାଲକାନଗିରି, ୨୫/୦୯ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା ପ୍ରତିଷ୍ଠା ଦିବସରେ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ସଭାପତିତ୍ୱ କରିଥିବା ବେଳେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶତତ ସଜ୍ଞାନ ସେବା (ଆଇ.ସି. ୟୁ) ମୁଖ୍ୟ ପରାମର୍ଶବିତ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ଗଭର୍ଣ୍ଣିଂବଡି ସଭାପତି ଡକ୍ଟର ଉଦୟନାଥ ଖରା ଏବଂ ମାଲକାନଗିରି ଚିକିତ୍ସାଳୟର ଡକ୍ଟର ସାଗର କୁମାର ବାଲା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ମାଥିଲି ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଶାନ୍ତିଲତା ମାଝୀ ଉପସ୍ଥିତ ରହିଥିଲେ । ମାଲକାନଗିରି ମହାବିଦ୍ୟାଳୟର ବରିଷ୍ଠ ପ୍ରଧ୍ୟାପକ ଅଶୋକ କୁମାର ଷଡ଼ଙ୍ଗୀ ଓ ବାଣିଜ୍ୟ ବିଭାଗ ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ସମ୍ମାନିତ ଅତିଥି ରୂପେ ମଂଚାସୀନ ଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଅତିଥି ମାନେ ଶ୍ରୀବିବେକାନନ୍ଦଙ୍କର ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଡକ୍ଟର ମହାପାତ୍ର ରକ୍ତର କୌଣସି ବିକଳ୍ପ ନାହିଁ, ତେଣୁ ରକ୍ତଦାନ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ରକ୍ତଦାତାଙ୍କୁ ଜୀବନଦାତା ସହ ତୁଳନା କରିବା ସହିତ ଏପରି ଏକ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଡକ୍ଟର ବାଲା ଛାତ୍ରଛାତ୍ରୀମାନଙ୍କ ଚରିତ୍ର ଗଠନ ଏବଂ ରକ୍ତଦାନର ଉପକାର, ସ୍ୱାସ୍ଥ୍ୟଗତ ସୁବିଧା ବିଷୟରେ ବୁଝାଇଥିଲେ । ସମ୍ମାନିତ ଅତିଥି ଡକ୍ଟର ଉଦୟନାଥ ଖରା ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ମୂଲ୍ୟବୋଧ ଓ ଦାୟିତ୍ୱ ଉପରେ ଦୃଷ୍ଟି ନିକ୍ଷେପ କରିଥିଲେ । ଜାତୀୟ ଯୁବ ରେଡ଼କ୍ରସର ଜିଲ୍ଲା କନଭେନର ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ସହ ମଂଚ ପରିଚାଳନା କରିଥିଲେ । ବରିଷ୍ଠ ପ୍ରାଧ୍ୟାପକ ଶ୍ରୀ ଷଡ଼ଙ୍ଗୀ ଯୋଗ୍ୟ ବ୍ୟକ୍ତି ମାନଙ୍କୁ ନିଷ୍ଠିତ ରକ୍ତଦାନ କରିବା ନିମନ୍ତେ ବାଧ୍ୟତାମୂଳକ କରାଯାଉ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ରକ୍ତଦାନ ଆରମ୍ଭରେ ଅଧ୍ୟାପିକା ଆର. କ୍ରାନ୍ତି ସାଗର, ପ୍ରମୋଦ କୁମାର ପରିଡା ଏବଂ ଅଧ୍ୟାପିକା ଦିପ୍ତୀରେଖା ମିଶ୍ର ରକ୍ତଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ରକ୍ତଦାନ କରିବା ନିମନ୍ତେ ଉତ୍ସାହିତ କରିଥିଲେ । ଜାତୀୟ ସେବା ସଂସ୍ଥା ବାଳକ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ଗୌତମ ନାୟକ ଏବଂ ବାଳିକା ବିଭାଗର କାର୍ଯ୍ୟ ନିର୍ବାହୀ ଅଧିକାରୀଣୀ ପ୍ରେମରେଖା ଭତ୍ରାଙ୍କ ଉଦ୍ୟମରେ ମାଲକାନଗିରି ମହାବିଦ୍ୟାଳୟରେ ପ୍ରଥମ ଥର ପାଇଁ ରେକର୍ଡ ସଂଖ୍ୟକ ୬୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଯାହାକି ଜିଲ୍ଲାର ମହାବିଦ୍ୟାଳୟ ମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବିବେଚିତ କରିବା ସହ ରକ୍ତଭଣ୍ଡାର ତରଫରୁ ମାନପତ୍ର ଏବଂ ସିଲ୍ଡ ପ୍ରଦାନ କରାଯାଇଥିଲା । ଏହି ରକ୍ତଦାନ ଶିବିରକୁ ମାଲକାନଗିରି ରକ୍ତଭଣ୍ଡାରର ନର୍ସିଂ ଅଫିସର ଏନ. ସୁବର୍ଣ୍ଣା, ଲ୍ୟାବ ଟେକନିସିଆନ ସରୋଜ କୁମାର ପଣ୍ଡା, ମାନା ଖେମୁଣ୍ଡୁ ପ୍ରମୁଖ ଉପସ୍ଥିତ ରହି ସହାୟତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଏବଂ ପୁରାତନ ଛାତ୍ରଛାତ୍ରୀ ମାନେ ଭରପୁର ସାହାଯ୍ୟ ସହଯୋଗ କରିଥିବା ବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସାଫଲ୍ୟମଣ୍ଡିତ କରିଥିଲେ । ଶେଷରେ ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟକ୍ରମରେ ସମସ୍ତ ରକ୍ତଦାତା ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଅଧ୍ୟାପକ ଗୌତମ ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁଡୁମୁଲୁଗୁମ୍ମା ମହାବିଦ୍ୟାଳୟର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଉତ୍ସବରେ ଯୋଗଦେଲେ ବିଧାୟକ

ମାଲକାନଗିରି, ୨୫/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ଡାରଉଇନ୍ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟର, ଯୁକ୍ତ ତିନି ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ସମ୍ବର୍ଦ୍ଧନା ଉତ୍ସବରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ମଙ୍ଗୁ ଖିଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଅଜୟ କୁମାର ମାଣ୍ଡାଙ୍ଗୀ, ପ୍ରସନ୍ନ କୁମର ପାଢ଼ୀଙ୍କ ସହ ବିଧାୟକ ପ୍ରତିନିଧି ଦିବାକର ସୁନା ପ୍ରମୁଖ ଉପସ୍ଥିତ ଥିଲେ ଓ ସମ୍ପୁର୍ଣ୍ଣ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ପରିଚାଳନା କରିଥିଲେ । ଅତିଥି ମାନେ ପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କ ତୈଳ ଚିତ୍ର ରେ ପୁଷ୍ପ ପ୍ରଦାନ ପୁର୍ବକ ଦ୍ୱିପ ପ୍ରଜ୍ୱଳନ କରିଥିଲେ ଓ ଏହାପରେ ଛାତ୍ରଛାତ୍ରୀ ମାନେ ସମବେତ କଣ୍ଠରେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ବିଧାୟକ ଶ୍ରୀ ଖିଲ ଯୁକ୍ତ ତିନି ପ୍ରଥମ ବର୍ଷର ସମସ୍ତ ନବାଗତ ଛାତ୍ରଛାତ୍ରୀ ମାନଙ୍କୁ ଅଭିବାଦନ ଦେଇ କହିଥିଲେ ଯେ, ମହାବିଦ୍ୟାଳୟ ରେ ପାଦ ଥାପିବା ଦିନ ଠାରୁ ତୁମମାନଙ୍କର ଜୀବନ ର ମୋଡ଼କୁ ବଦଳେଇବାର ଏକ ଦୁର୍ଲଭ ମୁହୂର୍ତ ଉପନୀତ ହୋଇଛି, ଏଣୁ ଏହି ମୁହୂର୍ତଟିକୁ ସତ୍ କର୍ମରେ ବିନିଯୋଗ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥିସହିତ ସେ ବଣ୍ଡା ଅଂଚଳର ଗୌରବ କୃତି ପ୍ରତିଭା ମଙ୍ଗଳା କିର୍ଷାନୀଙ୍କ ବିଷୟରେ ଉଦାହରଣ ଦେଇ କହିଥିଲେ ଯେ, ଅଦମ୍ୟ ସାହସ ଓ ଇଚ୍ଛାଶକ୍ତି ଥିଲେ ମନୁଷ୍ୟ ଯେ କୌଣସି ପରିବେଶ ଓ ପରିସ୍ଥିତିର ଫାଇଦା ଉଠାଇ ଅନ୍ୟ ମାନଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ଭାବେ ନିଜକୁ ଅଭିହିତ କରିପାରିବ । ଅନ୍ୟ ଅତିଥି ମାନେ ମଧ ଛାତ୍ରଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାର ମୂଲ୍ୟବୋଧ ଓ ଜୀବନରେ ଏହାର ବ୍ୟାପକ ପ୍ରଭାବ ସମ୍ପର୍କରେ ଅବଗତ କରାଇଥିଲେ । ପରିଶେଷରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସମସ୍ତ ଅତିଥି ମାନଙ୍କ ଉପସ୍ଥିତି ଓ ସେମାନଙ୍କ ପ୍ରେରଣାଦାୟୀ ଅଭିଭାଷଣ ନିମନ୍ତେ ଧନ୍ୟବାଦ ପ୍ରଦାନ କରିଥିଲେ । ଏହାପରେ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ ଓ ପରିଶେଷରେ ପରସ୍ପରକୁ ମିଷ୍ଟାନ୍ନ ଖୁଆଇ ସ୍ୱାଗତ ଉତ୍ସବ ମନାଇଥିଲେ ।

# ଦିବ୍ୟାଙ୍ଗ ଶିଶୁଙ୍କ ନିକଟରେ ପ୍ରତିଭା ଭରି ରହିଛି : ବ୍ରହ୍ମବରଦାରେ ଦିବ୍ୟାଙ୍ଗ ଅଧିକାର ଆଇନ କର୍ମଶାଳା

ଧର୍ମଶାଳା, ୨୫/୦୯ (ନି.ପ୍ର): ଦିବ୍ୟାଙ୍ଗ ଶିଶୁଙ୍କ ନିକଟରେ ଅନେକ ପ୍ରତିଭା ଭରି ରହିଛି । ଦିବ୍ୟାଙ୍ଗ ଶିଶୁଙ୍କ ଶିକ୍ଷା ବିକାଶ ପାଇଁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ସମାନ ଦାୟିତ୍ୱ ରହିଛି । ସେମାନଙ୍କ ବିକାଶ ହୋଇପାରିଲେ ଦେଶ ସମାଜର ବିକାଶରେ ସହାୟକ ହେବ ବୋଲି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥିତ ହାଜିରହିମିଆଁ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଦିବ୍ୟାଙ୍ଗ ଅଧିକାର କର୍ମଶାଳାରେ ଅତିଥିମାନେ ଯୋଗ ଦେଇ ମତ ପ୍ରକାଶ କରିଥିଲେ । ଏହି ବିଦ୍ୟାଳୟ ପରିସରରେ ଆୟୋଜିତ କର୍ମଶାଳାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମଙ୍ଗଳ ବିକାଶ ଓ ଶିକ୍ଷାଧିକାର ସୁନିଶ୍ଚିତ ନିମନ୍ତେ କର୍ମଶାଳାର ମୂଳ ଲକ୍ଷ୍ୟ ଉଦ୍ଦେଶ୍ୟରେ ଦିବ୍ୟାଙ୍ଗ କର୍ମୀ ତଥା ଏଲଏଲସି କମିଟିର ସଦସ୍ୟ ମଂଟୁ ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ରସୁଲପୁର ବ୍ଲକ ଶିକ୍ଷାଧିକାରୀ ନୀଳାମ୍ବର ମିଶ୍ର ଓ ସହ-ଶିକ୍ଷାଧିକାରୀ ଡ. ପ୍ରଭଞ୍ଜନ ପତି ଯୋଗ ଦେଇ ଦିବ୍ୟାଙ୍ଗ ଶିଶୁମାନଙ୍କ ଦାୟିତ୍ୱ ଆମ୍ଭମାନଙ୍କର ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ସହଯୋଗୀ ପ୍ରକଳ୍ପ ସମାମାଜିକ ସୁରକ୍ଷା ବିଭାଗର ସ୍ନେହାଶିଷ ମିଶ୍ର ଯୋଗଦେଇ ଦିବ୍ୟାଙ୍ଗ ଅଧିକାର ଓ ଆଇନ ୨୦୨୬ ସମେତ ବାଣୀଶ୍ରୀ ଛାତ୍ରବୃତି, ମଧୁବନ ଭର୍ତା ଯୋଜନା ବିଷୟରେ ଆଲୋକପାତ କରିଥବଲେ । ଆଜିର କାର୍ଯ୍ୟକ୍ରମରେ ବନ୍ଧଡିହ ଆଂଚଳିକ ସାଧାନକେନ୍ଦ୍ର ବିଜୟ ସାହୁ,ବାବା ବାଲୁଙ୍କେଶ୍ୱର ଆଂଚଳିକ ସାଧାନକେନ୍ଦ୍ର ସଂଯୋଜକ ମାନସ ରଂଜ୍ଞାନ ସାହୁ, ବିଆରପି ରାମକୃଷ୍ଣ ମହାକୁଡ,ହାଜିରହିମିଆଁ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସତ୍ୟ ପ୍ରକାଶ ମିଶ୍ର, ଓ ଶିକ୍ଷକ ଶ୍ରୀବତ୍ସ ସାହୁ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମଙ୍ଗଳ ବିଷୟରେ ଗଳ୍ପ ମାଧ୍ୟମରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

ଅର୍ଥଙ୍ଗା,ମଙ୍ଗରାଜପୁର, ମହେଶ୍ୱରପୁର, ବ୍ରହ୍ମବରଦା ଓ ବନ୍ଧଡିହ ପଂଚାୟତର ୪୦ଗୋଟି ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର ଶିକ୍ଷକ/ଶିକ୍ଷୟିତ୍ରୀ, ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ଅବିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଜ୍ୟୋତି ରଞ୍ଜନ ଦାସ ଓ ବିରେଶ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# କେଡିଏମଏଫ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

କନ୍ଧମାଳ, ୨୫/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲା ମିଡିଆ ଫୋରମ (କେଡିଏମଏଫ) ପକ୍ଷରୁ ସଭାପତି ଡଃ. ସୂର୍ଯ୍ୟ ନାରାୟଣ ବେହେରାଙ୍କ ନେତୃତ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ମହତ କାର୍ଯ୍ୟକ୍ରମରେ କନ୍ଧମାଳ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଟେଲ ଯୋଗ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ବିଶେଷ କରି ମାଦିକୁନ୍ଦା ଛକ ଠାରେ ଏବଂ ୧୨ ନମ୍ବର ୱାର୍ଡର ନଦୀ କୂଳରେ ଥିବା ପଠା ଉପରେ ହେଉଥିବାରୁ ଫୋରମର ସମସ୍ତ କର୍ମକର୍ତାଙ୍କୁ ଧନ୍ୟବାଦ ଦେବା ସହ ବୃକ୍ଷ ରୋପଣର ଉଦ୍ଦେଶ୍ୟ ଓ ଲକ୍ଷ ଉପରେ ବକ୍ତବ୍ୟ ରଖିଥିଲେ । ଏଥି ସହିତ ଏପରି ପ୍ରତି ବର୍ଷ ଜିଲ୍ଲାରେ ବିଭିନ୍ନ ଜାଗାରେ ଖାଲି ଥିବା ସ୍ଥାନ ମାନଙ୍କରେ ଗୋଟିଏ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରିବା ପାଇଁ ପରାମର୍ଶ ଦେଇଥିଲେ କ୍ଷଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ଯୋଗଦେଇ ଆଜିର କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ସେହିପରି ଅନ୍ୟତମ ଅତିଥି ଭାବେ ଫୁଲବାଣୀ ପୌରପରିଷଦ ଅଧ୍ୟକ୍ଷା ପାୟଲ ବେହେରା ଓ ଫୁଲବାଣୀ ରେଞ୍ଜ ବନଖଣ୍ଡ ଅଧିକାରୀ ଶିବାନନ୍ଦ ଲେଙ୍କା ଯୋଗଦେଇ ବାର ନମ୍ବର ୱାର୍ଡରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବୃକ୍ଷ ରୋପଣ କରିବା ସହ ବୃକ୍ଷକୁ କିପରି ବଂଚେଇ ରଖିବା ସେ ଉପରେ ଉପସ୍ଥିତ ୱାର୍ଡବାସୀଙ୍କୁ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ, ଅଜିତ ମହାରଣା ଶିବାନନ୍ଦ ପଟ୍ଟନାୟକ, ସୁନୀଲ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମିଡିଆ ଫୋରମର ସମ୍ପାଦକ ଶିବ ବିଶ୍ୱାଳ, ସାମ୍ବାଦିକ ତଥା ଆଇନଜିବୀ ଆଦିତ୍ୟ ପ୍ରସାଦ ତ୍ରିପାଠୀ, ଉପସଭାପତି, ରମେଶ ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ପ୍ରଶାନ୍ତ ପଣ୍ଡା, ଶିବ ରାମ ନାୟକ, ପ୍ରଶାନ୍ତ କୁମାର ଜେନା, ସନ୍ତୋଷ କୁମାର ବେହେରା, ରଞ୍ଜିତ କୁମାର, କାହ୍ନୁ ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ବନ କର୍ମଚାରୀ ପ୍ରେମାନନ୍ଦ ପାତ୍ରଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ।

# ପ୍ରସିଦ୍ଧ ବଳଦ ଯାତ୍ରା ଉପଲକ୍ଷେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ

ଭୁବନ, ୨୫/୦୯ (ନି.ପ୍ର): ଭୁବନର ଐତିହାସିକ,ପାରମ୍ପରିକ ତଥା ଗଣ ପର୍ବ ଭାବେ ପ୍ରସିଦ୍ଧି ଲାଭ କରିଥିବା ଦଶହରା ବଳଦ ଯାତ୍ରା ଉପଲକ୍ଷେ ଏନ୍ ଏ ସି ସଭା ଗୃହରେ ଆଜି ସନ୍ଧ୍ୟାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି କମିଟି ମୁଖ୍ୟ କାମାକ୍ଷା ନଗର ଉପ ଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ,ତହସିଲଦାର ସିରୀୟଲ ଶୁଭ୍ର ପଟେଲ,ଏନ୍ ଏ ସି ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା , ଥାନାଧିକାରୀ ମନସ୍ୱିନୀ ମହାନ୍ତି ,ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ବିଶ୍ୱାଳ,ବିଦ୍ୟୁତ୍ ବିଭାଗ ଆସିଷ୍ଟାଂଟ ମ୍ୟାନେଜର ନଳିନୀ ଶଙ୍କର ରଥ, ମେଡିକାଲ ଅଫିସର ଡ଼ଃ ରମେଶ କୁମାର ସାହୁ,ମେଡିକାଲ ଆକାଉଟାଂଟ ଶୁଭକାନ୍ତ ଆଚାର୍ଯ୍ୟ, ଦଶହରା ବଳଦ କମିଟି ସଭାପତି ଦିଲ୍ଲୀପ କୁମାର ଦାସ, ଶାନ୍ତି କମିଟି ସମ୍ପାଦକ କୁଞ୍ଜ ବିହାରି ଚିନରା , ବଳଦ ଯାତ୍ରା ସ୍ରଷ୍ଟା ' ଥୋରିଆ ସମାଜ' ସଭାପତି ବ୍ରହ୍ମାନନ୍ଦ ସାହୁ,ସମ୍ପାଦକ ବିଶ୍ୱନାଥ ସାହୁ ,ରାମ ଚନ୍ଦ୍ର ନାୟକ , ନୂଆ ବଜାର ବଣିକ ସଂଘ ସଭାପତି ଦୁଷ୍ମନ୍ତ କୁମାର ପୃଷ୍ଟି, କାଳୀ ବଜାର ସଭାପତି ସମୀର କୁମାର ସାହୁ,ନିରଞ୍ଜନ ପୃଷ୍ଟି ,ସନ୍ତୋଷ ବିହାରୀ, ନିରଞ୍ଜନ ଗୁରୁ, ନରେନ୍ଦ୍ର କୁମାର ସାହୁ , ସନ୍ତୋଷ ବିହାରୀ , ଅଜୟ କୁମାର ସେଠୀ ଶ୍ରୀଧର ବେହେରା,କାଉନସିଲର ପପୁ କୁମାର ସାହୁ ଙ୍କ ସମେତ ସମସ୍ତ ବଳଦିଆ କମିଟି ଓ ଦୁର୍ଗାପୂଜା କମିଟି ସଦସ୍ୟ ଯୋଗଦେଇ ବଳଦ ଯାତ୍ରା, ରାବଣ ପୋଡ଼ି ଓ ଦୁର୍ଗା ମେଢ଼ ଭସାଣି ଯାତ୍ରା କୁ ଅତ୍ୟନ୍ତ ସରସ ସୁନ୍ଦର ଓ ଶୃଙ୍ଖଳିତ ଭାବେ ଶେଷ କରିବାକୁ ଆଲୋଚନା କରିଥିଲେ । ଚଳିତ ବର୍ଷ ପ୍ରଥମ ଥର ପାଇଁ ସମ୍ପୂର୍ଣ ଡି ଜେ ମୁକ୍ତ ଦଶହରା ପାଳନ ପାଇଁ ନିଷ୍ପତି ନିଆଯାଇଥିଲା । ଦଶହରା ପୂର୍ବରୁ ସହର ର ସମସ୍ତ ରାସ୍ତା ପ୍ରଶସ୍ତ କରାଯିବା,ଡ୍ରେନ ମରାମତି ଓ ସ୍ଲାବ ପକାଯିବା,ପ୍ରତ୍ୟେକ ବିଦ୍ୟୁତ ଖୁଂଟରେ ଲାଇଟ୍ ଲଗାଯିବା, ଯାତ୍ରାରେ ଲକ୍ଷାଧିକ ଯାତ୍ରୀଙ୍କ ସମାଗମ କୁ ଦୃଷ୍ଟିରେ ରଖି ସମସ୍ତ ଶୌଚାଳୟ ଖୋଲାଯିବା ସହିତ ଅସ୍ଥାୟୀ ଶୌଚାଳୟ ମଧ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଚଳିତ ବର୍ଷ ଅକ୍ଟୋବର ୯ ତାରିଖ ଷଷ୍ଠୀ ପୂଜା ଠାରୁ ୧୪ ତାରିଖ ଭସାଣି ଯାତ୍ରା କୁ ଅତ୍ୟନ୍ତ ସରସ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳିତ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ୧୪ ତାରିଖ ସନ୍ଧ୍ୟା ୭ ଘଟିକା ସୁଦ୍ଧା ରାବଣ ପୋଡ଼ି ଶେଷ କରିବାକୁ ଜୋର୍ ଦିଆଯାଇଥିଲା । ରାବଣ ପୋଡ଼ି ପରେ ପ୍ରସିଦ୍ଧ ବଳଦ ଯାତ୍ରା ଓ ଭସାଣି ଯାତ୍ରା ଅନୁଷ୍ଠିତ ହେବ । ୧୫ ତାରିଖ ସକାଳ ୬ ଘଟିକା ସୁଦ୍ଧା ସମସ୍ତ ବଳଦ ନୂଆ ବଜାର ଅତିକ୍ରମ କରିବେ ଓ ୭ ଘଟିକାରେ ଦୁର୍ଗା ମେଲଣ ଅନୁଷ୍ଠିତ ହୋଇ ଭସାଣି ଉତ୍ସବ ଶେଷ କରିବାକୁ ନିଷ୍ପତି ନିଆଯାଇଥିଲା । ଶେଷରେ ଆଇନଜିବୀ କୁଞ୍ଜ ବିହାରୀ ଚିନରା ଧନ୍ୟବାଦ ଅର୍ପଣ କରିଥିଲେ ।

# ହାଇଡ୍ରୋସିଲ ରୋଗୀଙ୍କ ମାଗଣା ଅସ୍ତ୍ରୋପଚାର ଶିବିର

ଭୁବନ, ୨୫/୦୯ (ନି.ପ୍ର): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ହାଇଡ୍ରୋସିଲ ରୋଗୀଙ୍କ ମାଗଣା ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସ୍ତରୀୟ ଅଭିଜ୍ଞ ସର୍ଜରୀ ବିଶେଷଜ୍ଞ ଡ଼ଃ ସଂକଳ୍ପ କେଶରୀ ଭୋଳ,ଆନାସ୍ଥସିଆ ବିଶେଷଜ୍ଞ ଡ଼ଃ ଆପୋଲୋ ଦାସ,ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡ଼ଃ ରମେଶ କୁମାର ସାହୁ ଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୧୦ ଜଣ ହାଇଡ୍ରୋସିଲ ରୋଗୀଙ୍କୁ ମାଗଣାରେ ଅସ୍ତ୍ରୋପଚାର କରାଯାଇଥିଲା । ଏହି ଅସ୍ତ୍ରୋପଚାର କାର୍ଯ୍ୟକ୍ରମରେ ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ,ଭେକ୍ଟର ବାହିତ ରୋଗ ପରିଦର୍ଶକ ଅମିତ କୁମାର ସାମଲ, ନର୍ସିଂ ଅଫିସର ଗାୟତ୍ରୀ ସାହୁ,କୋଷାଧ୍ୟକ୍ଷ ଶୁଭକାନ୍ତ ଆଚାର୍ଯ୍ୟ,ସ୍ୱାସ୍ଥ୍ୟ କର୍ମୀ ଅଜିତ କୁମାର ଦାଶ, ମାନସ ରଞ୍ଜନ ସାହୁ ଙ୍କ ସମେତ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ରାଉତ, ସୁଦର୍ଶନ ଜେନା, ସିଦ୍ଧାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ନୋଡାଲ ସଚିବଙ୍କ ପୁରୀ ଜିଲ୍ଲା ଗସ୍ତ ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ପୁରୀ, ୨୫/୦୯ (ନି.ପ୍ର): ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଓ ଜନ କଲ୍ୟାଣ କାରୀ ଯୋଜନା ଗୁଡିକ ର ଅନୁଧ୍ୟାନ ଓ ସମୀକ୍ଷା କରିଛନ୍ତି ନୋଡାଲ ସଚିବ ଭାବେ ଜିଲ୍ଲା ଦାୟିତ୍ୱ ରେ ଥିବା ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ । ଦୁଇ ଦିନିଆ ପୁରୀ ଜିଲ୍ଲା ଗସ୍ତରେ ଥିବା ପ୍ରମୁଖ ସଚିବ ଶ୍ରୀ ବଶିଷ୍ଠ ପ୍ରଥମ ଦିନରେ ବିଭିନ୍ନ ବ୍ଲକର କ୍ଷେତ୍ର ପରିଦର୍ଶନ ସହ ବିଭିନ୍ନ ପ୍ରକଳ୍ପ ଦେଖିଥିଲେ । ଅଧିକାରୀ ଓ ହିତାଧିକାରୀଙ୍କ ସହ ସେ ଆଲୋଚନା ମଧ କରିଥିଲେ । ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ବଶିଷ୍ଠ ବିଭିନ୍ନ ପ୍ରକଳ୍ପ ଓ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଗ୍ରାମ୍ୟ ଜଳ ଯୋଗାଣ ଓ ପରମଳ ବିଭାଗ, ରାଜସ୍ୱ, ପଂଚାୟତାରାଜ ବିଭାଗର ଆବାସ ଯୋଜନା, ଶିକ୍ଷା, ୱାଟକୋ, ସାମାଜ କଲ୍ୟାଣ, ମଙ୍ଗଳ ବିଭାଗ, ପୁରୀ ପୌରପାଳିକା,ଯୋଗାଣ ବିଭାଗ,ବିଦ୍ୟୁତ ବିଭାଗ, ସାମାଜିକ ସୁରକ୍ଷା, ସମବାୟ ବିଭାଗ, ଶିଳ୍ପ କେନ୍ଦ୍ର, ଅଭିଯୋଗ ଶୁଣାଣୀ,ମତ୍ସ୍ୟ ଇତ୍ୟାଦି ବିଭାଗର ସମୀକ୍ଷା କରିଥିଲେ । ଯଦିଓ ଜିଲ୍ଲାର ପ୍ରଦର୍ଶନ ଭଲ ରହିଛି ତେବେ ଅଧିକ ପରିଶ୍ରମ କରି ଏହାକୁ ଆଗକୁ ନେବାକୁ ସେ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଡିଏଫଓ ବିବେକ କୁମାର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ଗୋପୀନାଥ କୁଅଁର, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମଓ ଡା ରୂପଭାନୁ ମିଶ୍ର, ଯୋଜନା ଓ ପରିସଂଖ୍ୟାନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଭଦ୍ରକ ପ୍ରକଳ୍ପ ସ୍ତରୀୟ ପୋଷଣ ମାସ ପାଳନ ଓ ପ୍ରଦର୍ଶନୀ




ଭଦ୍ରକ, ୨୫/୯ (ନି.ପ୍ର): ସୁସ୍ଥ ମାଆ ଠାରୁ ହିଁ ସୁସ୍ଥ ଶିଶୁ ଜନ୍ମ ନିଏ । ସୁସ୍ଥ ଶିଶୁ ହିଁ ଉଭୟ ଶାରୀରିକ ଓ ମାନସିକ ଭାବେ ବିକଶିତ ହୋଇ ଭବିଷ୍ୟତରେ ସୁନାଗରିକ ହୁଏ ଏବଂ ଉତ୍ତମ ସମାଜ ଓ ରାଷ୍ଟ୍ର ଗଠନରେ ସହାୟକ ହୁଏ । ତେଣୁ ଉଭୟ ମାଆ ଓ ଶିଶୁର ସୁସ୍ଥତା ପାଇଁ ପୋଷଣ ପରିଚାଳନା ଓ ସଚେତନତା ଜରୁରୀ ବୋଲି ଜିଲ୍ଲା ସଂସ୍କୃତି ଭବନରେ ଭଦ୍ରକ ଶିଶୁ ବିକାଶ ଯୋଜନା ପ୍ରକଳ୍ପ ଆନୁକୂଲ୍ୟରେ ଆୟୋଜିତ ପ୍ରକଳ୍ପ ସ୍ତରୀୟ ପୋଷଣ ମାସ ପାଳନ ଓ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୦୦ ରୁ ଉର୍ଦ୍ଧ୍ୱ ସଂଖ୍ୟାରେ ଉପସ୍ଥିତ ଥିବା ଭଦ୍ରକ ବ୍ଲକ୍‌ର ବିଭିନ୍ନ ଗ୍ରାମରୁ ଆସିଥିବା ଅଙ୍ଗନବାଡ଼ି କର୍ମୀ, କିଶୋରୀ ବାଳିକା, ଗର୍ଭବତୀ ଓ ପ୍ରସୂତୀ ମାଆ ମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରସଙ୍ଗରେ ଜିଲ୍ଲାପାଳ ଛୋଟ ପିଲାକୁ ବଡ଼ କରାଇବାରେ ଅଙ୍ଗନବାଡ଼ିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତା ଉପରେ ଆଲୋକପାତ କରିଥିଲେ । ଅଙ୍ଗନବାଡି କର୍ମୀମାନେ ଶୂନ ରୁ ୬ ବର୍ଷ ବର୍ଷର ଶିଶୁମାନଙ୍କ ଦାୟିତ୍ୱ ବହନ କରିବା ସେମାନଙ୍କର ମହାନ ପୂଣ୍ୟ କାର୍ଯ୍ୟ ବୋଲି ସେ କହିଥିଲେ । ସେମାନେ ହିଁ ଶିଶୁର ମୂଳଦୁଆ ପକାଇଥାନ୍ତି । ସେଥି ପାଇଁ ଏ ଦିଗରେ ସେମାନେ ସମୟାନୁବର୍ତ୍ତୀତା ଅନୁପାଳନ ପୂର୍ବକ କର୍ତ୍ତବ୍ୟ ନିଷ୍ଠ ହେଲେ ସମାଜର ମଙ୍ଗଳ ହେବା ସହିତ ଅଦୃଶ୍ୟ ଶକ୍ତିର ଆର୍ଶୀବାଦ ସେମାନଙ୍କୁ ପ୍ରାପ୍ତ ହେବ ବୋଲି ଜିଲ୍ଲାପାଳ ସେମାନଙ୍କୁ ଉତ୍ସାହିତ କରିଥିଲେ । ଅତ୍ୟତମ ସମ୍ମାନିତ ଅତିଥିଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣି ପୁଷ୍ପଲତା ପାତ୍ର, ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ଚନ୍ଦ୍ରା ସାହୁ, ବ୍ଲକ୍ ଶିକ୍ଷା ଅଧିକାରୀ ଚକ୍ରଧର ମଲ୍ଲିକ୍, ଜିଲ୍ଲା ପୋଷଣ ସଂଯୋଜକ ସେକ୍ ସିରାଜ ଅଖତାର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପୋଷଣ ମାସ ପାଳନର ଆଭିମୁଖ୍ୟ ଓ ଉପାଦେୟତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଭଦ୍ରକ ସି.ଡ଼ି.ପି.ଓ. ରାଜଶ୍ରୀ ଗୋସ୍ୱାମୀ ମଞ୍ଚ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ କି ସେପ୍ଟେମ୍ବର ୧ ରୁ ୩୦ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଏହି ପୋଷଣ ମାହ କାର୍ଯ୍ୟକ୍ରମ ଅଙ୍ଗନବାଡ଼ି କର୍ମୀମାନଙ୍କ ଦ୍ୱାରା ଅଙ୍ଗନବାଡ଼ିରେ, ସୁପରଭାଇଜର ମାନଙ୍କ ଦ୍ୱାରା ସେକ୍ଟର ସ୍ତରରେ, ସି.ଡ଼ି.ପି.ଓ ମାନଙ୍କ ଦ୍ୱାରା ପ୍ରକଳ୍ପ ସ୍ତରରେ ଓ ଡ଼ି.ଏସ୍.ଡ଼ବ୍ଲ୍ୟୁ.ଓଙ୍କ ଦ୍ୱାରା ଜିଲ୍ଲାସ୍ତରରେ ପାଳନ କରାଯାଉଛି । ଏହି କାର୍ଯ୍ୟକ୍ରମ ଆୟୋଜନ ପରିସରରେ ଶିଶୁମାନଙ୍କ ପାଇଁ ବିଭିନ୍ନ ପୁଷ୍ଟିକର ପାରମ୍ପରିକ ଖାଦ୍ୟ ସମାହାରର ପ୍ରଦର୍ଶନୀ, ପୋଷଣ ସହ ପାଠପଢ଼ା ପାଇଁ ଟାୟାଥନ୍ ହାତ ତିଆରି ଖେଳନାର ପ୍ରଦର୍ଶନୀ ମଧ କରାଯାଇଥିଲା । ପୋଷଣ ମାସରେ ବିଭିନ୍ନ ଅଙ୍ଗନବାଡ଼ି ସ୍ତରରେ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମର ନମୂନା ପ୍ରଦର୍ଶିତ ହୋଇଥିଲା । ଜିଲ୍ଲାପାଳ ଏ ସମସ୍ତ ପ୍ରଦର୍ଶନୀକୁ ପରିଦର୍ଶନ କରିଥିଲେ । କାର୍ଯ୍ୟକ୍ରମର ବିଭିନ୍ନ ବର୍ଗରେ ଉତ୍ତମ ପ୍ରଦର୍ଶନ ପାଇଁ ପୁରସ୍କାର ବିତରଣ କରାଯାଇଥିଲା । ସୁପରଭାଇଜର ନିବେଦିତା ଯେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କଟକର ଘାଟ...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ଏହି ଘାଟର ପାଖ ସାହି ଯଥା ବାଖରାବାଦ, ଫିରିଙ୍ଗି ବଜାର ଆଦିର ବାସିନ୍ଦାମାନେ ଏହା ଉପରେ ଅନେକ ଭାବେ ନିର୍ଭରଶୀଳ। ସେହିପରି ପାଖରେ ହାଇକୋର୍ଟ ଓ ଶିଶୁଭବନ ଥିବାରୁ ଏଠାକୁ ଆସୁଥିବା ଲୋକମାନଙ୍କର ନିତ୍ୟକର୍ମ କାର୍ଯ୍ୟ ଏହି ଘାଟରେ ସମାପନ କରନ୍ତି। ପାଖରେ ଜୁଡ଼ିସିଆଲ ଏକାଡେମୀ ବେଶ ପ୍ରଶସ୍ତ ଭାବେ ତିଆରି ହେବା ପରେ ଏହି ଘାଟର ଗୁରୁତ୍ୱ ଓ ମର୍ଯ୍ୟାଦା ଅନେକ ଦୃଷ୍ଟିରୁ ବଢ଼ି ଯାଇଛି।

ଖାନନଗର ଘାଟ : କାଠଯୋଡ଼ି କୂଳରେ ଖାନନଗରର କାଳୀ ମନ୍ଦିର ନିକଟରେ ରହିଥିବା ଖାନନଗର ଘାଟଟି କଟକିଆଙ୍କ ପାଇଁ ଅନେକ ଦୃଷ୍ଟିରୁ ମହତ୍ୱପୂର୍ଣ୍ଣ। ସହରର ଅତ୍ୟନ୍ତ ବଡ଼ ଶ୍ମଶାନର ମର୍ଯ୍ୟାଦା ପାଉଥିବା ଖାନନଗର ଶ୍ମଶାନରେ ଦାହ କାର୍ଯ୍ୟ ସମାପନ ପରେ ନଦୀରେ ସ୍ନାନ ତର୍ପଣ ଆଦି ପାଇଁ ଏହି ଘାଟଟି ବ୍ୟବହାର ହୋଇଥାଏ। ତେବେ ଖାନନଗର ସାହି ନିକଟରେ ଏହାପରେ ଆଉ ତିନୋଟି ଛୋଟ ଛୋଟ ଘାଟ ମଧ ରହିଛି। କ ଟ କ ସହରର ଘାଟ ଗୁଡ଼ିକ ଅନେକ ଦୃଷ୍ଟିରୁ ଜୀବନ ଚଳଣୀରେ ଗୁରୁତ୍ୱ ଓ ସ୍ୱତନ୍ତ୍ରତା ରଖିଛି। ତେବେ ଉପରୋକ୍ତ ବଡ଼ ବଡ଼ ଓ ଆଲୋଚ୍ୟ ତଥା ଐତିହ୍ୟପୂର୍ଣ୍ଣ ଘାଟ ବ୍ୟତୀତ ମଧୁପାଟଣା ଅଞ୍ଚଳରେ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ଗୋଟିଏ ଛୋଟ ଘାଟ ରହିଛି। ଏହାପରେ କାଠଯୋଡ଼ି ନଦୀ କୂଳରେ ବୟାଳିଶୀ ମୌଜା ଘାଟଟି ମଧ ସ୍ଥାନୀୟ ଅଞ୍ଚଳର ଆବଶ୍ୟକତାକୁ ପୂରଣ କରିଥାଏ। ସେହିପରି ସତୀଚୌରା ନିକଟରେ ତଗର ପଡ଼ା ଘାଟଟି ଅନ୍ୟ ତୁଳନାରେ ଛୋଟ ହୋଇଥିଲେ ମଧ ଏହି ଘାଟଟି ଅତ୍ୟନ୍ତ ବ୍ୟସ୍ତ ରହୁଛି। ଏହି ନଦୀ କୂଳ ଘାଟ କେବଳ ଉଭାଳି ନଦୀର ବୋହି ଯାଉଥିବା ପାଣିର କଥା କହିନଥାଏ। ଏହି ଘାଟରେ ସୁଖ ଦୁଃଖ, ପ୍ରେମ, ପ୍ରତାରଣା ଆଉ ଗୁଲିଖିଟିର ଗମାତ ଭିତରେ ଅନେକ ସୃଷ୍ଟି ହୁଏ କାହାଣୀ, ବନ୍ଧୁତା, ଭଲ ପାଇବା। ଯେତେଦିନ ପର୍ଯ୍ୟନ୍ତ ମହାନଦୀ ଓ କାଠଯୋଡ଼ି ରହିଥିବ ସେତେଦିନ ପର୍ଯ୍ୟନ୍ତ ଏହି ଘାଟର ପରିଚିତ ଆବଶ୍ୟକତା ଓ ସ୍ମୃତି ନିଶ୍ଚିତ ରହିବ ପ୍ରତିଟି କଟକିଆଙ୍କ ହୃଦୟ ଭିତରେ।

ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୨୪୫୩

# ଅମେଠୀରେ ସଡକ ଦୁର୍ଘଟଣାରେ ଦୁଇ ମୃତ: ଜଣେ ଆହତ

ଅମେଠୀ , ୨୫/୯ (ନି.ପ୍ର): ଉତର ପ୍ରଦେଶର ବାନ୍ଦା ଟାଣ୍ଡା ଜାତୀୟ ରାଜପଥ ଅମେଠୀ ଜିଲ୍ଲାର ମୁଶୀଗଞ୍ଜ ପୋଲିସ ଷ୍ଟେସନ ଅଂଚଳ ଅନ୍ତର୍ଗତ ଷ୍ଟିଲ ଫ୍ୟାକ୍ଟ୍ରି ନିକଟରେ ବୁଧବାର ସକାଳେ ଦୁଇଟି ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏହି ଦୁର୍ଘଟଣାରେ ଉଭୟ ଟ୍ରକର ଡ୍ରାଇଭର ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି। ଟ୍ରକରେ ଡ୍ରାଇଭରଙ୍କ ସାଥୀ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରେ ପୋଲିସ ପହଂଚି ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ଡାକ୍ତରଖାନା ପଠାଇଥିଲା ।ମୃତ ଦେହକୁ ଜବତ କରି ତଦନ୍ତ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ ।ସୁଚନାନୁସାରେ ଗୋଟିଏ ଟ୍ରକ ସୁଲତାନପୁରରୁ ରାୟବରେଲୀ ଅଭିମୁଖେ ଯାଉଥିବାବେଳେ ଅନ୍ୟ ଏକ ଟ୍ରକ ରାୟବରେଲୀ ରୁ ସୁଲତାନପୁର ଅଭିମୁଖେ ଯାଉଥିଲା ।ଏହି ସମୟରେ ଟ୍ରକ ମୁଶୀଗଜ ଥାନା ଅଂଚଳ ଅନ୍ତର୍ଗତ ଏକ ଷ୍ଟିଲ ଫ୍ୟାକ୍ଟ୍ରି ନିକଟରେ ରାସ୍ତା ମଝିରେ ଉଭୟଙ୍କ ମୁହାଁମୁହିଁ ଧକ୍କା ହୋଇଥିଲା ।ଏତେ ଜୋରରେ ଧକ୍କା ହୋଇଥିଲା ଯେ ଉଭୟ ଟ୍ରକ ଖଣ୍ଡଖଣ୍ଡ ହୋଇଯାଇଥିଲା ।ଉଭୟ ଟ୍ରକ ଡ୍ରାଇଭରଙ୍କର ଘଟଣାସ୍ଥଳରେ ଦୁଃଖଦ ମୃତ୍ୟୁ ଘଟିଛି ।ସ୍ଥାନୀୟ ଲୋକମାନଙ୍କ ସୁଚନାରେ ପହଁଂଚିଥିବା ମୁଶୀଗଞ୍ଜ ଥାନାର ପୋଲିସ ଟ୍ରକରେ ଫସି ରହିଥିବା ମୃତ ଡ୍ରାଇଭରଙ୍କ ମୃତ ଦେହକୁ ଅନେକ ଘଂଟା ପରିଶ୍ରମ କରିବା ପରେ କୌଣସି ପ୍ରକାରେ ବାହାର କରିଥିଲେ।

# ନାରୀ ସଶକ୍ତିକରଣର ଆଉ ଏକ ପାହାଚ 'ସୁଭଦ୍ରା ଯୋଜନା' : ଶଶିଭୂଷଣ

ଉଦଳା , ୨୫/୯ (ନି.ପ୍ର): ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ଏକମାତ୍ର ମହିଳା ମହାବିଦ୍ୟାଳୟ ଭାବରେ ନିଜର ପରିଚୟ ସୃଷ୍ଟି କରିଥିବା ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ପରିସରରେ ଚଳିତ ସେପ୍ଟେମ୍ବର ୨୪ ତାରିଖ ମଙ୍ଗଳବାର ଦିନ ଓଡ଼ିଶା ସରକାରଙ୍କର ଉଚ୍ଚ ଶିକ୍ଷା ବିଭାଗ ତରଫରୁ 'ଘରେ ଘରେ ସୁଭଦ୍ରା ଯୋଜନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଆଲୋଚାନଚକ୍ର ସହିତ ଛାତ୍ରୀ ମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ, ରଙ୍ଗୋଲି ଆଦି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସରକାରଙ୍କର ସୁଭଦ୍ରା ଯୋଜନା ନାରୀ ସଶାକ୍ତିକରଣର ଆଉ ଏକ ପାହାଚ ବୋଲି ବ୍ୟକ୍ତ କରିଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ ?ଘାଟନ କରିବା ସହ ମହିଳା ମହାବିଦ୍ୟାଳୟ ତରଫରୁ ଏହିଭଳି ଏକ କାର୍ଯ୍ୟକ୍ରମର ଆୟୋଜନ ପାଇଁ କୃତଜ୍ଞତା ଜଣାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପରିଚାଳନା କମିଟିର ସଭାପତି ରବିନ୍ଦ୍ରନାଥ କଟୁଆଳ , ପ୍ରତିଷ୍ଠାତା ସଦସ୍ୟ ପ୍ରଭାତ କୁମାର ପରିଡ଼ା, ବିଭୁତି ଭୂଷଣ ମହାନ୍ତ ପ୍ରମୁଖ ଯୋଗ ଦେଇ ସୁଭଦ୍ରା ଯୋଜନାର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ପରେ ଛାତ୍ରୀ ମାନଙ୍କ ଦ୍ୱାରା ଅନୁଷ୍ଠିତ ବିଭିନ୍ନ ପ୍ରକାର ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ । କ୍ଷୀରୋଦ ରଂଜନ ମହାନ୍ତି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ଗିରିଜା ଶଙ୍କର ପାତ୍ର କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଧାପିକା ମଂଜୁଳା କଲିଆ ଓ ଆରିତିବାଳା ସାହୁ ସହଯୋଗ କରିଥିଲେ ।

# ଜୋନ ସ୍ତରୀୟ କ୍ରେତା- ବିକ୍ରେତା ସମାରୋହ ଅନୁଷ୍ଠିତ




ବାଲେଶ୍ୱର, ୨୫/୯ (ନି.ପ୍ର): ଜିଲ୍ଲା ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ ଆଜି ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପଠାରେ ଜୋନ ସ୍ତରୀୟ କ୍ରେତା- ବିକ୍ରେତା ସମାରୋହ ଅନୁଷ୍ଠିତ ହୋଇଯାଇଛି ଓ ଏହି ସଭାରେ ବାଲେଶ୍ୱର, ଭଦ୍ରକ ଓ ମୟୁରଭଞ୍ଜ ଜିଲ୍ଲାର ସଫଳ ମାଛଚାଷୀ, ଜାଆଁଳ, ଫିଡ଼ ଡିଲର, ପ୍ରୋସେସିଂ ଓ ରପ୍ତାନି ଉଦ୍ୟୋଗୀ ଯୋଗ ଦେଇଥିଲେ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ଜିତେନ୍ଦ୍ର କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ । ଉକ୍ତ ସଭାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପ୍ରକଳ୍ପ ମୂଲ୍ୟ ୨ କୋଟି ପର୍ଯ୍ୟନ୍ତ ବୃଦ୍ଧି ହୋଇଛି ଓ ସର୍ବାଧିକ ୧ କୋଟି ପର୍ଯ୍ୟନ୍ତ ସରକାରୀ ସହାୟତା ମିଳିପାରିବ ବୋଲି ସୂଚନା ଦେଇଥିଲେ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ବର୍ତ୍ତମାନ ଭାରତୀୟମାନଙ୍କ କ୍ରୟ ଶକ୍ତି ବୃଦ୍ଧି ପାଇଛି ଯାହାଦ୍ୱାରା ଭାରତୀୟ ରପ୍ତାନି ଉଦ୍ୟୋଗୀମାନେ ଲାଭାନ୍ୱିତ ହୋଇପାରିବେ ବୋଲି ମତ ପ୍ରକାଶ କରିଥିଲେ। ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ- ୟୁକୋ ବ୍ୟାଙ୍କର ଶ୍ରୀ ଅମିତ କୁମାର ଚାଷୀମାନେ କିପରି ବ୍ୟାଙ୍କରୁ ସହଜରେ ଋଣ ନେଇପାରିବେ ସେ ବାବଦରେ ଆଲୋଚନା କରିଥିଲେ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି ଶ୍ରୀ କାର୍ତ୍ତିକ ଚନ୍ଦ୍ର ନାୟକ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଗ୍ରାମପଞ୍ଚାୟତ ପୋଖରୀ ନିଲାମ ନେଇ ମାଛ ଚାଷୀ ଓ ବାୟୋଫ୍ଲକ ପ୍ରଣାଳୀରେ ମାଛ ଚାଷ କରୁଛନ୍ତି ବୋଲି ସୂଚନା ଦେଇଥିଲେ ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ଅଭିଜିତ ପାଢ଼ୀ ଉକ୍ତ ଯୋଜନା ଅନ୍ତର୍ଗତ ମତ୍ସ୍ୟ ବିଭାଗର ସମସ୍ତ ପ୍ରକଳ୍ପ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏସ.ଇ.ଏ. ଆଇ ଉପସଭାପତି ଶ୍ରୀ ସଂଗ୍ରାମ ଦାସ ବ୍ଲକ ଟାଇଗର ଚିଙ୍ଗୁଡ଼ି, ଭେକଟି ଆଦି ଚାଷ ଉପରେ ଗୁରୁତ୍ୱାରୋପ କରିଥିଲେ । ଏମ.ପି.ଇ.ଡ଼ି.ଏ ର ଉପନିର୍ଦ୍ଦେଶକ ଶ୍ରୀ ଅର୍ଚ୍ଚିମାନ ଲହରୀ ବାଲେଶ୍ୱର ଜିଲ୍ଲାକୁ ଆକ୍ୱାଗୋଲ୍ଡ ମାଇନ ବୋଲି ବର୍ଣ୍ଣନା କରିଥିଲେ ଓ ମୂଲ୍ୟଯୁକ୍ତ ନୂତନ କିସମର ମାଛ ଚିଙ୍ଗୁଡ଼ି ଚାଷକରି ରପ୍ତାନି କରିବାକୁ ପରାମର୍ଶ ଦେଇଥିଲେ ଓ ଅତିରିକ୍ତ ମତ୍ସ୍ୟ ଅଧିକାରୀ ମୟୁରଭଞ୍ଜ ଶ୍ରୀ ଆଲୋକ ନାଥ ଏଫପିଓ ଗଠନ କରି କ୍ଲଷ୍ଟର ପ୍ରଣାଳୀରେ ଚାଷ କରିବାକୁ ସୂଚନା ଦେଇଥିଲେ ଓ ଭଦ୍ରକ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଶ୍ରୀମତୀ ଜାନକୀ ବେହେରା ନିଷେଧ ଆଣ୍ଟିବାୟୋଟିକ୍ସ ବ୍ୟବହାର ନ କରିବାକୁ ସୁଚାଇଥିଲେ । ଜିଲ୍ଲା ସାମୁଦ୍ରିକ ଅତିରିକ୍ତ ମତ୍ସ୍ୟ ଅଧିକାରୀ ସିଏଚ ପଲ୍ଲବୀ ଡଙ୍ଗା, ଇଞ୍ଜିନ ଓ ଜାଲ ପାଇଁ ଥିବା ଯୋଜନା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ ଓ ବାଲେଶ୍ୱର ଜୋନର ଉପନିର୍ଦ୍ଦେଶକ ଶ୍ରୀ ଦୀପ୍ତି କୁମାର ମହାପାତ୍ର ଉଭୟ ସାମୁଦ୍ରିକ ଓ ମଧୁରଜଳ ସମ୍ପର୍କିତ ଯୋଜନାଗୁଡିକ ସମ୍ପର୍କରେ ସବିଶେଷ ତଥ୍ୟ ଦେଇଥିଲେ ଓ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଶ୍ରୀ ତପନ କୁମାର ମହାନ୍ତି ପୋଖରୀ ଆଡିରେ ନଡ଼ିଆ, ଆମ୍ବ, ସଜନା ଆଦି ଗଛ ଲଗାଇବାକୁ ଥିବା ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ ଓ ପୂର୍ବତନ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ସୁରେନ୍ଦ୍ର କୁମାର ଘଡେଇ ଭାନାମୀ ଚିଙ୍ଗୁଡ଼ି ଚାଷ ପୋଖରୀ ମାଟି ପାଣି ଗୁଣାବତ୍ତା ଉପରେ ସୂଚନା ଦେଇଥିଲେ ଓ ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରୀମତୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ ଓ କାର୍ଯ୍ୟକ୍ରମରେ ସମସ୍ତ ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ ତଥା ଜିଲ୍ଲା ମତ୍ସ୍ୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଜାତୀୟ ସେବା ଯୋଜନା ଦିବସ ପାଳିତ

ବାରିପଦା, ୨୫/୯ (ନି.ପ୍ର): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉନଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ରେ ଜାତୀୟ ସେବା ଯୋଜନା ଦିବସ ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଙ୍କ ସଭାପତିତ୍ୱ ରେ ଓ ଜାତୀୟ ସେବା ଯୋଜନା ଅଧିକାରୀ ମଦନ ମୋହନ ସାହୁ ଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଛାତ୍ର ଛାତ୍ରୀ ମାନେ ସ୍ୱେଚ୍ଛାକୃତ ଭାବେ ସେବା ମନୋଭାବ ରଖି ଏନ୍ ଏସ୍ ଏସ ଦ୍ୱାରା ସୁଦୃଢ ଓ ସଶକ୍ତ ସମାଜ ଗଠନ କରିବା ପାଇଁ ଆଗେଇଆସିବା ନିମନ୍ତେ ଅଧ୍ୟକ୍ଷ ଶ୍ରୀ ନାୟକ ପରାମର୍ଶ ଦେଇଥିଲେ। ଏଥିରେ ମହାବିଦ୍ୟାଳୟ ର ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ସେବା ମୋନଭାବ ଓ ସମାଜ ଗଠନ ଦିଗରେ ଜାତୀୟ ସେବା ଯୋଜନା ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ ଅଧ୍ୟାପକ ଡ଼. ଜିତେନ୍ଦ୍ର କୁମାର ଦାସ, ଶ୍ରୀରାମ ଟୁଡୁ, ଅଧ୍ୟାପିକା ସବିତା ରାଣୀ ଦାଶ, ତୃପ୍ତି ଦାସ, କବିତା ସାହୁ, ଅଙ୍କିତା ସାହୁ, ସୁଜାତା ପାଲ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ସେବା ମୋନବୃତି ନେଇ ସମାଜ ପାଇଁ କାମ କରିବା ନିମନ୍ତେ ପ୍ରେରଣା ଦାୟକ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ମାନେ ମହାରାଜପୁର ଗ୍ରାମବାସୀ ମାନଙ୍କୁ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ନିମନ୍ତେ ସ୍ଲୋଗାନ ମାଧ୍ୟମରେ ସଚେତନ କରାଇଥିଲେ। ମହାବିଦ୍ୟାଳୟର ଅନ୍ୟ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ମାନେ ଏବଂ ଜାତୀୟ ସେବା ଯୋଜନା ର ସମସ୍ତ ସ୍ୱେଚ୍ଛା ସେବୀ ମାନେ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପିକା ମୀରା ସେନାପତି ଧନ୍ୟବାଦ୍ ଅର୍ପଣ କରିଥିଲେ।

# କଲେଜ ଯିବା ବାଟରୁ ନାବାଳିକାକୁ ନେଇ ଚମ୍ପଟ କଲା ଯୁବକ: ଥାନାରେ ମାମଲା ରୁଜୁ

ଲଙ୍ଗଳେଶ୍ୱର, ୨୫/୯ (ନି.ପ୍ର): ଝିଅ କଲେଜ ଯାଇଥିଲା, ଘରକୁ ଆସିବାରେ ବିଳମ୍ବ ହେବାରୁ ଖୁଜା ଖୁଜି କଲେ ବାପା ମାଆ ।ବହୁ ସମୟ ପରେ ଜଣା ପଡ଼ିଲା ଯେ କଲେଜ ଯିବା ବାଟରୁ ନାବାଳିକା ଝିଅକୁ ସ୍ଥାନୀୟ ଯୁବକ ହରଣଚାଲ ଝରି ନେଇଛି । ଝିଅର ବାପା ଥାନାରେ ଏତଲା ଦେବା ପରେ ପୁଲିସ ବାରମ୍ବାର ଘୋରା ଫେରା କରିବା ପରେ ତିନି ଦିନ ପରେ ମାମଲା ରୁଜୁ କରି ହାତ ବାନ୍ଧି ବସିଛି । ଏପଟେ ମାଆ ଝିଅକୁ ନ ପାଇ ପାଗଳୀ ପରି ହେଉଛି । ଘଟଣାରୁ ପ୍ରକାଶ ଯେ ବାଲିକୁଟି ଗ୍ରାମର ସଞ୍ଜୟ କୁମାର ଧଳଙ୍କ ଝିଅ ଦୀପ୍ତିମୟୀ ଧଳ ଲଂଗଳେଶ୍ୱର ଦୁର୍ଗା ପ୍ରସନ୍ନ ମହାବିଦ୍ୟାଳୟରେ +୨ର ଦ୍ୱିତୀୟ ବର୍ଷ ବିଜ୍ଞାନ ଶ୍ରେଣୀରେ ପଢେ । ସବୁଦିନ ପରି ଅଗଷ୍ଟ ୨୭ ତାରିଖରେ କଲେଜ କୁ ଯାଇ ଆଉ ଘରକୁ ଫେରି ନ ଥିଲା । ବହୁ ଖୋଜା ଖୋଜି କରିବା ପରେ ଜଣା ପଡିଲା ଯେ ଲଂଗଳେଶ୍ୱର ଗ୍ରାମର ମଦନ ମୋହନ ମଲ୍ଲିକ ପୁଅ ଦୀପ୍ତି ରଞ୍ଜନ ମଲ୍ଲିକ ନାବାଳିକା ଝିଅକୁ ବିବାହର ପ୍ରଲୋଭନ ଦେଖାଇ କୋଆଡ଼େ ନେଇ ଫେରାର ହୋଇଯାଇଛି । ଘଟଣା ବିଷୟରେ ନାବାଳିକାର ବାପା ସଞ୍ଜୟ ଓ ପରିବାର ଲୋକ ବହୁ ଖୋଜା ଖୋଜି କରି କିଛି ସନ୍ଧାନ ନ ପାଇ ଗତ ଅଗଷ୍ଟ ୩୧ ତାରିଖରେ ସିଂଲା ଥାନାରେ ଲିଖିତ ଭାବରେ ଜଣାଇ ଥିଲେ । ମାତ୍ର ସିଂଲା ଥାନା ପୁଲିସ ଆଜି ଆସ କାଲି ଆସ କହି ୪ଦିନ ଘୋରା ଫେରା କରି ସେପଟ୍ଟେମ୍ବର ୪ ତାରିଖରେ କେଶ କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ବାପା ସଞ୍ଜୟ ଧଳ ଅଭିଯୋଗ କରିଛନ୍ତି । ନାବାଳିକାର ମାଆ ଝିଅଙ୍କୁ ନ ପାଇ ପାଗଳୀ ପରି ହେଉଛି । ଝିଅକୁ ନ ପାଇଲେ ବାପା ମାଆ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଦେବା ଛଡା ଅନ୍ୟ ଉପାସ୍ୟ ନାହିଁ ନୋଲି କହିଛନ୍ତି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଆଗକୁ ହେବ କି ବଡ...

କରିଛନ୍ତି ବିଜେଡିର ବରିଷ୍ଠ ନେତା ଦେବୀ ମିଶ୍ର। ସେ କହିଛନ୍ତି ବିଜେପିର ବି ଅନେକ ନେତା ଆମ ସଂପର୍କରେ ଅଛନ୍ତି। ସଂସଦରେ ଚା ପିଇବା ସମୟରେ ଅନେକ ଆଲୋଚନା ହୋଇଛି। ଯାହାକି ଆମ ସାଂସଦ ସୂଚନା ଦେଇଛନ୍ତି। ଆଗକୁ ବିକାଶ ପାଇଁ ବଡ଼ ହଲ୍‌ଚଲ୍ ହେବାକୁ ଯାଉଛି ରାଜ୍ୟରେ। ସେପଟେ ବିଜେପି-ବିଜେଡିର ବୟାନବାଜିକୁ ନେଇ ଅନେକ ଆକଳନ ସାମ୍ନାକୁ ଆସିଛି। ଯେହେତୁ ବିଜେଡିରୁ ଦୁଇ ରାଜ୍ୟସଭା ସାଂସଦ ମମତା ମହାନ୍ତି ଓ ସୁଜିତ କୁମାର ବିଜେପିକୁ ଗଲେଣି, ଆଉ କିଛି କର୍ପୋରେଟର ଓ ନେତା ସଂପର୍କରେ ଥିବା ଚର୍ଚ୍ଚା ହେଉଛି। ତେଣୁ ତାକୁ ଚେକ୍ ଦେବାକୁ ବିଜେଡି କିଛି ବଡ଼ ପ୍ଲାନ୍ କରୁଛି କି ? ଦଳର ସ୍ଥିତି ବିଗୁଡୁଥିବାରୁ ଆସନ୍ତା ୨୭ ତାରିଖରେ ନବୀନ ଏକ ବୈଠକ ଡକାଇଛନ୍ତି। ଜିଲ୍ଲା ସଭାପତିଙ୍କଠାରୁ ଆରମ୍ଭ କରି ନିର୍ବାଚିତ ପ୍ରତିନିଧି ଓ ବରିଷ୍ଠ ନେତା ଏଥିରେ ଉପସ୍ଥିତ ରହିବେ। ଅକ୍ଟୋବର ୨ରୁ ହେବାକୁ ଥିବା ପଦଯାତ୍ରା, ନିର୍ବାଚନୀ ପରାଜୟର କାରଣ ତଥା ବିଭିନ୍ନ କମିଟି ଗଠନ ଦିଗରେ ଆଲୋଚନା ହେବ। ସେପଟେ ଅସନ୍ତୁଷ୍ଟଙ୍କ ସଂଖ୍ୟା ବିଜେଡିରେ ବଢି ବଢି ଚାଲିଥିବାରୁ ବିଜେପିକୁ ଏବେ ବିକଳ୍ପ ଭାବେ ଭରସା କରୁଛନ୍ତି ନେତା। ସ୍ଥିତିକୁ ଦେଖି ବିଜେଡି ଘର ସଜଡ଼ା ଆରମ୍ଭ କରିଥିବାବେଳେ ନେତା କିନ୍ତୁ ଦଳ ଦେଇଥିବା ଧୋକାକୁ ଭୁଲି ପାରିନାହାନ୍ତି। ବିଜେପି-ବିଜେଡି ନିଜ ନିଜ ସ୍ଥିତି ସୁଦୃଢ କରିବାକୁ ରଣନୀତି ପ୍ରସ୍ତୁତି ଆରମ୍ଭ କରିସାରିଥିବାବେଳେ କଂଗ୍ରେସ କିନ୍ତୁ ମଙ୍ଗୁଆଳ ବିହୀନ। ନିର୍ବାଚନ ପରଠାରୁ ଦଳ ପୁରା ଦିଶାହୀନ ହୋଇପଡିଛି। ଅପରପଟେ ଦଳର ବରିଷ୍ଠ ନେତା କହିଛନ୍ତି ଖୁବ ଶୀଘ୍ର ପିସିସି ସଭାପତିଙ୍କ ନାଁ ଘୋଷଣା କରିବେ ହାଇକମାଣ୍ଡ।

### ଓଏଏସ୍ ସ୍ତରରେ...

ବିଜ୍ଞପ୍ତି ଅନୁସାରେ, ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ବରିଷ୍ଠ ଓଏଏସ୍ ମଧୁମିତା ରଥ ନିଜ ଦାୟିତ୍ୱ ସହ 'ଉତ୍କଳିକା' ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ । କଳ୍ପତରୁ ବେହେରାଙ୍କୁ କଟକ ମହାନଗର ନିଗମ ଅତିରିକ୍ତ କମିଶନର କରାଯାଇଛି। ସେ ପୂର୍ବତନ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀଙ୍କର ପ୍ରାଇଭେଟ ସେକ୍ରେଟାରୀ ଥିଲେ। ସେହିଭଳି ପ୍ରଦୀପ କୁମାର ରାଉତଙ୍କୁ ଓକାକ ମୁଖ୍ୟ ନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ପୂର୍ବତନ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀଙ୍କ ପ୍ରାଇଭେଟ ସେକ୍ରେଟେରୀ ଗୌରହରି ବେହେରାଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ନୂଆ ନିଯୁକ୍ତି ମିଳିଛି। କେନ୍ଦୁଝରର ପୂର୍ବତନ ଅତିରିକ୍ତ ଡିଏମ୍ ଯଦୁମଣି ମହାଲଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଛି। କନ୍ଧମାଳ ଜିଲ୍ଲା ପରିଷଦର ସିଡିଓ-କମ୍-ଇଓ ଥିବା ରତ୍ନାକର ସାହୁଙ୍କୁ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ବା ଏଡିଏମ୍ ଭାବେ ବଦଳି କରାଯାଇଛି। ଯାଜପୁର ଜିଲ୍ଲା କଳିଙ୍ଗନଗରର ଏଡିଏମ୍ ଥିବା ଲଙ୍କେଶ୍ୱର ଅମାତଙ୍କୁ ଭଦ୍ରକ ଏଡିଏମ୍ ଭାବେ ବଦଳି କରାଯାଇଛି। ସୁନ୍ଦରଗଡ଼ ଜିଲ୍ଲା ବଣାଇର ତହସିଲଦାର ଥିବା ଅଶୋକ କୁମାର ଗଡ଼ତିଆଙ୍କୁ ଅତିରିକ୍ତ ଅବକାରୀ କମିଶନର ଭାବେ କଟକକୁ ବଦଳି କରାଯାଇଛି। ମୟୂରଭଞ୍ଜ ଏଡିଏମ୍ ଉଦୟ କୁମାର ମହାପାତ୍ରଙ୍କୁ ଅନୁଗୋଳ ଏଡିଏମ୍ ଭାବେ ବଦଳି କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଥିବା ଦରିଦ୍ରଭଞ୍ଜ ଏମ୍ ଏମ୍ ପାତ୍ରଙ୍କୁ ବାଲେଶ୍ୱର-ମୟୂରଭଞ୍ଜ ମେଜର ସେଟେଲମେଣ୍ଟର ସେଟେଲମେଣ୍ଟ ଅଫିସର ଭାବେ ବାରିପଦାକୁ ବଦଳି କରାଯାଇଛି। ଭୁବନେଶ୍ୱର ସ୍ଥିତ ସିଡିଆଇ ଅଫିସରେ ଏସ୍ଆର (ଜେନେରାଲ) ଭାବେ କାର୍ଯ୍ୟ କରୁଥିବା ଦିପ୍ତୀରଞ୍ଜନ ବେହେରାଙ୍କୁ ପୂର୍ତ୍ତ ବିଭାଗକୁ ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ନିରଞ୍ଜନ ବେହେରାଙ୍କୁ ଜଗତସିଂହପୁରର ପାରାଦୀପର ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ଭାବେ ବଦଳି କରାଯାଇଛି। ପାରାଦୀପରେ ଅତିରିକ୍ତ ଜିଲ୍ଲାପାଳ ବା ଏଡିଏମ ଭାବେ କାର୍ଯ୍ୟ କରୁଥିବା ଲଳିତ ମୋହନ ବେହେରାଙ୍କୁ ଢେଙ୍କାନାଳ ଜିଲ୍ଲା ପରିଷଦର ସିଡିଓ-କମ୍-ଇଓ ଭାବେ ବଦଳି କରାଯାଇଛି। ଓସେପାର ଯୁଗ୍ମ ନିର୍ଦ୍ଦେଶକ ଥିବା ସରୋଜ କୁମାର ବେହେରାଙ୍କୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ବା ଏଡିଏମ୍ ଥିବା ଶରତ ଚନ୍ଦ୍ର ମହାପାତ୍ରଙ୍କୁ ଗୃହ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ରାଇରଙ୍ଗପୁରର ପୂର୍ବତନ ସବ୍-କଲେକ୍ଟର ସରୋଜ କୁମାର ଦାଶଙ୍କୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ଏହା ସହିତ ସେ ପୂର୍ବଭଳି ଓୟୁଆଇଡିଏଫ୍‌ର ଏଓ ଭାବେ ଅତିରିକ୍ତ ଦାୟତ୍ୱ ତୁଲାଇବେ। କେନ୍ଦୁଝର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀଙ୍କୁ କଟକ ସ୍ଥିତ ବୋର୍ଡ ଅଫ୍ ରେଭିନ୍ୟୁକୁ ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ବଣାଇର ପୂର୍ବତନ ସବ୍-କଲେକ୍ଟର ସୂରଞ୍ଜନ କୁମାର ସାହୁଙ୍କୁ ସୁନ୍ଦରଗଡ଼ ଜିଲ୍ଲା ପରିଷଦର ସିଡିଓ-କମ୍-ଇଓ ଭାବେ ବଦଳି କରାଯାଇଛି। ପୂର୍ବତନ ଶ୍ରମ ଓ ଇଏସ୍ ?ଆଇ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଥିବା ଶମ୍ଭୁନାଥ ନନ୍ଦିଙ୍କୁ କନ୍ଧମାଳ ଜିଲ୍ଲା ପରିଷଦର ସିଡିଓ-କମ୍-ଇଓ ଭାବେ ନିଯୁକ୍ତ କରାଯାଇଛି। କେନ୍ଦୁଝର ଜିଲ୍ଲା ଚମ୍ପୁଆର ପୂର୍ବତନ ସବ୍-କଲେକ୍ଟର ସଂଯୁକ୍ତା ମାଝୀଙ୍କୁ ରାୟଗଡ଼ାର ଅତିରିକ୍ତ ଜିଲ୍ଲାପାଳ ବା ଏଡିଏମ୍ ଭାବେ ନିଯୁକ୍ତି ଦିଆଯାଇଛି। କେନ୍ଦୁଝରର ପୂର୍ବତନ ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ଲଳିତ ସୋରେଙ୍ଗଙ୍କୁ ଝାରସୁଗୁଡ଼ା ପିଡି (ଆର ଆଣ୍ଡ ଆର) ଭାବେ ନିଯୁକ୍ତି ଦିଆଯାଇଛି। ଢେଙ୍କାନାଳ ସବ୍-କଲେକ୍ଟର ସପନ କୁମାର ନନ୍ଦଙ୍କୁ ଯାଜପୁରର କଳିଙ୍ଗନଗର ଏଡିଏମ୍ ବା ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ଓଡ଼ିଶା ଅର୍ବାନ ଇନଫ୍ରାଷ୍ଟ୍ରକ୍ଚର ଡେଭେଲପମେଣ୍ଟ ଫଣ୍ଡର ଏଓ ତଥା ଜାଗା ମିଶନ ଓଏସ୍‌ଡି ଥିବା ସଞ୍ଜୟ କୁମାର ରାଉତଙ୍କୁ ଓଡ଼ିଶା ଷ୍ଟେଟ ବେଭେରେଜ୍ କର୍ପୋରେସନ (ଓଏସ୍‌ବିସି)ର ମହାପ୍ରବନ୍ଧକ ଭାବେ ବଦଳି କରାଯାଇଛି। ବାଲେଶ୍ୱରର ଅତିରିକ୍ତ ସବ୍-କଲେକ୍ଟର ଶୁଭଶ୍ରୀ ରଥଙ୍କୁ ନୀଳଗିରି ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି। ତାଳଚେରର ପୂର୍ବତନ ସବ୍-କଲେକ୍ଟର ମନୋଜ କୁମାର ତ୍ରିପାଠୀଙ୍କୁ ପାରଳାଖେମୁଣ୍ଡି ଆଇଟିଡିଏର ପିଏ ଭାବେ ବଦଳି କରାଯାଇଛି। ବରଗଡ଼ ଜିଲ୍ଲା ପଦ୍ମପୁରର ପୂର୍ବତନ ସବ୍-କଲେକ୍ଟର ଆଲୋକ କୁମାର ପଟେଲଙ୍କୁ ବଲାଙ୍ଗିର ସବ୍-କଲେକ୍ଟର ଓ ପାରଳାଖେମୁଣ୍ଡି ଆଇଟିଡିଏର ପିଏ ଭାବେ କାର୍ଯ୍ୟ କରୁଥିବା ଦିଲ୍ଲୀପ କୁମାର ବେହେରାଙ୍କୁ ଅନୁଗୋଳ ଜିଲ୍ଲା ଆଠମଲ୍ଲିକର ସବ୍-କଲେକ୍ଟର ଭାବେ ବଦଳି କରାଯାଇଛି। କଟକ ଜିଲ୍ଲା ଆଠଗଡ଼ ପୂର୍ବତନ ସବ୍-କଲେକ୍ଟର ପ୍ରଶାନ୍ତ କୁମାର ତରାଇଙ୍କୁ ଜଗତସିଂହପୁର ସବ୍-କଲେକ୍ଟର ଭାବେ ନିଯୁକ୍ତି ମିଳିଛି।

### ୫ ଦିନ ହେଲା ଧନୁ-ତୀର ଧରି ସ୍କୁଲକୁ ...

ଏହା ଦେଖି ସେମାନେ ସ୍କୁଲର ପ୍ରଧାନ ଶିକ୍ଷକ ଜଣାଇଥିଲେ।ପ୍ରଧାନ ଶିକ୍ଷକ ସ୍କୁଲ ପରିସରକୁ ଆସି ଧନ ସିଂ ମୁଣ୍ଡା ସହିତ କଥା ହେବାକୁ ପ୍ରୟାସ କରିଥିଲେ। ହେଲେ ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ବାଟୁଳି ଆକ୍ରମଣରେ ପ୍ରଧାନ ଶିକ୍ଷକଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତେଣୁ ସେ ସେଠାରୁ ଚାଲିଯାଇ ମହୁଲିପଦା ଥାନାରେ ଏତଲା ଦେଇଥିଲେ। ସୋମବାର ସ୍କୁଲକୁ ଶିକ୍ଷକ ଓ ଛାତ୍ରଛାତ୍ରୀ ଆସିଥିଲେ। ହେଲେ କାହାକୁ ଭିତରେ ପୂରାଇ ଦେଇ ନଥିଲେ ଧନ ସିଂ ମୁଣ୍ଡା। ସେଦିନ ପୁଲିସ୍ ଆସିଥିଲା। କିନ୍ତୁ ଅଳ୍ପ ପୁଲିସ୍ କର୍ମଚାରୀ ଆସିଥିଲେ। ଧନ ସିଂ ମୁଣ୍ଡାର ଉତ୍ପାତ ଦେଖି ସେମାନେ ପଳାଇଥିଲେ। ତା'ପର ଦିନ ଅର୍ଥାତ୍ ଗତକାଲି (ମଙ୍ଗଳବାର) ମହୁଲପଦା ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ୍ ଆସି ତାଙ୍କୁ ଧରିବାକୁ ପ୍ରୟାସ କରିଥିଲେ। ପୁଲିସକୁ ଦେଖି ଆକ୍ରମଣ କରିଥିଲେ ଧନ ସିଂ ମୁଣ୍ଡା। ତାଙ୍କ ତୀରମାଡ଼ରେ ଆହତ ହୋଇଥିଲେ ମହୁଲିପଦା ଆଇଆଇସି। ତାଙ୍କ ହାତରେ ତୀର ବାଜିଥିଲା। ସେହିପରି ଆଉ ୨ ଜଣ ପୁଲିସ କର୍ମଚାରୀ ମଧ ଆହତ ହୋଇଥିଲେ। ପରେ ବଣାଇ ଏସ୍‌ଡିପିଓଙ୍କ ନେତୃତ୍ୱରେ ଧନ ସିଂ ମୁଣ୍ଡାଙ୍କୁ ଧରିବାକୁ ଆରମ୍ଭ ହୋଇଥିଲା ଅପରେସନ। ସଶସ୍ତ୍ର ପୁଲିସ, ସନ୍ଧାନୀ କୁକୁର, ଅଗ୍ନିଶମ ବାହୀନି ଓ ଡିଭିଏଫ୍‌ଙ୍କ ସହାୟତାରେ କରାଯାଇଥିଲା ଅପରେସନ। ତଥାପି ଗତକାଲି ପୁଲିସକୁ ସଫଳତା ମିଳି ନଥିଲା। ଆଜି ଦିନ ସାରା ମଧ ସଫୂତା ମିଳି ନଥିଲା ପୁଲିସକୁ। ଶେଷରେ ଅପରାହ୍ନରେ ତାଙ୍କୁ ଧରିବାରେ ସଫଳ ହୋଇଥିଲେ ସୁରକ୍ଷାକର୍ମୀ। ତେବେ ସେ କେଉଁ ଉଦ୍ଦେଶ୍ୟ ରଖି ଏହି କାଣ୍ଡ କରିଥିଲେ, ତାହା ପଚରାଉଚରା ପରେ ଜଣାପଡ଼ିବ ବୋଲି ବଣାଇ ଏସ୍‌ଡିପିଓ କହିଛନ୍ତି। ୫ ଦିନ ଧରି ସ୍କୁଲକୁ କବଜା କରି ରଖିବା ପରେ ଆଜି ଧନ ସିଂ ମୁଣ୍ଡା ତାଙ୍କ ଦାବି ଜଣାଇଥିଲେ।

### ଭରତପୁର ଥାନା କାଣ୍ଡ: ନିଲମ୍ବିତ ...

ଭରତପୁର ଥାନାରେ ପୁଲିସ ମାଡ଼ ମାରିବା ସହ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ଆଇଆଇସି ସମେତ ୫ ଜଣଙ୍କୁ ନିଲମ୍ବିତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମାମଲାରେ ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ କ୍ରାଇମବ୍ରାଞ୍ଚ ଏହି ଘଟଣାର ତଦନ୍ତ କରୁଛି।

ଗୁରୁବାର, ୨୬ ସେପ୍ଟେମ୍ବର , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା


# ୬୩ ତମ ଆନ୍ତଃ ଜିଲ୍ଲା ସାହାଣୀ କପ ଫୁଟବଲ ଚମ୍ପିୟନସିପ ଉଦଘାଟିତ

ପାରାଦୀପ, ୨୫/୯ (ନି.ପ୍ର): ୬୩ ତମ ସିନିୟର ପୁରୁଷ ଆନ୍ତଃ ଜିଲ୍ଲା ସାହାଣୀ କପ ଫୁଟବଲ ଚମ୍ପିୟନସିପ ଆଜି ଅପରାହ୍ନରେ ପାରାଦୀପ ବନ୍ଦରର ଗୋପବନ୍ଧୁ ଷ୍ଟାଡିଅମ ଠାରେ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ସମାରୋହରେ ପାରାଦୀପ ବନ୍ଦର ଟ୍ରାଫିକ ଉପଦେଷ୍ଟା ଆଶିଷ କୁମାର ବୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ଅନ୍ୟତମ ଅତିଥିଭାବେ ଓଡିଶା ଫୁଟବଲ ଆସୋସିଏସନର ସମ୍ପାଦକ ଆଶୀର୍ବାଦ ବେହେରା, ଇଫକୋ ପାରାଦୀପ ୟୁନିଟ ମୁଖ୍ୟ କେ.ଜେ.ପଟେଲ, ପାରାଦୀପ ବନ୍ଦର କ୍ରୀଡା ପରିଷଦର ସଭାପତି ଡି.ଏନ.ସୋଣ୍ଡି, କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ, ସମ୍ପାଦକ ରଞ୍ଜନ ରଶ୍ମି ବେଉରା, ଫୁଟବଲ କୋଚ ରବି ଦାସ ପ୍ରମୁଖ ଯୋଗ ଦେଇଥିଲେ।ଏଥିରେ ଓଡିଶା ଫୁଟବଲ ଆସୋସିଏସନର କାର୍ଯ୍ୟକର୍ତ୍ତା ଏବଂ ପାରାଦୀପ ବନ୍ଦରର ଉଚ୍ଚ ପଦସ୍ତ ଅଧିକାରୀ ମାନେ ଏହି ଉଦଘାଟନୀ ସମାରୋହରେ ମଧ୍ୟ ଉପସ୍ଥିତ ଥିଲେ। ଏହି ଚମ୍ପିୟନସିପରେ କଟକ, ଗଞ୍ଜାମ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଭୁବନେଶ୍ୱର, ପାରାଦୀପ, କେନ୍ଦ୍ରାପଡ଼ାର ଖେଳାଳୀ ମାନେ ଅଂଶଗ୍ରହଣ କରିବା ନେଇ ଜଣାପଡିଛି ।ଏହା ଏକ ସପ୍ତାହ ଧରି ଚାଲିବ। ତେବେ ଉଦଘାଟନୀ ଦିବସରେ ଦିନ ତମାମ ବର୍ଷା ଲାଗିରହିଥିବାରୁ ଖେଳକୁ ସ୍ଥଗିତ ରଖାଯାଇଛି।ଅପରାହ୍ନରେ ଉଦଘାଟନ ହେବା ପରେ ଆସନ୍ତା କାଲି ସକାଳେ ଖେଳ ଅନୁଷ୍ଠିତ ହେବ ବୋଲି କ୍ରୀଡା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।




# ପାରାଦୀପ ବନ୍ଦର ପକ୍ଷରୁ ୪୭ତମ ଆର୍ନ୍ତଜାତୀୟ ନୌବାଣିଜ୍ୟ ଦିବସ ପାଳିତ



ପାରାଦୀପ, ୨୫/୯ (ନି.ପ୍ର): ପାରାଦୀପ ବନ୍ଦର ପକ୍ଷରୁ ବୁଧବାର ଦିନ ୪୭ ତମ ଆର୍ନ୍ତଜାତୀୟ ନୌବାଣିଜ୍ୟ ଦିବସ ପାଳିତ ହୋଇଯାଇଛି । ଚଳିତ ବର୍ଷର ଶୀର୍ଷକ 'ନାଭିଗେଟିଙ୍ଗ ଦି ଫିୟୁଚର- ସେଫଟି ଫାଷ୍ଟ' ରହିଛି । ଏହି ଦିବସ ପାଳନ ନିମନ୍ତେ କୌଣସି ନିର୍ଦ୍ଧିଷ୍ଟ ଦିବସ ସ୍ଥିରିକୃତ ହୋଇ ନଥିବା ବେଳେ ବିଭିନ୍ନ ଅନୁଷ୍ଠାନମାନେ ନିଜର ସମୟାନୁଯାୟୀ ପାଳନ କରିଥାନ୍ତି । ପ୍ରାୟତଃ ସେପଟ୍ମେର ମାସ ଶେଷ ସପ୍ତାହରେ ଏହି ଦିବସ ପାଳନ କରାଯାଇଥାଏ । ଚଳିତ ବର୍ଷ ଭାରତ ସରକାର ସେପଟ୍ମେର ମାସ ୨୫ ତାରିଖରେ ଏହି ଦିବସ ପାଳନ କରିବାକୁ ଘୋଷଣା କରିଥିଲେ । ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଆୟୋଜିତ ସମାରୋହରେ ବନ୍ଦର ଉପସଂରକ୍ଷକ କ୍ୟାପଟ୍ଟେନ୍ ଏ.ସି.ସାହୁ ନୌବାଣିଜ୍ୟ ପତାକା ତୋଳନ କରିଥିଲେ । ମେରାଇନ୍ ସାଇଟ୍ ଅଫିସ୍ ପରିସରରେ ଅନୁଷ୍ଠିତ ଏହି ସମାରୋହରେ ବନ୍ଦର ବିଭାଗୀୟ ମୁଖ୍ୟ, ଓଡିଶା ମେରିଟାଇମ୍ ଏକାଡେମୀ ଛାତ୍ରମାନେ ଉପସ୍ଥିତ ଥିଲେ । ଏହା ପରେ ପୋର୍ଟ ଅଫିସର୍ସ କ୍ଲବ୍ ପରିସରରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ମେରାଇନ୍ ଇଂଜିନିୟର ଏମ.କେ.ମିଶ୍ର, କ୍ୟାପଟ୍ଟେନ୍ ଏସ.ଏସ.ମିଶ୍ର ଚଳିତ ବର୍ଷର ବିଷୟବସ୍ତୁ ନାଭିଗେଟିଙ୍ଗ ଦି ଫିୟୁଚର- ସେଫଟି ଫାଷ୍ଟ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ ।

# ସମ୍ବର୍ଦ୍ଧିତ ହେବେ ସଫେଇ କର୍ମଚାରି 'ମଂଟୁ ମୁଖୀ'

ଉଦଳା , ୨୫/୯ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ଚାଲିଥିବା 'ସ୍ୱଚ୍ଛତାହିଁ ସେବା' କାର୍ଯ୍ୟକ୍ରମର ଉଦ୍‌ଯାପନି ଉତ୍ସବରେ ସଫେଇ କର୍ମଚାରି ମଂଟୁ ମୁଖୀ ସମ୍ବର୍ଦ୍ଧିତ ହେବେ ବୋଲି ନଗରପାଳ ପ୍ରମିଳା ପଣ୍ଡା ଘୋଷଣା କରିଛନ୍ତି । ଗତ ୨୦୧୦ ମସିହା ଏପ୍ରିଲ ୧ ତାରିଖରୁ ମଂଟୁ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ସଫେଇ କର୍ମଚାରି ଭାବରେ କାର୍ଯ୍ୟ କରି ଆସୁଛନ୍ତି । ତାଙ୍କର ପିତା ବିଦ୍ୟାଧର ମୁଖୀ ଅତିତରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଉପନଗରପାଳ ଭାବରେ ନିର୍ବାଚିତ ହୋଇ ନିଜର ଦାୟିତ୍ୱ ତୁଲାଇଥିଲେ । ମଂଟୁ ୧୯୯୫ ମସିହାରେ ଉଦଳା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ କରିବା ପରେ ୧୯୯୬-୯୭ ଦୁଇ ବର୍ଷ ଧରି ଉଦଳା ମହାବିଦ୍ୟାଳୟରେ +୨ କଳାର ଛାତ୍ର ଥିଲେ । କିନ୍ତୁ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେ ପରେ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହେଲେ । ଦିର୍ଘ ୧୪ ବର୍ଷ ଧରି ଜଣେ



ସଫେଇ କର୍ମଚାରି ଭାବରେ ନିଷ୍ଠାପର ସହକାରେ ନିଜର ଦାୟିତ୍ୱ ତୁଲାଇବା ସହିତ ସେ ଆଦୌ କୌଣସି ନିଶା ଦ୍ରବ୍ୟ ସେବନ କରୁନଥିବାରୁ ବହୁ ଲୋକଙ୍କ ମୁଖରେ ତାଙ୍କର ପ୍ରଶଂସା ଶୁଣିବାକୁ ମିଳେ । ତାଙ୍କର ଏହିସବୁ ଭଲ ଗୁଣରେ ମୁଗ୍ଧ ହୋଇ ଚଳିତ ବର୍ଷ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତି ଦିନ ସମ୍ବର୍ଦ୍ଧିତ କରାଯିବାର ନିଷ୍ପତି ନିଆଯାଇଛି ବୋଲି ନଗରପାଳ ଶ୍ରୀମତି ପଣ୍ଡା କହିଛନ୍ତି । ଉକ୍ତ ଖବର ମଂଟୁ ଶୁଣିବା ପରେ ସେ ଏଥିପାଇଁ ଖୁବ୍ ଆନନ୍ଦିତ ଥିବାର ପ୍ରକାଶ କରିଛନ୍ତି । ସେ ତାଙ୍କର ଅନ୍ୟ ସାଥି ଭାଇ ମାନଙ୍କୁ ନିଶା ଦ୍ରବ୍ୟ ସେବନ ପରିତ୍ୟାଗ କରିବାକୁ ଅନୁରୋଧ ଜଣାଇଛନ୍ତି ।

# ଶିଶୁ ଶ୍ରମିକ ନିରାକରଣ ପାଇଁ ସ୍ୱତନ୍ତ୍ର ଧରପଗଡ଼: ୨ ଶିଶୁ ଶ୍ରମିକ ଉଦ୍ଧାର



ଭଦ୍ରକ, ୨୫/୯ (ନି.ପ୍ର): ଶିଶୁ ଶ୍ରମିକ ନିରାକରଣ ଉଦ୍ଦେଶ୍ୟରେ ଗଠିତ ଭଦ୍ରକ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ଦ୍ୱାରା ଏକ ସ୍ୱତନ୍ତ୍ର ଧରପଗଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟାଉନ୍‌ଥାନା ର ପୋଲିସଙ୍କ ସହାୟତା ନେଇ ଭଦ୍ରକର ଡ଼ାହାଣୀଗଡ଼ିଆ, ଛପୁଲିଆ, ଚରମ୍ପା ଅଞ୍ଚଳରେ ଥିବା ହୋଟେଲ ଓ ଗ୍ୟାରେଜମାନଙ୍କରେ ଚଢ଼ଉ କରାଯାଇ ୨ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା । ସହକାରୀ ଶ୍ରମ ଅଧିକାରୀ ରତ୍ନାକର ମଲ୍ଲିକ ଏବଂ ପ୍ରତ୍ୟୁଷ କୁମାର ବେହେରା, ପୋଲିସ୍, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀଙ୍କ ମିଳିତ ନେତୃତ୍ୱରେ ଏହି ଚଢ଼ଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦ୍ଧାର କରାଯାଇଥିବା ଶିଶୁ ଶ୍ରମିକ ଦୁଇଜଣଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ କମିଟି ପାଖରେ ହାଜର କରାଯାଇଛି । ସୂଚନାଯୋଗ୍ୟକି ଏହି ୨ଜଣ ଯାକ ଶିଶୁ ଶ୍ରମିକଙ୍କୁ ଗ୍ୟାରେଜରେ କାର୍ଯ୍ୟ କରୁଥିବା ସମୟରେ ଉଦ୍ଧାର କରାଯାଇଥିଲା ।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମ ଜୟନ୍ତୀ

ବାଲେଶ୍ୱର, ୨୫/୯ (ନି.ପ୍ର): ଏକାଧାରରେ ଜଣେ ଦେଶପ୍ରାଣ ମାନବବାଦୀ ନେତା, ନିସ୍ୱାର୍ଥପର ଜନସେବକ, ପ୍ରବୀଣ ରାଷ୍ଟ୍ରନୀତିଜ୍ଞ, ବିଶିଷ୍ଟ ସମାଜ ବିଜ୍ଞାନୀ, ପ୍ରଖ୍ୟାତଯଶା ଐତିହାସିକ, ତେଜସ୍ୱୀ ପଞ୍ଚାପୁରୁଷ, ଏକାତ୍ମ ମାନବବାଦର ପ୍ରଣେତା, ଅନ୍ତଦ୍ୱୟର ବାର୍ତ୍ତା ବାହକ, ଭାରତୀୟ ଜନସଂଘର ପ୍ରତିଷ୍ଠାତା, ଭାରତ ମାତାର ସୁଯୋଗ୍ୟ ସନ୍ତାନ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜନ୍ମ ଜୟନ୍ତୀକୁ ଭାରତୀୟ ଜନତା ପାର୍ଟିର ବାଲେଶ୍ୱର ଜିଲା ପକ୍ଷରୁ ଅତ୍ୟନ୍ତ ହର୍ଷୋଉଲ୍ଲାସରେ ପାଳିତ କରାଯାଇଛି। ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାକାର୍ଯ୍ୟକୁ ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ପରିଚାଳନା କରିଥିଲେ। ପଣ୍ଡିତ ଦିନଦୟାଲଙ୍କ ବାଲ୍ୟ ଜୀବନରୁ ଆରମ୍ଭ କରି ତାଙ୍କ




ସନ୍ଦେହଜନକ ମୃତ୍ୟୁ ପର୍ଯ୍ୟନ୍ତ ସ୍ମୃତି ଚାରଣ କରି ସଭାପତି ଶ୍ରୀଯୁକ୍ତ ଉମାକାନ୍ତ ମହାପାତ୍ର ତାଙ୍କ ବ୍ୟକ୍ତବ୍ୟରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ମାର୍ଗରେ ଦଳର କର୍ମୀ ମାନଙ୍କୁ ପରିଚାଳିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟ ବକ୍ତା ମାନେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ, ବକ୍ତାମାନେ ପଣ୍ଡିତ ଦିନଦୟାଲଙ୍କୁ ରାଷ୍ଟ ପାଇଁ ତ୍ୟାଗ, ତପସ୍ୟା, ବଳିଦାନର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ଅଭିହିତ କରିଥିଲେ। ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସମ୍ପାଦକ ଆଶିଷ ଘୋଷ, ବିଭୁପଦ ଦାସ, ଉପସଭାପତି କମଳଲୋଚନ ଦାସ, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁସ୍ମିତା ପଣ୍ଡା, ଏସସି ମୋର୍ଚ୍ଚା କାର୍ଯ୍ୟକାରୀ ସଭାପତି ସନ୍ତୋଷ ସେଠୀ, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, କାଉନସିଲର ସୁଚିସ୍ମିତା ପଣ୍ଡା, ସୁମନ୍ତ ମହାଳିକ, ବିଶ୍ୱଜିତ ନନ୍ଦ, ହରିଶଙ୍କର ଜେନା, ବନ୍ଦନା ବିଶ୍ୱାଳ, ଅନ୍ନପୂର୍ଣ୍ଣା ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଦୁର୍ବଳ ହେଲା ଲଘୁଚାପ: ୪୮ ଘଂଟା ବର୍ଷିବ

ଭୁବନେଶ୍ୱର, ୨୫/୯ (ନି.ପ୍ର): କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଦୁର୍ବଳ ହୋଇଛି। ଘୂର୍ଣ୍ଣିବଳୟ ଛତିଶଗଡ଼ ଉପରେ ରହିଛି। ଏହାର ପ୍ରଭାବରେ ଆସନ୍ତା ୪୮ ଘଣ୍ଟା ଯାଏଁ ବର୍ଷା ରହିବ ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ଘଡ଼ଘଡ଼ି ବିଜୁଳି ସହିତ ବର୍ଷା ନେଇ ସେ ସତର୍କତା ଜାରି କରିଛନ୍ତି । ଉତ୍ତର ଓଡ଼ିଶାରେ କିଛି ସ୍ଥାନରେ ଭଲ ବର୍ଷା ହୋଇପାରେ। ୪୮ ଘଂଟା ପରେ ବର୍ଷା କମିଥିଲେ ବି ସମ୍ପୂର୍ଣ୍ଣ କମି ନାହିଁ। ରାଜ୍ୟରେ ହାଲୁକାରୁ ମଧ୍ୟମ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ଇମାମି ପେପର ମିଲ ତରଫରୁ ବୃକ୍ଷ ରୋପଣ: ସାଂସଦଙ୍କ ପ୍ରଶଂସା

ନୀଳଗିରି , ୨୫/୯ (ନି.ପ୍ର): ଇମାମି କାରଖାନା ପକ୍ଷରୁ ନୀଳଗିରି ବ୍ଲକ ଧୋବାଶିଳା ପଂଚାୟତ ଅଫିସ ପ୍ରାଙ୍ଗଣରେ ମହିଳା ମାନଙ୍କୁ ମୂଲ୍ୟବାନ ଚାରା ବୃକ୍ଷ ବଣ୍ଟନ କରାଯାଇଛି । ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ଚାରା ବୃକ୍ଷ ବଣ୍ଟନ କାର୍ଯ୍ୟକ୍ରମ ର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଇମାମି କାରଖାନା ର କନିଷ୍ଠ ପରିଚାଳକ (ଜୁନିୟର ମ୍ୟାନେଜର) ଆଶିଷ ସେନ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଯୁବ ନେତା ତାପସ ମହାନ୍ତି, ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଆୟୋଜିତ ମହିଳା ସମାବେଶ କୁ ଉଦବୋଧନ ଦେଇ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି ଯେ ପ୍ରଦୂଷଣ ମୁକ୍ତ ପରିବେଶ ପାଇଁ ବୃକ୍ଷ ରୋପଣ




ନିହାତି ଆବଶ୍ୟକ । ମୂଲ୍ୟବାନ ଚାରା ବୃକ୍ଷ ଯୋଗାଇବା ଏବଂ ଗଛ ଲଗାଇବା ପାଇଁ ବିଶେଷ କରି ମହିଳା ମାନଙ୍କୁ ପ୍ରୋତ୍ସାହିତ କରିବା ଦିଗରେ ଇମାମି କାରଖାନା ର କର୍ତ୍ତୃପକ୍ଷଙ୍କ ମହାନ ଉଦ୍ୟମକୁ ସାଂସଦ ଉଚ୍ଚ ପ୍ରଶଂସା କରିଥିଲେ । ଧୋବାଶିଳା ପଞ୍ଚାୟତ ର ପ୍ରାୟ ୧ ହଜାର ରୁ ଅଧିକ ମହିଳା ଏଥିରେ ଯୋଗ ଦେଇଥିଲେ । ଉତ୍ତମ କିସମ ର ଆମ୍ବ, ଚାରା ସହିତ ମୂଲ୍ୟବାନ ମେହେଗାନି, ସଜନା ଏବଂ ଆକାଶୀ ଚାରା ବୃକ୍ଷ ବଣ୍ଟନ ହୋଇଥିଲା ମୋଟ ୧୨ ଶହ ଚାରା ବଣ୍ଟନ ରେ ଇମାମି କର୍ମଚାରୀ ନିତ୍ୟାନନ୍ଦ ମହାନ୍ତି, ବିନୋଦ ବେହେରା, ସମାଜସେବୀ ପ୍ରଦୀପ୍ ସ, ପୂର୍ଣଚନ୍ଦ୍ର ସ, ମନୀନ୍ଦ୍ର , ଗଜେନ୍ଦ୍ର ଗିରି, ଜୟନ୍ତୀ ମଳିକ, ଅଜିତ ବାରିକ ପ୍ରମୁଖ ସହଯୋଗ କରିଥିଲେ । ଇମାମି କାରଖାନା ପକ୍ଷରୁ ବିଭିନ୍ନ ଅନୁଷ୍ଠାନ, ସ୍କୁଲ କଲେଜ ପରିସରରେ ଏହିଭଳି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହିତ ଅନ୍ୟ ଜନମଙ୍ଗଳ କାର୍ଯ୍ୟ ଜାରି ରହିଥିବା ବିଷୟରେ ବରିଷ୍ଠ ପରିଚାଳକ ସମାଜସେବୀ ମନୋଜ କୁମାର ପାଢ଼ୀ ସୂଚନା ଦେଇଛନ୍ତି ।

# ରାଜ୍ୟସ୍ତରୀୟ ସାହାଣୀ କପ - ୨୦୨୪ ଉଦଘାଟିତ : ମୟୁରଭଞ୍ଜ ଓ ବୌଦ୍ଧ ବିଜୟୀ



ବାରିପଦା , ୨୫/୯ (ନି.ପ୍ର): ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ଓ ଓଡିଶା ଫୁଟବଲ ଏସୋସିଏସନର ସହଯୋଗୀତାରେ ଅନୁଷ୍ଠିତ ସାହାଣୀ କପ - ୨୦୨୪ ଉଦଘାଟିତ ହୋଇଯାଇଛି ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ସାହାଣୀ କପ - ୨୦୨୪ କୁ ଉଦଘାଟନ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଅତିଥି ଭାବେ ଫାଓର ଉପ ସଭାପତି ପଦ୍ମଲୋଚନ ଲେଙ୍କା, ଅସିତ ପତି, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ସୁବ୍ରମନିୟମ ମହାନ୍ତି, ମନୋଜ ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ ସମ୍ପାଦକ ଅମର କୁମାର ସେଠୀ ତଥା କାଉନସିଲ ସଦସ୍ୟ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ହରପ୍ରସାଦ ପାତ୍ର, ଅମ୍ବିକା ରାଉତ, ପ୍ରସନ୍ନଜିତ ମହାନ୍ତି, ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ଓ ପ୍ରଥମ ମ୍ୟାଚରେ ବୌଦ୍ଧ ଅନୁଗୁଳକୁ ୪ - ୧ ରେ ଗୋଲରେ ବିଜୟ ଲାଭ କରିଛି ଓ ବୌଦ୍ଧ ପକ୍ଷରୁ କେଦାର ପଟେଲ (୪ ମି ), ସାଗର ଗୁପ୍ତା (୨୫ ମି ) ଓ ଅନୁରାଗ ସାହୁ (୨୮ ଓ ୭୨ମି ) ରେ ଗୋଲ କରିଥିବା ବେଳେ ଅନୁଗୁଳ ତରଫରୁ ଫାଡୁ ଚରଣ ମୁର୍ମୁ (୪୪ମି ) ରେ ଏକ ମାତ୍ର ଗୋଲ କରିଥିଲେ ଓ ଲକ୍ଷ୍ମଣ ଶେଖ, ବିବେକ କୁମାର ନାୟକ, ବାପୁନ କୁମାର ମହାନ୍ତ ଓ ସତ୍ୟ ନାରାୟଣ ମିଶ୍ର ଖେଳ ପରିଚାଳନା କରିଥିଲେ ଓ ବୌଦ୍ଧ ଦଳର ଅନୁରାଗ ସାହୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିବା ବେଳେ ସ୍ୱ. ମହେଶ ଦାଶ ସ୍ମୃତି ସମ୍ମାନ ସ୍ୱରୂପ ତାଙ୍କ ସୁପୁତ୍ର ଲୋହିତ ଦାଶ ୨ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଓ ଉପଢୌକନ ଦେଇ ମୁଖ୍ୟ ଅତିଥିଙ୍କ ହାତରେ ସମ୍ମାନିତ କରିଥିଲେ ଓ ଦ୍ୱିତୀୟ ମ୍ୟାଚରେ ଆୟୋଜକ ମୟୁରଭଞ୍ଜ ଭଦ୍ରକ କୁ ୨-୧ ଗୋଲରେ ପରାସ୍ତ କରିଥିବାବେଳେ ମୟୁରଭଞ୍ଜର ହାମ୍ବିରା ହେମ୍ବ୍ରମ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ ଓ ମୟୁରଭଞ୍ଜ ତରଫରୁ ଫାଗୁ ହେମ୍ବ୍ରମ (୨ମି ) ଓ ହାମ୍ବିରା ହେମ୍ବ୍ରମ (୬୮ମି ) ରେ ଗୋଲ ଦେଇଥିବା ବେଳେ ଭଦ୍ରକ ଦଳର ବିଜୟ କିସ୍କୁ (୫୦ମି ) ରେ ଏକ ମାତ୍ର ଗୋଲ କରିଥିଲେ ଓ ଲକ୍ଷ୍ମଣ ସାଠ, ବିବେକ କୁମାର ନାୟକ, ସୂର୍ଯ୍ୟ ନାରାୟଣ ମିର୍ଦ୍ଧା ଓ ବାପୁନ କୁମାର ମହାନ୍ତ ଖେଳ ପରିଚାଳନା କରିଥିଲେ ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ବାଘା ଯତୀନ ସ୍ମୃତି ପରିଷଦର ୧୫ ଦିନର ସାଇକେଲ ଯାତ୍ରା ଶେଷ: ବିଭିନ୍ନ ସ୍ଥାନରେ ଭବ୍ୟ ସମ୍ବର୍ଦ୍ଧନା

ଲଙ୍ଗଳେଶ୍ୱର, ୨୫/୯ (ନି.ପ୍ର): ବାଲିଆପାଳ ବାଘା ଯତୀନ ସ୍ମୃତି ପରିଷଦର ୧୫ ଦିନର ସାଇକେଲ ଯାତ୍ରା ର ବୁଧବାର ପରି ସମାପ୍ତି ଘଟିଛି। ଦେହ ପାଇଁ ଯୋଗ, ମୃର୍ତ୍ତିକା ପାଇଁ ଜୈବ ସାର, ପରିବେଶ ପାଇଁ ବୃକ୍ଷ ରୋପଣ ଆଦି ଲକ୍ଷ୍ୟର ପୂରଣ ନେଇ ଉତ୍ତର ପ୍ରଦେଶର ଅଯୋଧ୍ୟା ଯାତ୍ରା କରିଥିବା ଏହି ଅଭିଯାତ୍ରୀ ଦଳକୁ ବିଭିନ୍ନ ସ୍ଥାନରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।ଅଭିଯାତ୍ରୀ ଦଳ ଗତ ୯ ତାରିଖ ଦିନ ବାଲିଆପାଳ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରୁ ଯାତ୍ରା ଆରମ୍ଭ କରି ଥିବା ବେଳେ ଜିଲ୍ଲାର ସିଦ୍ଧି କଲ୍ୟାଣ ମଣ୍ଡପ, ରେମୁଣା ଜଗନ୍ନାଥ ମନ୍ଦିର, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବାସ ଗୃହ,କପ୍ତିପଦା, ବାରିପଦା ଯୁବ ବିକାଶ ସଂଗଠନ, ଝାଡଖଣ୍ଡର ନୃରସିଂ ଗଡ଼,ଚାନ୍ଦିଲ, ଗୁଲା, ହଜାରିବାଗ, ବିହାରର ଗୟା, ଫତେପୁର, ବିକ୍ରମ ଗଞ୍ଜ,




ବକ୍ସର, ଉତ୍ତର ପ୍ରଦେଶର ଗାଜିଆବାଦ, ଆଜମ ଗଡ଼, କୋଏଲ୍ସ, ଅତିକ୍ରମ କରି ଅଯୋଧ୍ୟାରେ ପହଁଞ୍ଚି ଥିଲେ ।ଅଯୋଧ୍ୟାରେ କମସେବାକ ପୁରମ, ହନୁମାନ ଗଡ଼, କନକ ଭବନ, ଦଶରଥ ଭବନ, ନନ୍ଦିଗ୍ରାମ, ମଣି ପର୍ବତ, ସୂର୍ଯ୍ୟ କୁଣ୍ଡ, ପ୍ରୟାଗ ରାଜ ଆଦିକୁ ଯାତ୍ରା ସହିତ ରାତ୍ରି ରହଣି ହୋଇଥିଲା । ପ୍ରଭୁ ରାମ ଲାଲାଙ୍କ ଦର୍ଶନରେ ଯାତ୍ରାର ଅନ୍ତିମ ଲକ୍ଷ୍ୟ ହୋଇ ଥିଲା। ଅଭିଯାତ୍ରୀ ଦଳକୁ ଉପରୋକ୍ତ ସ୍ଥାନ ମାନଙ୍କରେ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା। ତାହାଛଡା ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ଅଭିଯାତ୍ରୀ ମାନଙ୍କର ସମସ୍ତ ସୁରକ୍ଷା, ରାତ୍ରି ରହଣି ବ୍ୟବସ୍ଥା ଯୋଗାଇ ଦିଆ ଯାଇଥିଲା। ବିକ୍ରମ ଗଞ୍ଜରେ ଡିଭାନ ପବ୍ଲିକ ସ୍କୁଲ, ଗଜିଆ ବାଦର ସପ୍ତଦେବ ଇଂଜିନିୟରିଂ କଲେଜ, ଆଜମ ଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ଅଭିଯାତ୍ରୀ ଦଳକୁ ଚମ୍ପକ ରାୟ , ରାଜେନ୍ଦ୍ର ମିଶ୍ର ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ମାନେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇବା ସହ ସମସ୍ତ ସୁବ୍ୟବସ୍ଥା କରିଥିଲେ ପରିଷଦର ସଭାପତି ଅରବିନ୍ଦ ବେହେରା ଓ ସମ୍ପାଦକ ମନ୍ମଥ କୁମାର ପାତ୍ର କହିଛନ୍ତି। ତେବେ ପ୍ରତିକୂଳ ପାଗ ଯୋଗୁଁ ଫେରନ୍ତା ଅଭିଯାତ୍ରୀ ଦଳକୁ ବାଲିଆପାଳ ରେ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ପାରି ନାହିଁ।

# ହାତୀ ଉଜାଡୁଛନ୍ତି ଧାନ ଫସଲ: ପ୍ରତିକାର ନହେଲେ ରାଜ ରାସ୍ତାକୁ ଓହ୍ଲାଇବେ ଚାଷୀ

ନୀଳଗିରି , ୨୫/୯ (ନି.ପ୍ର): ବଣସୀମା ଅଞ୍ଚଳରେ ହାତୀ ଉପଦ୍ରବ ଦୈନନ୍ଦିନ ଦେଖିବାକୁ ମିଳିଥିବା ବେଳେ ଏକର ଏକର ଧାନକ୍ଷେତକୁ ନଷ୍ଟ କରିଚାଲିଛନ୍ତି। ହେଲେ ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନ ନେବା ଚାଷୀଙ୍କ ଦୁଃଖକୁ ବଢେଇ ଦେଉଛି। ବରହମପୁର ଅଞ୍ଚଳର ଅଁଳାପାଳ, ନରଣପୁର, ଗେନ୍ଦ୍ରସାହି, ତୁରାଣିଆ, ଦଳକି,ବେତନାଳିଆ ଅଞ୍ଚଳରେ ପ୍ରତିଦିନ ଅପରାହ୍ନ ୪ଟା ସମୟରେ ହାତୀପଲ ବିଲ କ୍ଷେତରେ ପଶି ସବୁ ଧାନ କ୍ଷେତକୁ ନଷ୍ଟ କରିଚାଲିଛନ୍ତି। ଅନାବୃଷ୍ଟି ପରେ ପରେ ଯାହାବି ଚାଷୀକୂଳ ଚାଷ କରିଥିଲେ ଏବେ ହାତୀ ଉପଦ୍ରବ ଯୋଗୁଁ ଚାଷ ଉଜୁଡ଼ିବାକୁ ବସିଲାଣି। ଫଳରେ ସ୍ଥାନୀୟ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏଥିପ୍ରତି ବନବିଭାଗ କୌଣସି ପଦକ୍ଷେପ ନଥିବା ବେଳେ ଆଗାମୀ ଦିନରେ ସମସ୍ତ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ ନେତା ଚନ୍ଦନ କୁମାର ରାଉତ, ପୁରୁଷୋତ୍ତମ ସାହୁ ସୂଚନା ଦେଇଛନ୍ତି।

# ଆନ୍ଦୋଳନରୁ ଓହରିଲେ କ୍ୟାପିଟାଲ ହସ୍ପିଟାଲ ସଫେଇ କର୍ମଚାରୀ

ଭୁବନେଶ୍ୱର, ୨୫/୯ (ନି.ପ୍ର): ଆନ୍ଦୋଳନରୁ ଓହରିଲେ କ୍ୟାପିଟାଲ ହସ୍ପିଟାଲ ସଫେଇ କର୍ମଚାରୀ । ବୋନସ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି । ୩ ଦିନ ପରେ ଆନ୍ଦୋଳନରୁ ଓହରିଛନ୍ତି ସଫେଇ କର୍ମଚାରୀ । ଏଠାରେ ସୂଚନାଯୋଗ୍ୟ, କ୍ୟାପିଟାଲ ହସ୍ପିଟାଲରେ ସଫେଇ କର୍ମଚାରୀମାନେ ତିନିଦିନି ହେଲା କାମ ବନ୍ଦ ଆନ୍ଦୋଳନ କରୁଥିଲେ । ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ସଫେଇ କର୍ମଚାରୀ ଧାରଣା ଦେଇଥିଲେ ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo